# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 167 | ଭାଗ ୩୩ | ସଂଖ୍ୟା ୧୬୭ | Sunday 7 September 2025 | Page 8 Rs. 5.00 | ଭୁବନେଶ୍ୱର ରବିବାର ୭ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଆମେରିକା ଯିବେ ନାହିଁ ପ୍ରଧାନମନ୍ତ୍ରୀ ମୋଦି
ପୃଷ୍ଠା ୪

# ଇସ୍କନ୍‌କୁ ଚରମବାଣୀ, ବଦଳିପାରିବନି ତିଥି

- ଆବଶ୍ୟକ ସ୍ଥଳେ ଆଇନର ଆଶ୍ରୟ ନିଆଯିବ
- ମହାପ୍ରଭୁଙ୍କ ନୀତି ନିଜେ ମହାପ୍ରଭୁ ନିର୍ଦ୍ଧାରଣ କରିଛନ୍ତି
- ମାସକ ଭିତରେ ନିଷ୍ପତ୍ତି ନେବାକୁ ତାଗିଦା



**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ମହାପ୍ରଭୁଙ୍କ ସବୁ ନୀତି ନିଜେ ମହାପ୍ରଭୁ ନିର୍ଦ୍ଧାରଣ କରିଛନ୍ତି। ତେଣୁ ତାଙ୍କ ନୀତି ଓ ପରମ୍ପରା କୌଣସି କ୍ଷେତ୍ରରେ ଉଲ୍ଲଙ୍ଘନ ହେଲେ ଆଇନର ଆଶ୍ରୟ ନିଆଯିବ। ଦେଶବିଦେଶର ବିଭିନ୍ନ ସ୍ଥାନରେ ଇସ୍କନ୍ କରୁଥିବା ଅଦିନିଆ ରଥଯାତ୍ରା କୌଣସି କ୍ଷେତ୍ରରେ ଗ୍ରହଣୀୟ ନୁହେଁ। ଇସ୍କନ୍‌ର ଏପରି ମନମାନୀ ଆଉ ଚଳିବନି ବୋଲି ପରୋକ୍ଷ ଭାବେ ଚେତାବନୀ ଦେଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଆଜି ଇସ୍କନର ଅଦିନିଆ ରଥଯାତ୍ରା ନେଇ ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ମହାରାଜା କହିଛନ୍ତି ଯେ ନୀତିବିରୋଧୀ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ୧୦୦ ପୃଷ୍ଠାର ଏକ ପୂର୍ଣ୍ଣାଙ୍ଗ ଉତ୍ତର ଇସ୍କନକୁ ପ୍ରଦାନ କରାଯାଇଛି। ନୀତି ଅନୁଯାୟୀ ପରମ୍ପରାକୁ ପାଳନ କରିବା ପାଇଁ ଇସ୍କନକୁ ଗୋଟିଏ ମାସର ମହଲତ ଦିଆଯାଇଛି ବୋଲି ଗଜପତି ସ୍ପଷ୍ଟ କରିଛନ୍ତି। ଗତ କିଛି ଦଶନ୍ଧି ହେବ ଶାସ୍ତ୍ରକୁ ଉଲ୍ଲଙ୍ଘନ କରି ଇସ୍କନ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନ କରିଆସୁଛି। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଶ୍ରୀ ଗଜପତିଙ୍କ ଦ୍ୱାରା ଇସ୍କନକୁ ଏନେଇ ଏକ ଚିଠି ଲେଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

ଇସ୍କନ ଗୋବର୍ଦ୍ଧନ ଦାସ ମହାରାଜଙ୍କୁ ଶ୍ରୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ୧୦୦ ପୃଷ୍ଠାବିଶିଷ୍ଟ ଦସ୍ତାବିଜ୍ ଦିଆଯାଇଛି। ଏହାକୁ ତର୍ଜମା କରିବା ପରେ ଇସ୍କନ୍ ଗତ ୫୦ ବର୍ଷ ଭିତରେ କେତେ କ'ଣ ଭୁଲ୍ କରିଛି, ତାହା ଜାଣିପାରିବ। ଶିଳା ପ୍ରଭୁପାଦଙ୍କ ଦ୍ୱାରା ଏହି ଯାତ୍ରା ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଏହା ନୀତି ମୁତାବକ ଆୟୋଜିତ ହେଉଥିଲା। କିନ୍ତୁ ପ୍ରଭୁପାଦଙ୍କ ଦେହାନ୍ତ ପରେ ନୀତି ବିରୋଧୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି, ଯାହାକି ଅଦ୍ୟାବଧି ଜାରି ରହିଛି। ଚଳିତ ବର୍ଷ ତିଥି ବାହାରେ ୬୮ଟି ସ୍ଥାନରେ ଇସ୍କନ ପକ୍ଷରୁ ରଥଯାତ୍ରା ହୋଇଛି। ଇସ୍କନ ସହ ଏନେଇ ଏକାଧିକ ବାର ଆଲୋଚନା ହୋଇଛି। ଗତ ୨୦୨୧ ଜୁଲାଇ ୨୧ ତାରିଖରେ ଇସ୍କନ୍ ପକ୍ଷରୁ ଭାରତରେ ନିର୍ଦ୍ଧାରିତ ନୀତି ଓ ସମୟରେ ରଥଯାତ୍ରା ହେଉଛି ବୋଲି କୁହାଯାଇଥିଲା। କିନ୍ତୁ ଦେଶ ବାହାରେ ଏହା ଅଦିନିଆ ପାଳିତ ହେଉଛି। ବହୁ ଅନୁଧ୍ୟାନ ପରେ ଭାରତ ଓ ବିଦେଶରେ ଜୁଲାଇ ପର୍ଯ୍ୟନ୍ତ ୪୦ଟି ସ୍ଥାନରେ ସ୍ନାନଯାତ୍ରା ଆୟୋଜିତ ହୋଇଥିବା ଜଣାଯାଇଛି। ଅନେକ ଚିଠି ପଠାଯାଇଥିଲେ ମଧ୍ୟ ଇସ୍କନ ମୂଳ ସଂସ୍ଥା ସେସବୁକୁ ଗ୍ରହଣ କରୁନାହାନ୍ତି। ତେଣୁ ଗତ ୩ ତାରିଖରେ ଶ୍ରୀ ମନ୍ଦିର ପରିଚାଳନା କମିଟି ଅନ୍ତିମ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁସାରେ, କେବଳ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନଯାତ୍ରା ଓ ନବଦିନାତ୍ମକ ଯାତ୍ରା ସମୟ ମଧ୍ୟରେ ହିଁ ରଥଯାତ୍ରା ହେବ। କେଉଁ ସମୟରେ କେଉଁ ଯାତ୍ରା ହେବ, ତାହା ନିଜେ ମହାପ୍ରଭୁ ନିର୍ଦ୍ଧାରଣ କରିଛନ୍ତି। ଆଷାଢ଼ ଶୁକ୍ଳପକ୍ଷରେ ରଥଯାତ୍ରା କରିବା ପାଇଁ ମହାପ୍ରଭୁ ହିଁ ନିଷ୍ପତ୍ତି ନେଇଛନ୍ତି। ଏହା ମହାଋଷି ବେଦବ୍ୟାସଙ୍କ ଦ୍ୱାରା ଶ୍ରୀମଦ ଭାଗବତରେ ମଧ୍ୟ ଲେଖା ହୋଇଛି। ଏହାକୁ ପାଳନ କରି ଜଗନ୍ନାଥ ସଂସ୍କୃତି ଆଗେଇ ଚାଲିଛି ବୋଲି ଗଜପତି କହିଛନ୍ତି।

ଗଜପତି ମହାରାଜା ନିୟମ ଉଲ୍ଲଙ୍ଘନ କରି କିପରି ଭାବେ ଜଗନ୍ନାଥ ସଂସ୍କୃତିର ପ୍ରଚାର ସମ୍ଭବ ହେବ ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ସ୍କନ୍ଦ ପୁରାଣ ଓ ବ୍ରହ୍ମ ପୁରାଣ ଅନୁଯାୟୀ ନୀତି କାର୍ଯ୍ୟ ଶ୍ରୀ ମନ୍ଦିରରେ ପାଳନ କରାଯାଉଛି। ଏହାକୁ ସମସ୍ତେ ପାଳନ କରିବା ଆବଶ୍ୟକ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚଳନ୍ତି ପ୍ରତିମା ବୋଲି ଇସ୍କନ୍ କହିଛି। ଯାହା ପୁରାଣରେ ତିଥି ବିଷୟରେ ଲେଖା ହୋଇଛି ତାହା ସମଗ୍ର ବ୍ରହ୍ମାଣ୍ଡ ପାଇଁ ପ୍ରଯୁଜ୍ୟ।

ତେଣୁ ତିଥି ଅନୁଯାୟୀ ହିଁ ଯାତ୍ରାସବୁ ସମ୍ପନ୍ନ ହେବା ଦରକାର। ଏନେଇ ଇସ୍କନ୍ ମାସକ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେଉ ବୋଲି ଗଜପତି କହିଛନ୍ତି। ଏଥିସହ ଇସ୍କନ୍ ଏ ସଂକ୍ରାନ୍ତରେ ବିଦେଶର ମନ୍ଦିରମାନଙ୍କ ସହ ଆଲୋଚନା କରି ନୀତି ସଙ୍ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଗଜପତି ପରାମର୍ଶ ପୃଷ୍ଠା-୬

## ୨୭ରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା

● ସ୍ପଷ୍ଟ କଲା ପରିଷଦ




**କଟକ,୬।୯(ସଂଚାର ବ୍ୟୁରୋ):** ଆସନ୍ତା ୨୭ ତାରିଖରେ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ପୂର୍ବରୁ ଦୁଇ ଦୁଇ ଥର ଏହି ପରୀକ୍ଷା ସ୍ଥଗିତ ରହିବା ପରେ ଶେଷରେ ଏହା ଆସନ୍ତା ୨୭ ତାରିଖରେ କରାଯିବା ସକାଶେ ନିଷ୍ପତ୍ତି ହୋଇଥିବା ନେଇ ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ୭୫ ହଜାର ୪୦୩ ଜଣ ଶିକ୍ଷକଶିକ୍ଷୟିତ୍ରୀ ଏହି ପରୀକ୍ଷାରେ ଉପନୀତ ହେବେ। ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ପାଇଁ ଏହି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରୀକ୍ଷା ପୂର୍ବଦିନ ଲିକ୍ ପୃଷ୍ଠା-୬

● ବେଙ୍ଗାଲୁରୁରେ ଅଘଟଣ

## ଜଳିଗଲେ ଓଡ଼ିଆ ମା'-ପୁଅ

**ଭୋଗରାଇ,୬।୯(ସଂଚାର ବ୍ୟୁରୋ) :** ବେଙ୍ଗାଲୁରରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ପତ୍ନୀ ଓ ଏକମାତ୍ର ଶିଶୁପୁତ୍ରର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ଭୋଗରାଇ ଥାନା ବର୍ତ୍ତନା ଗ୍ରାମର ତପନ କୁମାର ଦେ'ଙ୍କ ସାନପୁଅ ଦୀପକଙ୍କ ପତ୍ନୀ ସୁଜାତା (୨୭) ହୋଇଥିବା ବେଳେ ତାଙ୍କ ୭ ବର୍ଷର ଶିଶୁପୁତ୍ର ଓମ୍ ମଧ୍ୟ ଜଳିଯାଇଛନ୍ତି। ଦୀପକ କାମକୁ ଯାଇଥିବା ସମୟରେ ଅଚାନକ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ଫଳରେ ସୁଜାତା ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଶିଶୁପୁତ୍ରଟି ୮୦ ଭାଗ ଜଳିଯାଇଛି। ଖବର ପାଇ ଦୀପକ ଘରେ ପହଞ୍ଚିଥିଲେ ହେଁ ସେତେବେଳକୁ ସୁଜାତା ମୃତ୍ୟୁ ହୋଇଥିଲା। ତେବେ ଓମ୍‌କୁ ସେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ କିଛି ସମୟରେ ତା'ର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ମିଳିଥିବା ସୂଚନାନୁସାରେ, ପୃଷ୍ଠା-୬

# ପିଏସି ବୈଠକରେ ହୋଇପାରିଲାନି ନିଷ୍ପତ୍ତି

- ସମସ୍ତଙ୍କ ମତ ନେଲେ, କିନ୍ତୁ ଆଭିମୁଖ୍ୟ ସ୍ପଷ୍ଟ କଲେନି
- ଆଜି ୪ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ନବୀନ



**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ ଉପରାଷ୍ଟ୍ରପତି ନିର୍ବାଚନ। ତା ପୂର୍ବରୁ ଆଜି ନବୀନ ନିବାସରେ ବସିଥିଲା ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ। ବୈଠକରେ ଆସନ୍ତା ବିଧାନସଭାର ମୌସୁମୀ ଅଧିବେଶରେ ଦଳ କେଉଁ କେଉଁ ପ୍ରସଙ୍ଗ ଉଠାଇବ ତାକୁ ନେଇ ବ୍ୟାପକ ଆଲୋଚନା ହେବା ସହ ନବୀନ ସରକାରୀଙ୍କୁ ଘେରିବାକୁ ବିଜେଡି ନେତାଙ୍କୁ ଆବଶ୍ୟକ ମାର୍ଗଦର୍ଶନ କରିଥିଲେ। ହେଲେ ଉପରାଷ୍ଟ୍ରପତି ନିର୍ବାଚନରେ ଦଳର ଆଭିମୁଖ୍ୟ କଣ ରହିବ ସେନେଇ ନିଷ୍ପତ୍ତି ହୋଇପାରିନି। ବୈଠକ ପରେ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ ନବୀନ ଉଚିତ ସମୟରେ ଉଚିତ ନିଷ୍ପତ୍ତି ନେବେ ବୋଲି କହିଥିଲେ ପିଏସି ସଦସ୍ୟମାନେ।

ଆଜି ପିଏସି ବୈଠକରେ କିପରି ଯୁବ, ଛାତ୍ର ଓ ମହିଳା ସଂଗଠନକୁ ଆହୁରି ସୁଦୃଢ଼ କରାଯିବ, ତୃଣମୂଳ ସ୍ତରରେ ଦଳକୁ ମଜବୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ନବୀନ। ସେହିପରି ଦଳିତ, ଆଦିବାସୀ, ମହିଳାଙ୍କ ବିରୋଧରେ ଅତ୍ୟାଚାର ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବିଭ୍ରାଟକୁ ଆସନ୍ତା ବିଧାନସଭା ଅଧିବେଶନରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ନବୀନ ପଟ୍ଟନାୟକ। ଏଥିସହିତ ଉପରାଷ୍ଟ୍ରପତି ନିର୍ବାଚନରେ ଦଳର ପୃଷ୍ଠା-୬

### ସମ୍ବଲପୁରରେ ନୂଆଁଖାଇ ଭେଟଘାଟ୍ ଉତ୍ସବରେ ବିଭିନ୍ନ ଘୋଷଣା

# ପ୍ରତି ଜିଲ୍ଲାରେ ହେବ ଶିଳ୍ପାୟନ: ମୁଖ୍ୟମନ୍ତ୍ରୀ

- ସମ୍ବଲପୁରର ସ୍ୱାଧୀନତା ସଂଗ୍ରାମୀ ପୀଠର ଉନ୍ନତିକରଣ ଯୋଜନା
- ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳ ହେବ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର



**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଅବସରରେ ଆଜି ସମ୍ବଲପୁରରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭେଟଘାଟକୁ ପାରମ୍ପରିକ କାର୍ଯ୍ୟକ୍ରମ ସହ ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ ବୋଲି କହିଛନ୍ତି। ଏଥିସହ ନୂଆଁଖାଇକୁ ସେ ଆମ ଅସ୍ତିତ୍ୱର ପରିଚୟ ବୋଲି ମଧ୍ୟ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଘୋଷଣା କରିଛନ୍ତି। ଏଥିରେ ସମ୍ବଲପୁର ପରି ବୀରତ୍ୱର ମାଟିରେ ଥିବା ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ସମସ୍ତ ସଂଗ୍ରାମ ପୀଠର ଉନ୍ନତିକରଣ ଏବଂ ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରିବା ଆଦି ପ୍ରମୁଖ। ଏଥିସହ ବିଜେପି ସରକାର ରାଜ୍ୟର ସମସ୍ତ ଜିଲ୍ଲାରେ ଶିଳ୍ପାୟନକୁ ପହଞ୍ଚାଇବାକୁ ସ୍ଥିର କରିଥିବା ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ ତାଙ୍କ ଅଭିଭାଷଣରେ କହିଛନ୍ତି ପୃଷ୍ଠା-୬

### ମନ୍ତ୍ରୀଙ୍କ ସହ ଶିକ୍ଷକ ପ୍ରତିନିଧିଙ୍କ ଆଲୋଚନା |

# ସମାଧାନ ପାଇଁ ଗଠନ ହେବ କମିଶନ



**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବା ପରେ ସେମାନଙ୍କ ସମସ୍ୟାର ସମାଧାନ ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି। ଶିକ୍ଷକ ପ୍ରତିନିଧିମଣ୍ଡଳୀ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ପୂର୍ତ୍ତ, ଅବକାରୀ ଓ ଆଇନ୍ ମନ୍ତ୍ରୀଙ୍କ ସହ ଏକାମ୍ର ବିଧାୟକ ବାବୁ ସିଂହ ମଧ୍ୟ ଉପସ୍ଥିତ ଥିଲେ। ଏହାଛଡ଼ା ଗଣଶିକ୍ଷା ବିଭାଗ ସଚିବ ମଧ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ସକାରାତ୍ମକ ମନୋଭାବ ପୋଷଣ କରୁଥିବା ଆଲୋଚନା ସମୟରେ କହିଛନ୍ତି ମନ୍ତ୍ରୀ ଶ୍ରୀ ଗଣ୍ଡ। ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ଏକ କମିଶନ ଗଠନ ହେବ। ଏଥିରେ ଅର୍ଥ, ଆଇନ ବିଭାଗ ଓ ଶିକ୍ଷାବିତମାନଙ୍କୁ ସ୍ଥାନ ମିଳିବ। ଏନେଇ ଟିକେ ସମୟ ଓ ତର୍ଜମାର ଆବଶ୍ୟକ ରହିଛି। ଏଥିସହ ମନ୍ତ୍ରୀ ପୂର୍ବର ବିଜେଡି ସରକାରକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ଶିକ୍ଷକଙ୍କ ସମସ୍ୟା ଓ ଦାବି ପୂରଣ ଦିଗରେ ପୂର୍ବ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। ଏହି କାରଣରୁ ପ୍ରକ୍ରିୟା ବିଳମ୍ବ ହେଉଛି। ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଏଥିପାଇଁ କିଛି ସମୟ ଲାଗିବ ବୋଲି ଶ୍ରୀ ଗଣ୍ଡ କହିଛନ୍ତି। ଅନ୍ୟପକ୍ଷରେ ଆଇନ ମନ୍ତ୍ରୀ କହିଛନ୍ତି ଯେ ଓଷ୍ଟା ଓ ଶିକ୍ଷକ ସମନ୍ୱୟ ସମିତି ସହ ଆଲୋଚନା ହୋଇଛି। ସେମାନଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ବି ଆଲୋଚନା ହୋଇଛି। ୫ଜଣିଆ କମିଟି ଗଠନ ହୋଇଛି। ଦାବି ଉପରେ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ଖୁବଶୀଘ୍ର ରିପୋର୍ଟ ପୃଷ୍ଠା-୬

### 'ପଲ୍ଲୀବାଣୀ ମିଶନ'ର ସାମ୍ବାଦିକତା ପୁରସ୍କାର-୨୦୨୫ ସମାରୋହରେ କେନ୍ଦ୍ରମନ୍ତ୍ରୀ

# ସମ୍ରାଟ ଖାରବେଳ ଆଧୁନିକ ଓଡ଼ିଶାର ସ୍ଥପତି

**ଓଡ଼ିଆଙ୍କ ସାମୂହିକ ଏକତା ଅଶୋକଙ୍କୁ ଧର୍ମାଶୋକ କରିଥିଲା**




**ନୂଆଦିଲ୍ଲୀ,୬।୯(ସଂଚାର ବ୍ୟୁରୋ):** ସାମ୍ବାଦିକମାନେ କେବଳ ରାଜନୀତି ଓ ଅପରାଧିକ ଘଟଣା ବିଷୟରେ ବିତର୍କ ନ କରି ଗୋଟିଏ ସମାଜର ବ୍ୟାପ୍ତିକୁ ପରିପ୍ରକାଶ କରିବା ଦରକାର। ଏହି କ୍ରମରେ ଓଡ଼ିଶା ସମେତ ଜାତୀୟ ସ୍ତରର ସାମ୍ବାଦିକମାନେ ମଧ୍ୟ ଓଡ଼ିଆ ସମାଜର ଗଭୀରତା, ବ୍ୟାପକତା ଓ ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ସହ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହିସବୁ ବିଷୟକୁ ଜଣାଇବା ଦରକାର ବୋଲି ଆଜି ଏଠାରେ 'ପଲ୍ଲୀବାଣୀ ମିଶନ' ପକ୍ଷରୁ ଆୟୋଜିତ 'ଭାରତୀୟ ସାମ୍ବାଦିକତା ପୁରସ୍କାର-୨୦୨୫' ଓ 'ଓଡ଼ିଶା ସାମ୍ବାଦିକତା ପୁରସ୍କାର-୨୦୨୫' ସମାରୋହରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ ମନୋନୀତ ୬ ଜଣ ସାମ୍ବାଦିକମାନଙ୍କୁ ପୁରସ୍କୃତ କରିବା ସହ ଜାତୀୟ ଓ ରାଜ୍ୟ ସ୍ତରରେ ସାମ୍ବାଦିକତା ପୁରସ୍କାରରେ ସମ୍ମାନିତ ହୋଇଥିବା ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଓଡ଼ିଆ ଭାଷା ହେଉଛି ଏକ ବିଜ୍ଞାନ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ୧୯୩୬ ଏପ୍ରିଲ ୧ରେ ଓଡ଼ିଶା ଦେଶର ସର୍ବପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ପ୍ରତିଷ୍ଠିତ ହୋଇଥିଲା। ଆମ ଓଡ଼ିଆ ଭାଷାର ଉତ୍କୃଷ୍ଟତା, ଗଭୀରତା ତଥା ମହାପୁରୁଷମାନଙ୍କ ଉତ୍କଣ୍ଠା, ବ୍ୟଗ୍ରତା ଓ ଆନ୍ଦୋଳନ କାରଣରୁ ଏହା ସମ୍ଭବ ହୋଇଥିଲା। ଆଉ ୧୧ ବର୍ଷ ପରେ ୨୦୩୬ରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ସମାଜକୁ ଏକ ପରିଚୟର ପୃଷ୍ଠା-୬

### ଡାକ୍ତରଖାନାରୁ ଫେରୁଥିବା ବେଳେ ଅଘଟଣ

# କାର୍ ଧକ୍କାରେ ଦମ୍ପତିଙ୍କ ସମେତ ୩ ମୃତ

**ବୋହୂ, ନାତି ଓ ଅନ୍ୟ ଜଣେ ଗୁରୁତର**



**ଅନୁଗୋଳ,୬।୯ (ମାନସ ବିଶ୍ୱାଳ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଣ୍ଡହତା ବ୍ରିଜ ନିକଟରେ ଅଟୋ ଉପରେ କାର୍ ମାଡ଼ିଯିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଓ ଉକ୍ତ ଅଟୋ ଚାଳକ ଅଛନ୍ତି। ତେବେ ମୃତ୍ୟୁବରଣ କରିଥିବା ଦମ୍ପତିଙ୍କ ଅସୁସ୍ଥତା ଯୋଗୁଁ ଡାକ୍ତରଖାନା ଯାଇ ଘରକୁ ଫେରୁଥିବା ସମୟରେ ସେମାନଙ୍କର ମୃତ୍ୟୁ ଘଟିବା ସ୍ଥାନୀୟ ଲୋକଙ୍କୁ ଆଚମ୍ବିତ କରିଛି।

ମିଳିଥିବା ସୂଚନାନୁସାରେ, ବାଲିମି ଥାନା ଅନ୍ତର୍ଗତ କାରନ୍ଦା ଅଞ୍ଚଳର ବଂଶୀଧର ସେଠୀଙ୍କ ଦେହ ଖରାପ ଥିବାରୁ ସେ ତାଙ୍କ ପତ୍ନୀ କମଳାଙ୍କ ସହ ଅନୁଗୋଳ ଚିକିତ୍ସାଳୟକୁ ଯାଇଥିଲେ। ତେବେ ସେଠାରେ ଚିକିତ୍ସା କରାଇବା ପରେ ଉଭୟ ସମ୍ବନ୍ଧୀ ଘର ତୁରଙ୍ଗକୁ ଯାଇଥିଲେ। ସେଠାରେ ସେମାନେ ଖାଇ ପିଇ ଅଟୋ ଯୋଗେ ଗ୍ରାମକୁ ଫେରିବା ସମୟରେ ସାଥୀରେ ବୋହୂ ସୁନୀତା ଓ ନାତି ଶ୍ରୀସାଇଙ୍କୁ ସାଥୀରେ ଆଣିଥିଲେ। ତେବେ ରାସ୍ତାରେ ନରସିଂହପୁର ଅଞ୍ଚଳରୁ ପୃଷ୍ଠା-୬



**କାନ ଡେରିଥା**

ଗଣେଶ ଭଷାଣି
ରକ୍ତାକ୍ତ ହେଉଛି
ଟୋକାଙ୍କ ଭକ୍ତି ପ୍ରବଳ
ଦେଶୀକୁ ବିଦେଶୀ ପଞ୍ଚ କରିସେ
ଡ୍ୟାନ୍ସରେ ଝାଳ ନାଳ
ଚାନ୍ଦା ପଇସାରେ ଖେଳ...
ଗଣେଶ ଭାବିଲେ
ଆସିଲେ ମର୍ତ୍ତ୍ୟକୁ
ଇଜ୍ଜତ ଯିବାଟା ସାର ।

■ ଦେବାଶିଷ

## କଂଗ୍ରେସରେ ବିଚିତ୍ର ସ୍ଥିତି

# ଜିଲ୍ଲା ସଭାପତି ପାଇଁ ବି ହାଇକମାଣ୍ଡ ଭରସା

- ସୃଜନ ନାଁରେ ପର୍ଯ୍ୟବେକ୍ଷକ ବାଛିବେ ଜିଲ୍ଲା ସଭାପତି
- ଏବେଠୁ ଭକ୍ତଙ୍କ ବିରୋଧରେ ଦାନା ବାନ୍ଧୁଛି ଅସନ୍ତୋଷ



**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ପିସିସି ସଭାପତି ଭକ୍ତ ଦାସ ରାଜ୍ୟରେ କଂଗ୍ରେସ ସରକାର ଗଠନ କରିବ ବୋଲି ଦାବି କରୁଛନ୍ତି। କଥା କଥାକେ ପୂର୍ବର ବିଜେଡି ସରକାର ଓ ଏବର ବିଜେପି ସରକାର ଆଡ଼କୁ ଅଙ୍ଗୁଳି ଉଠାଉଛନ୍ତି। ହେଲେ ପରର ଗୋହି ଖୋଳୁଥିବା ପିସିସି ସଭାପତି ନିଜ ଦଳର ଦୁର୍ବଳତାକୁ ବୋଧହୁଏ ଭୁଲିଯାଇଛନ୍ତି। ଦାୟିତ୍ୱ ନେବାର ବର୍ଷେ ହେବାକୁ ବସିଲାଣି। ଏଯାଏଁ ଜିଲ୍ଲା ସଙ୍ଗଠନ ତିଆରି କରିପାରୁନାହାଁନ୍ତି। ସୃଜନ ନାଁରେ ଜିଲ୍ଲା ସଭାପତି ଚୟନ ଭାର ବି ଏଆଇସିସି ପର୍ଯ୍ୟବେକ୍ଷକଙ୍କ ଉପରେ ଛାଡିଦେଇଛନ୍ତି ଭକ୍ତ। ଏଇଥିରୁ ରାଜ୍ୟ କଂଗ୍ରେସ ଉପରୁ ଏବେ ଯେତିକି ସବଳ ଦିଶୁଛି ଭିତରୁ ସେତିକି ପୋଲା ହୋଇଗଲାଣି। ଯେକୌଣସି ରାଜ୍ୟନୈତିକ ଦଳର ନେତା ବଦଳିବା ମାତ୍ରେ ବଦଳିଥାନ୍ତି ତିନି ଛାମୁଆ ସଙ୍ଗଠନର ସଭାପତି ଓ ଜିଲ୍ଲା ସଭାପତି। ତା' ସହିତ ନିଜସ୍ୱ ଟିମ ମଧ୍ୟ ଗଠନ କରିଥାନ୍ତି ନୂଆ ନେତା। ହେଲେ ଭକ୍ତ ଦାସଙ୍କ କ୍ଷେତ୍ରରେ ଏକ୍ଷେତ୍ରରେ ବିଲକ୍ଷଣ ଦେଖିବାକୁ ମିଳୁଛି। ରାଜ୍ୟ କଂଗ୍ରେସର ମଙ୍ଗ ଧରିବାକୁ ବହୁ ବରିଷ୍ଠ ନେତା ଦୌଡରେ ଥିବା ବେଳେ ରାହୁଲ ଗାନ୍ଧିଙ୍କ ସହ ସମ୍ପର୍କ ଯୋଗୁଁ ଭକ୍ତଙ୍କୁ ବାଛିଥିଲା ଏଆଇସିସି। ରାଜ୍ୟ କଂଗ୍ରେସ ସଭାପତି ହେବା ପରେ ମଧ୍ୟ ଏହି ପୂର୍ବତନ କେନ୍ଦ୍ରମନ୍ତ୍ରୀ ନିର୍ମୁଳି ଲଟା ପରି ଏଆଇସିସି ଦେହରେ ଗୁଡେଇ ହୋଇ ଚାଲିଛନ୍ତି। କଥା କଥାକେ ଏଆଇସିସିର ନିର୍ଦ୍ଦେଶକୁ ଅପେକ୍ଷା କରୁଛନ୍ତି। ରାଜ୍ୟ କଂଗ୍ରେସ ପାଇଁ ଭକ୍ତଙ୍କ ଏଭଳି ମାତ୍ରାଧିକ ନିର୍ଭରଶୀଳତା ଆଗାମୀ ଦିନରେ ଶୁଭଙ୍କର ନୁହେଁ ବୋଲି ରାଜୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

ଭକ୍ତ ଦାସ ରାଜ୍ୟ କଂଗ୍ରେସ ସଭାପତି ଦାୟିତ୍ୱ ନେବା ପରେ ଦଳ ନିଶ୍ଚିତ ଭାବେ ପୂର୍ବ ଅପେକ୍ଷା ଅଧିକ କ୍ରିୟାଶିଳ ଓ ରାଜନୈତିକ ସକ୍ରିୟ ହୋଇଛି। ଅବଶ୍ୟ ଏ ସକ୍ରିୟତାର ପୂରା ଶ୍ରେୟ ଭକ୍ତ ଦାସଙ୍କୁ ବି ଯାଉନି। କାରଣ ଗତ ସାଧାରଣ ନିର୍ବାଚନରେ କଂଗ୍ରେସର ନେତାମାନେ ପୃଷ୍ଠା-୬

‘ସଂଚାର’ ପ୍ରଭାବ

## ଅନୁପମାଙ୍କୁ ମିଳିଲା ରାସନ୍ କାର୍ଡ

**ମହାକାଳପଡ଼ା,୬।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତ ଅନ୍ତର୍ଗତ ଓସ୍ତର (ଘୋଡ଼ା ବନ୍ଧ) ଗ୍ରାମର ଚନ୍ଦ୍ରମଣି ଦାସଙ୍କ ଶତପ୍ରତିଶତ ଭିନ୍ନକ୍ଷମ ଅବିବାହିତ ଝିଅ ଅନୁପମା ଦାସଙ୍କର ଆଧାର କାର୍ଡ ନଥିବାରୁ ରାସନ୍ ଚାଉଳ ମିଳୁ ନଥିଲା। ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ତାଙ୍କୁ ୫ ମାସ ହେବ ଭତ୍ତା ମିଳୁନି। ଏନେଇ ସେପ୍ଟେମ୍ବର ୩ ବୁଧବାର ‘ସଂଚାର’ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ଜନସାଧାରଣଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ବିଭାଗୀୟ ତତ୍ପରତା ପାଇଁ ଅଭିଯୋଗ ଜଣାଇଥିଲେ। ବିଭାଗ ତରଫରୁ ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ଅଧିକାରୀ ଙ୍କୁ ତଦନ୍ତ କରି ପଦକ୍ଷେପ ନେବାକୁ ପଠାଯାଇଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହା ପରେ ଅନୁପମାଙ୍କ ନାମରେ ନୂତନ ରାସନ୍ କାର୍ଡ କରାଯାଇଛି। ଆଧାର କାର୍ଡ ଓ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ତାଙ୍କ ସହିତ ଯୋଗାଯୋଗ କରିଥିବା ଜଣାପଡିଛି।



## ଅର୍ଚ୍ଚନା ରଥଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ



**କେନ୍ଦ୍ରାପଡା,୬।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ହାଇସ୍କୁଲ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ସମାରୋହରେ ରାଧା ମୋହନଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଅର୍ଚ୍ଚନା ରଥଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପୁରସ୍କାରରେ ସମ୍ମାନିତ କରାଯାଇଛି । ଶ୍ରୀମତୀ ରଥ ୨୦୧୯ ରେ ବେଷ୍ଟ ରିସୋର୍ଚ୍ଚ ପରସନ ରେ ସମ୍ମାନ ସହ ରାଜ୍ୟ କଳା ଓ ଗବେଷଣା ପ୍ରଶିକ୍ଷଣ ଓଡିଶା ସରକାରଙ୍କ ତରଫରୁ ଆଦର୍ଶ ଶିକ୍ଷୟିତ୍ରୀ ପୁରସ୍କାର ୨୦୨୪ ମସିହାରେ ଶିକ୍ଷକ ସଚେତନତା ସମ୍ମାନରେ ସମ୍ମାନିତ ହୋଇଥିଲେ । ଶ୍ରୀମତୀ ରଥ କେନ୍ଦ୍ରାପଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ଦାସଙ୍କ ପୁତ୍ର ବଧୂ ଓ କେନ୍ଦ୍ରାପଡା ର ବରିଷ୍ଠ ଅଇନଜୀବି ସ୍ୱୟଂ ପ୍ରକାଶ ଦାସଙ୍କ ଧର୍ମପତ୍ନୀ ଅଟନ୍ତି। ଏହି ସମ୍ମାନ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ପ୍ରଦାନ କରିଥିଲେ ।

## କଟକ ଜିଲ୍ଲା ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା



**ସାଲେପୁର,୬।୯(ସଂଚାର ବ୍ୟୁରୋ):** ଗତ ଶୁକ୍ରବାର ଦିନ ଜଗତପୁରଠାରେ କଟକ ଜିଲ୍ଲା ବିଜେପିର ଜିଲ୍ଲା ସ୍ତରୀୟ କର୍ମଶାଳା ବୈଠକ ଅନୁଷ୍ଠିତ ହୋଇଯାଇଥିଲା। ଏହି ବୈଠକରେ କଟକ ଜିଲ୍ଲା ସଭାପତି (ଗ୍ରାମୀଣ ) ରାମନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ । ଏହି ବୈଠକ ରେ ସାଲେପୁର -ଟାଙ୍ଗୀ ବ୍ଲକ ବିଜେପି ନେତା ହିମାଂଶୁ ମହାନ୍ତି, କନ୍ଦ୍ରଗ୍ରାମ ମଣ୍ଡଳ ସଭାପତି ହେମନ୍ତ କୁମାର ସ୍ୱାଇଁ, ରାମେଶ୍ୱର ମଣ୍ଡଳ ସଭାପତି ସଂଗୀତା ଜେନା, ସାଲେପୁର ମଣ୍ଡଳ ସଭାପତି ଅସିତ କୁମାର ମହାନ୍ତି, ରାଇସୁଙ୍ଗୁଡା ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ନାୟକ, ତାପସ ଜେନା, ବିଶ୍ୱଂଜନ ପ୍ରତାପଙ୍କ ସମେତ ସମସ୍ତ ଉପ ସଭାପତି ଏବଂ ପଞ୍ଚାୟତ ସଭାପତି ପ୍ରମୁଖ ଯୋଗଦେଇଥିବା ବେଳେ ୧୭ ସେପ୍ଟେମ୍ବର ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଠାରୁ ୦୨ ଅକ୍ଟୋବର ମଧ୍ୟରେ ପାଳନ ହେବାକୁ ଥିବା ବୁଥ ସ୍ତର ରୁ ନେଇ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟସୂଚୀ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି ନେତା ହିମାଂଶୁ ମହାନ୍ତି ସେବା ପକ୍ଷ କୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

# ମରଣଯନ୍ତା ପାଲଟିଛି ନଦୀବନ୍ଧ



**ସାଲେପୁର,୬।୯ (ସଂଚାର ବ୍ୟୁରୋ):** ମରଣଯନ୍ତା ପାଲଟିଛି ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତରିଡୋ ପଞ୍ଚାୟତର ଚିତ୍ରୋତ୍ପଳା ମହାନଦୀ ବନ୍ଧ। ଚିତ୍ରୋତ୍ପଳା ପୋଲ ମୁରୁକୁଣ୍ଡି ଠାରୁ ସୁଦ୍ଧଖଣ୍ଡ ପଞ୍ଚାୟତର ପାଣିମାଣ୍ଡୋ ପର୍ଯ୍ୟନ୍ତ ଲମ୍ବିଥିବା ଦୀର୍ଘ ୨୨ କି.ମି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏହି ରାସ୍ତା ଉପରେ ତରିଡୋ, ରଟିଲୋ, ପୁରୁଣାହାଟ, ସୁଦ୍ଧଖଣ୍ଡ ମୁଖ୍ୟତଃ ୪ଟି ପଞ୍ଚାୟତର ଲୋକମାନେ ନିର୍ଭର କରିଥାନ୍ତି । ପ୍ରତିଦିନ ଶହ ଶହ ବାଲି ଭର୍ତ୍ତି ଟ୍ରକ ଯିବାଆସିବା କରିବା ଫଳରେ ଏହି ରାସ୍ତାରେ ବଡ ବଡ ଖାଲ ହୋଇଯାଇଥିବାର ଦେଖିବା ପାଇଁ ମିଳିଛି । ଏ କୌଣସି ଉପାନ୍ତ ଅଞ୍ଚଳ ନ ହେଲେବି, ଜଳସେଚନ ବିଭାଗ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଏହି ଅଞ୍ଚଳବାସୀଙ୍କ ପ୍ରତି ଆଖି ବୁଜି ଦେଇଥିବାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ।

ଏହି ରାସ୍ତା ଦେଇ ଦିନକୁ ହଜାର ହଜାର ଲୋକ ଯିବା ଆସିବା କରିବା ସହ ସ୍କୁଲ, କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ଏହି ଦ୍ୱୀପାଞ୍ଚଳର ହଜାର ହଜାର ଚାଷୀ ବିଭିନ୍ନ ହାଟକୁ ଯିବା ଆସିବା ପାଇଁ ଏହି ରାସ୍ତା ଉପରେ ମୁଖ୍ୟତଃ ନିର୍ଭର କରନ୍ତି। ଅନେକ ସମୟରେ ରୋଗୀସେବା ଲାଗି ଆସୁଥିବା ଜରୁରୀକାଳୀନ ଆମ୍ବୁଲାନ୍ସ ଗୁଡିକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ଯଥାଶୀଘ୍ର ଏହି ରାସ୍ତାର ପୁନରୁଦ୍ଧାର କରିବା ପାଇଁ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

## ଛାତ୍ରୀ ନିଖୋଜ, ଥାନାରେ ଏତଲା

**ଡେରାବିଶ,୬।୯(ସଂଚାର ବ୍ୟୁରୋ):** ଡେରାବିଶ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ଜିଲ୍ଲା ପଲିଟେକ୍‌ନିକ୍‌ର ଜଣେ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ଛାତ୍ରୀଙ୍କ ନିଖୋଜ ସମ୍ପର୍କରେ ତାଙ୍କ ବାପା ଡେରାବିଶ ଥାନାରେ ଏକ ଅଭିଯୋଗ କରିଛନ୍ତି। ସେ କେନ୍ଦ୍ରାପଡ଼ା ପଲିଟେକନିକରେ ମେକାନିକାଲ ଇଞ୍ଜିନିୟରିଂର ପ୍ରଥମ ବର୍ଷ ଛାତ୍ରୀ ଥିଲେ । ସେ ଗୁରୁବାର ୧୦ଟା ସମୟରେ ଫୋନରେ ପରିବାର ସହିତ କଥା ହୋଇଥିଲେ। ପରିବାର ଲୋକ ଅପରାହ୍ନ ୫.୩୦ ମିନିଟ୍ ସମୟରେ ଝିଅର ମୋବାଇଲ୍‌କୁ ଫୋନ୍ କରିବାରୁ ମୋବାଇଲ୍ ସୁଇଚ୍ ଅଫ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ପରିବାର ଲୋକ ପଚରାଉଚୁରା କରିବାରୁ ତାଙ୍କ ଝିଅ ହଷ୍ଟେଲରୁ କଲେଜକୁ କ୍ଲାସ୍ କରିବାକୁ ଯାଇଥିବାବେଳେ ଅପରାହ୍ନରେ ହଷ୍ଟେଲକୁ ଫେରି ନ ଥିବା ଜଣାପଡ଼ିଥିଲା । ପରିବାର ଲୋକ ବହୁ ଖୋଜାଖୋଜି ପରେ ଝିଅର ସନ୍ଧାନ ନ ପାଇବାରୁ ଡେରାବିଶ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଦେବବ୍ରତଙ୍କ ଦେହାନ୍ତରେ ଶୋକ



**ମହାକାଳପଡ଼ା,୬।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମର ଦୁର୍ଯ୍ୟୋଧନ ବେଉରାଙ୍କ ଜ୍ୟେଷ୍ଠ ପୁତ୍ର ଦେବବ୍ରତ ବେଉରାଙ୍କ ୫୦ ବର୍ଷ ବୟସରେ ରବିବାର ଦେହାନ୍ତ ହେଇଯାଇଛି। ସେ ସୁଦୂର ଗୁଜରାଟରେ ଜଣେ କୁଶଳୀ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ସବୁଦିନ ଭଳି ରବିବାର ସେ କାର୍ଯ୍ୟରୁ ଫେରି ଖାଇ ସାରି ଶୋଇଥିଲେ ହେଲେ ଶୋଇଥିବା ସମୟରେ ହିଁ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଦେବବ୍ରତ ଜଣେ ମିଷ୍ଟଭାଷୀ ଓ ମିଳାପୀ ସ୍ୱଭାବର ବ୍ୟକ୍ତି ଥିଲେ। ଗ୍ରାମରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସେ ନିଜକୁ ସାମିଲ କରୁଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଦେବବ୍ରତଙ୍କ ଦେହାନ୍ତରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଶିକ୍ଷାବିତ ଗନ୍ଧର୍ବ ନାୟକ, ବିଜେପି ନେତା ବିଷ୍ଣୁ ସେଠୀ, ସଞ୍ଜୟ ରଥ, ପୂର୍ବତନ ସରପଞ୍ଚ ନିଗମାନନ୍ଦ ବେଉରା ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି।

## ଟଙ୍କା ନେଇ ଫାଇନାନ୍ସ କମ୍ପାନୀ ଛୁ’, ମହିଳା ଏଜେଣ୍ଟ ଅଟକ



**ରାଜନଗର,୬।୯ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ତନ୍ତିପୋଖରୀ ଠାରେ ସତ୍ୟମ ଫାଇନାନ୍ସ କମ୍ପାନୀ ଖୋଲିଥିଲା। କମ୍ପାନୀ ପକ୍ଷରୁ ବିଭିନ୍ନ ଗାଁରେ ମହିଳା ଏଜେଣ୍ଟ ରଖାଯାଇ ମହିଳାମାନଙ୍କୁ ପ୍ରଲୋଭିତ କରାଯାଇଥିଲା। ୧୦ ଜଣ ମହିଳାଙ୍କୁ ନେଇ ଗୋଟିଏ ଲେଖାଏଁ ଗୋଷ୍ଠୀ ଗଠନ କରି ସେମାନଙ୍କ ଠାରୁ ୧୦ ହଜାର ଟଙ୍କା ଅଣାଯାଉଥିଲା। ପ୍ରତି ବଦଳରେ ସେମାନଙ୍କୁ ଅଟା ପ୍ରସ୍ତୁତ ଓ ଖାଇବା ଥାଳି ତିଆରି ମେସିନ ଓ କଞ୍ଚା ମାଲ ଯୋଗାଇ ଦିଆଯିବ ଓ ସେମାନେ ଯାହା ସାମଗ୍ରୀ ତିଆରି କରିବେ ତାକୁ ସେମାନେ କିଣିନେବେ ବୋଲି ପ୍ରଲୋଭନ ଦେଖାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ବ୍ୟକ୍ତିଗତ ଋଣ ପାଇଁ ମାର୍ଜିନ ମନି ଆଦାୟ କରିଥିଲେ।

ଗୁପ୍ତି ପଞ୍ଚାୟତ କାନଫୁଲିଆ ଗାଁର ୧୦ ଜଣ ମହିଳାଙ୍କୁ ନେଇ ବାବାମଣି ଗୋଷ୍ଠି ଗଠନ ହୋଇଥିଲା। ଏହି ଗୋଷ୍ଠି ଠାରୁ ନଭେମ୍ବର ୨୦୨୪ରେ ନଗଦ ୧୦ ହଜାର ଓ ଫୋନପେରେ ୭୫ ହଜାର ୧୫୨ ଟଙ୍କା ଏହି ଫାଇନାନ୍ସ କମ୍ପାନୀ ନେଇଥିଲା। ସେହି ଅଞ୍ଚଳରେ ୮୦ରୁ ଅଧିକ ମହିଳା ଗୋଷ୍ଠିଙ୍କ ଠାରୁ ଟଙ୍କା ଆଦାୟ କରି ରାତାରାତି ଏହି କମ୍ପାନୀ ଅଫିସ ଉଠାଇ ନେଇଥିଲା। ଏନେଇ ୧୮ ମାର୍ଚ୍ଚ ୨୦୨୫ରେ ବାବାମଣି ଗୋଷ୍ଠିର ସଭାନେତ୍ରୀ ତପସ୍ୱିନୀ ଓଝା ଓ ଅନ୍ୟ ମହିଳାମାନେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ସେମାନଙ୍କ ଅଭିଯୋଗ ଶୁଣିବା ଦୂରର କଥା ମାମଲା ବି ରୁଜୁ କରିନଥିଲା।

ମହିଳା ଗୋଷ୍ଠିଙ୍କୁ ପ୍ରଲୋଭନ ଦେଖାଇ ଟଙ୍କା ନେଇଥିବା ମହିଳା ଏଜେଣ୍ଟ ସସ୍ମିତା ରାଉତ ବାରମ୍ବାର ଟଙ୍କା ଦେବାକୁ କହି ସମୟ ଗଡ଼ାଉଥିଲା। ଗତକାଲି ମହିଳାମାନେ ସସ୍ମିତାଙ୍କ ଘରକୁ ଯାଇଥିଲା ବେଳେ ତାଙ୍କ ଶଶୁର ଆମକୁ ଗାଳିଗୁଲଜ କଲେ। ଆମେ ସେଠାରୁ ଫେରି ରାଜନଗର ଥାନା ସମୁଖରେ ସସ୍ମିତାଙ୍କୁ ପାଇଥିଲୁ। ତାଙ୍କୁ ଉଠାଇ ଆଣି ଗାଁରେ ଅଟକ ରଖିଛୁ, ଆମ ଟଙ୍କା ଦେଲେ ଏଠାରୁ ଛାଡ଼ିବୁ ବୋଲି ସଭାନେତ୍ରୀ ତପସ୍ୱିନୀ ଓଝା କହିଛନ୍ତି। ଏ ନେଇ ଆଇଆଇସି ନରେଶ କୁମାର ସାହୁଙ୍କୁ ଫୋନ କରିଥିଲେ ମଧ ସେ ଉଠାଇ ନଥିଲେ।

## ଆତ୍ମହତ୍ୟା ରୋକିବାକୁ ପୁଲିସ ପକ୍ଷରୁ ସଚେତନତା



**ରାଜନଗର,୬।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ତାଳଚୁଆ ମେରାଇନ ଥାନା ପକ୍ଷରୁ ଡାଙ୍ଗମାଳସ୍ଥିତ ନାଗାନାରାୟଣ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ, ସଡକ ସୁରକ୍ଷା, ଆତ୍ମହତ୍ୟା ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେରାଇନ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ତତ୍ୱବଧାନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମକୁ ଅଧକ୍ଷ ମାନସ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସଡକର ନୀତିନିୟମ ମାନି ଚାଲିବା, ଭାବପ୍ରବଣତାରୁ ଦୁରେଇ ରହି ଭଲ ମଣିଷ ହେବା ଓ ବାଲ୍ୟ ବିବାହ ଭଳି କୁଣ୍ଠିତ କାର୍ଯ୍ୟରୁ ଦୁରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସରସ୍ୱତୀ ଦେହୁରୀ, ତୃପ୍ତି ବାରିକ, ପବିତ୍ର ନାୟକ ସୁମନ୍ତ ସାହୁ ପ୍ରମୁଖ ୮ ଜଣ ଛାତ୍ରଛାତ୍ରୀ ଉପାଦେୟ ଅଭିଭାଷଣ ପ୍ରଦାନ କରିଥିଲେ। ସମସ୍ତ ୮ ଜଣ ବକ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମେରାଇନ ଥାନାର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ଚୋରା ମଦ ଜବତ, ୬ ଗିରଫ




**କେନ୍ଦ୍ରାପଡ଼ା, ୬।୯ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜନଗର ଓ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଗୋବିନ୍ଦପୁର ଗ୍ରାମର ଅନିରୁଦ୍ଧ ମଳିକ(୪୧)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ସୌମ୍ୟରଞ୍ଜନ ପାତ୍ର(୨୧)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ, ଏକଲାପୁର ଗ୍ରାମର ସଞ୍ଜୟ ରାଉତ(୪୫)ଙ୍କ ଠାରୁ ୩୬ ଲିଟର ବିଦେଶୀ ମଦ, ବେଣାକନ୍ଦା ଗ୍ରାମର ନାଡୁଗୋପାଳ ମଣ୍ଡଳ(୫୨ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, କଂସାର ଗ୍ରାମର ମଧୁସୂଦନ ପାଲ(୪୫)ଙ୍କ ଠାରୁ ୨୫ ଲିଟର ବିଦେଶୀ ମ ଓ ସୁଧିର ରାଉତ(୪୩)ଙ୍କ ଠାରୁ ୧୩ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୪୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ ଓ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ପ୍ରଭାବଶାଳୀଙ୍କ ଦଖଲରେ ଚାନ୍ଦୋଳ ମାର୍କେଟ କମ୍ପ୍ଲେକ୍ସ

**ଡେରାବିଶ, ୬।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ପଞ୍ଚାୟତର ମାର୍କେଟ କମ୍ପ୍ଲେସ ଗୃହ ବିଭିନ୍ନ ପ୍ରଭାବଶାଳୀଙ୍କ ଦଖଲରେ ରହିଥିବା ଅଭିଯୋଗ ହୋଇଛି।



**ସରପଞ୍ଚଙ୍କ ନୋଟିସକୁ ବେଖାତିରି**

ପଞ୍ଚାୟତର ରାଜସ୍ୱ ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ବଜାରରେ ମାର୍କେଟ କମ୍ପ୍ଲେକ ଗୃହ ନିର୍ମାଣ କରାଯାଇଥିଲା। ଗୃହ ନିର୍ମାଣ ହେବା ଫଳରେ ପଞ୍ଚାୟତର ରାଜସ୍ୱ ବୃଦ୍ଧି ସହିତ ବେକାର ଯୁବକ ଯୁବତୀମାନେ କର୍ମସଂସ୍ଥାନ ରୋଜଗାର ପାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଗୃହ ନିର୍ମାଣ ପରେ କିଛି ପ୍ରଭାବଶାଳୀ ବ୍ୟକ୍ତି ରାଜନୈତିକ ପ୍ରଭାବରେ ଗୃହ ଗୁଡ଼ିକ ହାତେଇ ନିଜେ ବ୍ୟବସାୟ କରି ଭଡ଼ା ଦେଇଥିବା ବେଳେ ପଞ୍ଚାୟତକୁ ଘରଭଡ଼ା ପୈଠ କରୁନଥିବା ଅଭିଯୋଗ ହୋଇଛି। ଫଳରେ ପଞ୍ଚାୟତର ରାଜସ୍ୱ ହାନି ଘଟୁଥିବା ବେଳେ ଗୃହନିର୍ମାଣର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ।

ଏ ସମ୍ପର୍କରେ ଚାନ୍ଦୋଳ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ପଞ୍ଚାୟତ ବୈଠକ ନିଷ୍ପତ୍ତି ଅନୁଯାୟୀ ନୋଟିସ କରିଥିଲେ ମଧ କିଛି ସୁଫଳ ମିଳିନଥିବା ପ୍ରକାଶ କରିଛନ୍ତି । ଘରଭଡ଼ା ଆଦାୟ କରିବା ପାଇଁ ତୃତୀୟ ଥର ନୋଟିସ ଦିଆଯାଇଥିଲେ ମଧ ଭଡାଟିଆମାନେ ଭଡା ପୈଠ କରୁ ନ ଥିବା ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଇଥିବା କହିଛନ୍ତି। ଏ ସମ୍ପର୍କରେ ଡେରାବିଶ ବ୍ଲକ ବିଡ଼ିଓ ନମିତା ବାରିକଙ୍କୁ ପଚାରିବାରୁ ଭଡ଼ା ଦେଉନଥିବା ଦୋକାନୀଙ୍କ ଉପରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କ ଠାରୁ ଗୃହକୁ ମୁକୁଳାଇବା ସହିତ ଅନ୍ୟ ବ୍ୟବସାୟୀଙ୍କୁ ଦିଆଯିବା ପାଇଁ ବ୍ୟବସ୍ଥା କରାଯିବ ପ୍ରକାଶ କରିଛନ୍ତି ।

## ମହିଳା ସରପଞ୍ଚଙ୍କୁ ସଙ୍ଘବଦ୍ଧ ଆକ୍ରମଣ

● ମଙ୍ଗଳ ସୂତ୍ର ଓ ସୁନାଚେନ ଲୁଟିନେଲେ

**ରାଜନଗର,୬।୯ (ସଂଚାର ବ୍ୟୁରୋ):** ଦଳିତ ମହିଳା ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ତାଙ୍କ ବାଡ ଓ କବାଟ ଭାଙ୍ଗି ଘର ଭିତରେ ପଶି ଜାତି ନେଇ ଗାଳିଗୁଲଜ କରିବା ସହିତ ଟଣାଓଟରା କରି ନିର୍ମମ ଭାବେ ଶାଢୀ ଓ ବ୍ଲାଉଜ ଚିରି ତଳେ ପକାଇ ମାଡ ମରାଯାଇଛି। ଘଟଣାସ୍ଥଳରେ ତାଙ୍କ ସ୍ୱାମୀ ପହଞ୍ଚି ଅଟକାଇବାରୁ ତାଙ୍କ ସ୍ୱାମୀଙ୍କୁ ମଧ ନିର୍ମମ ଭାବେ ମାଡ ମରାଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଘଟଣା ସମୟରେ ତାଙ୍କୁ ରକ୍ଷା କରିବା ପାଇଁ ମହିଳା ସରପଞ୍ଚ ପୁଲିସ ଓ ବିଡିଓଙ୍କୁ ଫୋନ କରିଥିଲେ ମଧ ପୁଲିସ ଯାଇନଥିବା ନେଇ ମହିଳା ସରପଞ୍ଚ ଅଭିଯୋଗ କରିଛନ୍ତି।

ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚ ନିମାଇଁ ଚରଣ ରାଉତଙ୍କ ସହିତ ସନ୍ତୋଷ ପ୍ରଧାନ, ନରୋତ୍ତମ ଦାସ, କନ୍ଦୁରୀ ରାଉତ, ନିଗମ ରାଉତ, ଜଗବନ୍ଧୁ ରାଉତ, ମଣ୍ଟୁ ଦାସ, ତିଲୋତ୍ତମା ପ୍ରଧାନ, ଦମୟନ୍ତୀ ଦାସ ପ୍ରମୁଖ ପହଞ୍ଚି ତାଙ୍କ ଘରର କବାଟ ଭାଙ୍ଗି ଘର ଭିତରେ ପଶି ତାଙ୍କ ଜାତି ନେଇ ଅତି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ନିର୍ମମ ଭାବେ ବିଧା ଗୋଇଠା ମାରିଥିଲେ। ଏପରିକି ମହିଳା ସରପଞ୍ଚଙ୍କ ଶାଢୀ ଟାଣି ବାହାର କରିଦେବା ସହିତ ବ୍ଲାଉଜ ଚିରି ଦେଇଛନ୍ତି। ସରପଞ୍ଚଙ୍କ ମଙ୍ଗଳ ସୂତ୍ର, ସୁନା ଚେନ ଓ ଗୋଟିଏ ସୁନା କାନଫୁଲ ଟାଣି ନେଇଥିବା ନେଇ ସରପଞ୍ଚ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଉପକାରାଗାର ପରିଦର୍ଶନ କଲେ ରାଜ୍ୟ ମହିଳା ଆୟୋଗ ସଦସ୍ୟା

**କେନ୍ଦ୍ରାପଡ଼ା,୬।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଉପକାରାଗାରାକୁ ପରଦର୍ଶନ କରିଛନ୍ତି ରାଜ୍ୟ ମହିଳା ଆୟୋଗ ସଦସ୍ୟା ଡ. କଳ୍ପନା ମଲ୍ଲିକ । ବାରିମୂଳସ୍ଥିତ ଉପକାରାଗାରରେ ପହିବା ପରେ ଜେଲ ଅଧୀକ୍ଷକ ସୁନିଲ କୁମାର ପାତ୍ର ରାଜ୍ୟ ମହିଳା ଆୟୋଗ ସଦସ୍ୟା ଡ. ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ସଦସ୍ୟା ଡ. ମଲ୍ଲିକ ଉପକାରାଗାରର ପ୍ରାୟ ୪୦ଜଣ ବିଚାରାଧିନ କଏଦୀ ଅନ୍ତେବାସୀ ମହିଳାମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସେମାନଙ୍କୁ ଉପଯୁକ୍ତ ଖାଦ୍ୟ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ସଠିକ ଭାବରେ ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିବା ସହ ଜେଲ କର୍ମଚାରୀମାନେ ସେମାନଙ୍କୁ ଭଲ ବ୍ୟବହାର କରୁଛନ୍ତି କି ନାହିଁ ସେ ବିଷୟରେ ମଧ ପଚାରି ବୁଝିଥିଲେ । ତେବେ ଏହି ପରିଦର୍ଶନର ମୁଖ୍ୟ ଲକ୍ଷ୍ୟ ଥିଲା କାରାଗାରରେ ମହିଳାଙ୍କ ପାଇଁ ସୁରକ୍ଷିତ, ସଚେତନ ଓ ସମର୍ଥିତ ପରିବେଶ ସୃଷ୍ଟି କରିବା । ଏହି ପରିଦର୍ଶନ ସମୟରେ ଜେଲ ଅଧୀକ୍ଷକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ ।




# ଚା’ ଦୋକାନ କରି ପେଟ ପୋଷୁଛନ୍ତି ଦିବ୍ୟାଙ୍ଗ ସୀତାକାନ୍ତ

### ଅସମର୍ଥତା ଶରୀରରେ ଥାଇପାରେ, କିନ୍ତୁ ଇଚ୍ଛାଶକ୍ତି ମନରେ ଥିଲେ ସବୁ ସମ୍ଭବ

**ଯାଜପୁର,୬।୯ (ସଂଚାର ବ୍ୟୁରୋ):** ଶାରୀରିକ ଅସମର୍ଥତା ଥିଲେ ମଧ ଇଚ୍ଛାଶକ୍ତି ଓ ପରିଶ୍ରମ ଥିଲେ ମଣିଷ କିଛି ବି କରିପାରେ। ଏହି ସତ୍ୟକୁ ପ୍ରମାଣ କରିଛନ୍ତି ସୀତାକାନ୍ତ ମହାଳିକ। କଥା କହିପାରୁନାହାନ୍ତି କି ଶୁଣିପାରୁନାହାନ୍ତି ତଥାପି ଯାଜପୁର ସହରର କଳିମେଘା ଅଞ୍ଚଳରେ ଚାହା ଦୋକାନ ଚଳାଇ ଆତ୍ମନିର୍ଭର ହୋଇଛନ୍ତି ସୀତାକାନ୍ତ ମହାଳିକ(୩୦)। ତାଙ୍କ ଜୀବନ କାହାଣୀଟି ଆମ ସମସ୍ତଙ୍କ ପାଇଁ ଏକ ଅଦ୍ଭୁତ ପ୍ରେରଣା।




ସେ କଥା କହିପାରନ୍ତି ନାହିଁ କି ଶୁଣିପାରନ୍ତି ନାହିଁ, କିନ୍ତୁ ମନରେ ସ୍ୱପ୍ନ ଓ ହୃଦୟରେ ଅପରିମିତ ଆତ୍ମବିଶ୍ୱାସ ନେଇ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ଚାହା ଦୋକାନ ଖୋଲିଲେ। ହାତରେ ଇଶାରା ଓ ହସୁଥିବା ମୁହଁରେ ସେ ଗ୍ରାହକଙ୍କୁ ସେବା କରନ୍ତି। ସୀତାକାନ୍ତଙ୍କ ଦୋକାନ “ଟି ଆଣ୍ଡ କଫି” ନାମରେ ପରିଚିତ।

ନିୟମିତ ଗ୍ରାହକ ତଥା ଯୁବ ଆଇନଜୀବୀ ଅକ୍ଷୟ ସାହୁ ପ୍ରତିକ୍ରିୟାରେ କହିଛନ୍ତି “ଚାହାର ସ୍ୱାଦ ଅପୂର୍ବ, କିନ୍ତୁ ସୀତାକାନ୍ତଙ୍କ ଜୀବନକଥା ତାହାଠୁ ଅଧିକ ପ୍ରେରଣାଦାୟକ।” ସୀତାକାନ୍ତ କଥା କହିପାରୁ ନଥିବାରୁ ହାତରେ ଇଶାରା ଏବଂ ହସୁଥିବା ମୁହଁରେ ଗ୍ରାହକଙ୍କ ସହିତ ସମ୍ପର୍କ ସ୍ଥାପନ କରନ୍ତି। ସମାଜରେ ଯେଉଁଠାରେ ଅନେକେ କଷ୍ଟକୁ ହାରି ହତାଶ ହୋଇଥାନ୍ତି, ସୀତାକାନ୍ତ ପ୍ରମାଣ କରିଛନ୍ତି ‘ଅସମର୍ଥତା ଶରୀରରେ ଥାଇପାରେ, କିନ୍ତୁ ଇଚ୍ଛାଶକ୍ତି ମନରେ ଥିଲେ ସବୁ ସମ୍ଭବ।’

ସେହିପରି ଆଉ ଜଣେ ଗ୍ରାହକ ଆଦିଲ ହୁସେନ କହିଛନ୍ତି: ଶାରୀରିକ ଅସମର୍ଥତା କେବେବି ମନର ସାହସକୁ ହରାଇପାରେନି। ସୀତାକାନ୍ତଙ୍କ ଜୀବନକଥା ଆଜି ଆମ ସମାଜରେ ସମସ୍ତଙ୍କୁ କହୁଛି ‘ହାରିବାକୁ ନୁହେଁ, ଲଢ଼ିବାକୁ। ଜୀବନକୁ ସ୍ୱପ୍ନରେ ରଙ୍ଗିବାକୁ।’

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ବୈଠକ

## ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କଲେ ବିଧାୟକ

**କେନ୍ଦ୍ରାପଡ଼ା, ୬।୯ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ବୈଠକ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭିତ୍ତିଭୂମି, ଷ୍ଟାଫ ପୋଜିସନ ସମେତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମ, ଯୋଜନାଗୁଡିକ ଯେପରି ତୃଣମୂଳ ସ୍ତରକୁ ଯିବ ଏବଂ ଜନସାଧାରଣ ଜାଣିବା ସହିତ ଉପକୃତ ହେଇପାରିବେ ସେନେଇ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବାରୁ ଅସନ୍ତୁଷ୍ଟ ହୋଇ ବିଜେଡ଼ିର ତିନି ବିଧାୟକ ବିରକ୍ତି ପ୍ରକାଶ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାର ସ୍ୱାସ୍ଥ୍ୟର ବିକାଶକୁ ଗୁରୁତ୍ୱ ଦେବାକୁ ହେଲେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକଗଣ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତର ସମସ୍ୟା, ଆମ୍ବୁଲାନ୍ସ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ବ୍ୟବସ୍ଥା, ସଠିକ ଭାବରେ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।




ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ସମସ୍ତ ବ୍ଲକ ଅଧକ୍ଷ, ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

### ସାର ଉପଲବ୍ଧତାର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ଜିଲ୍ଲାପାଳଙ୍କୁ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** କୃଷକମାନଙ୍କ ପାଖରେ ସେମାନଙ୍କର ଆବଶ୍ୟକତା ଅନୁସାରେ ସାର ଠିକ୍ ଭାବରେ ପହଞ୍ଚୁଛି କି ନାହିଁ, ସେଥିପାଇଁ କି କି ସମସ୍ୟା ରହୁଛି, ସେ ସମ୍ପର୍କରେ ଆଜି ମୁଖ୍ୟ ଶାସନ ସଚିବ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ବୈଠକରେ ସଦ୍ୟତମ ସ୍ଥିତି ସମୀକ୍ଷା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦାନ କରିଥିଲେ। ଆଜିର ଅନୁଷ୍ଠିତ ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନାଙ୍କ ସମେତ ସମବାୟ ଏବଂ କୃଷି ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗତ ୧ରେ ମଧ୍ୟ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ। ଗତକାଲି ସୁଦ୍ଧା ଓଡ଼ିଶାକୁ ଖରିଫ-୨୦୨୫ ବର୍ଷ ପାଇଁ ୟୁରିଆ ସମେତ ୧୦ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ପ୍ରକାର ସାର ଉପଲବ୍ଧତା ନେଇ କେନ୍ଦ୍ର ସରକାରଙ୍କୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିବା ବେଳେ ଉକ୍ତ ସମୟ ମଧ୍ୟରେ ୧୧ ଲକ୍ଷ ୩୩ ହଜାର ୭୭୬ ମେଟ୍ରିକ ଟନ ସାର ମିଳିଛି। ଅଦ୍ୟାବଧି ୯.୧୬ ଲକ୍ଷ ମେଟ୍ରିକ ଟନ ସାର ବିକ୍ରି ହୋଇସାରିଛି। ଏବେ ସୁଦ୍ଧା ଆହୁରି ୨ ଲକ୍ଷ ୭ ହଜାର ୨୨୦ ମେଟ୍ରିକ ଟନ୍ ସାର ରାଜ୍ୟ ପାଇଁ ଉପଲବ୍ଧ ଅଛି। ବିଗତ ୩ ବର୍ଷରେ ୩୦ ତାରିଖ ସୁଦ୍ଧା ହାରାହାରି ୮ ଲକ୍ଷ ୮୧ ହଜାର ୨୫୦ ମେଟ୍ରିକ ଟନ ସାର ଯୋଗାଣ ହୋଇଥିବା ବେଳେ ଗତବର୍ଷ ୭ ଲକ୍ଷ ୭୭ ହଜାର ୦୦୨ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଥିଲା। ଚଳିତ ବର୍ଷ ଗତ ୫ ତାରିଖ ସୁଦ୍ଧା ୯ ଲକ୍ଷ ୧୬ ହଜାର ୯୪୯ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଛି, ଯାହାକି ଗତ ବର୍ଷ ତୁଳନାରେ ପ୍ରାୟ ୨୦ ପ୍ରତିଶତ ଅଧିକ।

ସେହିପରି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ପାଢ଼ୀ କହିଛନ୍ତି ଯେ ଚଳିତ ବର୍ଷ ଭଲ ବର୍ଷା ହୋଇଥିବା ବେଳେ ଧାନ ଚାଷ ପ୍ରତି ଚାଷୀମାନେ ଅଧିକ ଆଗ୍ରହ ପ୍ରକାଶ କରିଥିବାରୁ ସାରର ଆବଶ୍ୟକତା ବୃଦ୍ଧି ପାଇଛି। ଚାଷୀମାନଙ୍କୁ ସଠିକ୍ ଭାବେ ସାର ବଣ୍ଟନ କରିବା ସଂକ୍ରାନ୍ତରେ କୃଷି ନିର୍ଦ୍ଦେଶକ, ସମବାୟ ନିର୍ଦ୍ଦେଶକ ଓ ଟିମ୍ ନିୟମିତ ତଦାରଖ କରୁଛନ୍ତି। ଯେଉଁଠି ଅସୁବିଧା ହେଉଛି, ସେଠି ଜିଲ୍ଲାପାଳମାନେ ନିଜେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସାର ପହଞ୍ଚିବା ମାତ୍ରେ ଚାଷୀମାନଙ୍କୁ ଯୋଗାଇଦେବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଡିଲରମାନଙ୍କ ପାଖରେ ସାର ଧାର୍ଯ୍ୟଠାରୁ ଅଧିକ ଦରରେ ବିକ୍ରି ନହେବା ଉପରେ ମଧ୍ୟ ନଜର ରଖାଯାଇଛି ବୋଲି ଡଃ. ପାଢ଼ୀ କହିଛନ୍ତି। ଏହାଛଡ଼ା ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ମାର୍କଫେଡ୍, ପାକ୍ସ,ଲ୍ୟାମ୍ପସଗୁଡ଼ିକୁ ସାର ରଖିବା ପାଇଁ ଗୋଦାମରେ ଯଥେଷ୍ଟ ସ୍ଥାନ ଉପଲବ୍ଧ ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି। ମାର୍କଫେଡ୍ ଏବଂ ପାକ୍ସ ଓ ଲାମ୍ପସରେ କେଉଁ କେଉଁ ସମୟରେ ସାର ପହଞ୍ଚୁଛି, ତାହାର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଉପଲବ୍ଧତା ଅନୁସାରେ କୃଷକମାନଙ୍କ ନିକଟରେ ସାର ପହଞ୍ଚିବା ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।





ଶନିବାର ବିଏମ୍‌ସି ଅନ୍ତର୍ଗତ ୱାର୍ଡ ନଂ.୫୯ ସାମନ୍ତରାପୁର ଟାଟା ମୋଟର ଛକଠାରେ ଏକ ହାଇମାକ୍ସ ଲାଇଟ୍ ଉଦ୍‌ଘାଟିତ ହୋଇଥିବା ବେଳେ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଏମ୍‌ସି ମେୟର୍ ସୁଲୋଚନା ଦାସ, ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି କମିଶନର୍ ଚଞ୍ଚଳ ରାଣା, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ଯୋଗଦେଇଥିଲେ।

### ଓଭରଲୋଡିଂ ଓ ଅନୁପଯୁକ୍ତ ଗାଡ଼ି ବିରୋଧରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ

# ୩ ଦିନରେ ୪୦୧ ଫିଟନେସ ପ୍ରମାଣପତ୍ର ରଦ୍ଦ



**କଟକ/ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଜାରି ରହିଛି। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ନେତୃତ୍ୱରେ ଗତ ୩ ଦିନ ଧରି ରାଜ୍ୟବ୍ୟାପୀ ଆରଟିଓ ଟିମ୍ ପକ୍ଷରୁ ଓଭରଲୋଡିଂ ଓ ଫିଟନେସ୍ ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ୩ ଦିନରେ ରାଜ୍ୟରେ ଓଭରଲୋଡିଂ ପାଇଁ ୨୭୫ଟି ଗାଡ଼ି ଗାଁରେ ଚାଲାଣ କଟିଥିବା ବେଳେ ଗାଡ଼ିର ଫିଟନେସ୍ ଠିକ ନଥିବା ଯୋଗୁ ୫୩୬ ଗାଡ଼ି ବିରୋଧରେ ଚାଲାଣ କଟିଛି। ସମୁଦାୟ ୨,୫୩୨ଟି ଚାଲାଣ କଟିଛି। ସେହିଭଳି ୪୦୧ଟି ଗାଡ଼ିର ଫିଟନେସ ପ୍ରମାଣପତ୍ର ରଦ୍ଦ କରାଯାଇଥିବା ବେଳେ ମୋଟ ୫୬ ଲକ୍ଷ ୩୭ ହଜାର ୬୩୨ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି। ଓଭରଲୋଡିଂ ବାବଦରେ କଟକ ଆରଟିଓ ଦ୍ୱାରା ୧୪, ସମ୍ବଲପୁରରେ ୨୫, କେନ୍ଦୁଝରରେ ୧୪, ଅନୁଗୁଳରେ ୧୫, ଗଞ୍ଜାମରେ ୧୪, କଳାହାଣ୍ଡିରେ ୧୩ଟି ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ଚାଲାଣ କଟାଯାଇଛି। ଏହାଛଡ଼ା ଫିଟନେସ୍ ଯାଞ୍ଚରେ କଟକ ଆରଟିଓ ଅଧୀନରେ ୫୦, ଭୁବନେଶ୍ୱର-୧ରେ ୬୮, ଯାଜପୁରରେ ୨୯, ସୋନପୁରରେ ୨୬, ଭଞ୍ଜନଗରରେ ୩୯ଟି ଓ ଖୋର୍ଦ୍ଧା ଏଆରଟିଓଙ୍କ ଦ୍ୱାରା ସଡ଼କରେ ଚାଲିବାକୁ ଉପଯୁକ୍ତ ନ ଥିବ ୩୫ଟି ଗାଡ଼ିର ଚାଲାଣ କଟାଯାଇଛି। ଆହୁରି ଜଗତସିଂହପୁର ଆରଟିଓରେ ୬୦ଟି ଫିଟନେସ୍ ପ୍ରମାଣପତ୍ର ରଦ୍ଦ ହୋଇଥିବା ବେଳେ ସୋନପୁରରେ ୨୬ଟି, କେନ୍ଦୁଝରରେ ୧୭ଟି, ଅନୁଗୁଳରେ ୧୮ଟି, କୋରାପୁଟରେ ୧୪ ଟି ଗାଡ଼ି ଫିଟନେସ୍ ପ୍ରମାଣପତ୍ର ରଦ୍ଦ ହୋଇଛି। ସେହିପରି ଅନୁଗୁଳ ଆରଟିଓରେ ସର୍ବାଧିକ ୯ ଲକ୍ଷ ୯୮ ହଜାର ୫୨୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ଚଣ୍ଡିଖୋଲରେ ୩ ଲକ୍ଷ ୭୯ ହଜାର ୨୩୫ ଟଙ୍କା, ଝାରସୁଗୁଡ଼ାରେ ୩ ଲକ୍ଷ ୨୩ ହଜାର ୧୯୫ ଟଙ୍କା, ବଲାଙ୍ଗିରରେ ୫ ଲକ୍ଷ ୧୩ ହଜାର ୮୩୬ ଟଙ୍କା, କଟକରେ ୨ ଲକ୍ଷ ୫୧ ହଜାର ୯୭୫ ଟଙ୍କା ଓ ରାଉରକେଲାରେ ୨ ଲକ୍ଷ ୩ ହଜାର ୨୦୩ ଟଙ୍କା ଏବଂ ବଡ଼ବିଲ ଏଆରଟିଓରେ ୪ ଲକ୍ଷ ୩୪ ହଜାର ୫୩୮ ଟଙ୍କା ଆଦାୟ କରାଯାଇଛି। ଏଥିସହ ଆଗାମୀ ଦିନରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ଆହୁରି କଡ଼ାକଡ଼ି କରାଯିବ। ତେଣୁ ଯାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ନିୟମ ଠିକ ଭାବେ ପାଳନ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ସେବା ପକ୍ଷରେ ବିକେଏମ୍‌ର 'ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ'

### କୃଷକ ଦେଶର ଭବିଷ୍ୟତ ନିର୍ମାତା: କେଭି




**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଥିବା ବେଳେ ଉକ୍ତଦିନ ବିଜେପି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ପାଳନ ହେବାକୁ ଥିବା ବେଳେ ଏହି ଅବସରରେ ବିଜେପି କୃଷକ ମୋର୍ଚ୍ଚା (ବିକେଏମ୍) ପକ୍ଷରୁ 'ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ' ଅନୁଷ୍ଠିତ ହେବ, ଯେଉଁଥିରେ ୭୫ ଲକ୍ଷ ଚାରା ରୋପଣ କରାଯିବ। ଏନେଇ ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କର୍ମଶାଳାରେ ସୂଚନା ଦେଇଛନ୍ତି ଦଳର ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ରାଜ୍ୟରେ ପ୍ରତିଦିନ ଯେତିକି ଗଛ କଟାଯାଉଛି, ସେହି ଅନୁସାରେ ଚାରା ରୋପଣ କରାଯାଉନାହିଁ। ଫଳରେ ଜଳବାୟୁ ପରବର୍ତ୍ତନ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଏଥିରୁ ରକ୍ଷା ପାଇବା ପାଇଁ ଚାରା ରୋପଣ ଜରୁରୀ। ରାଜ୍ୟ ସରକାର ଜଳସେଚନଠାରୁ ଆରମ୍ଭ କରି ଅନେକ କୃଷି କଲ୍ୟାଣକାରୀ ଯୋଜନା କାର୍ଯକାରୀ କରି ଚାଷୀମାନଙ୍କ ଆସ୍ଥାଭାଜନ ହୋଇଛନ୍ତି। କୃଷି କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ବିକେଏମ୍ କାର୍ଯ୍ୟକର୍ତ୍ତା ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ସେ କହିଛନ୍ତି। ସେହିପରି କର୍ମଶାଳାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ କୃଷକମାନେ କେବଳ ଅନ୍ନଦାତା ନୁହଁନ୍ତି, ବରଂ ସେମାନେ ଦେଶର ଭବିଷ୍ୟତ ନିର୍ମାତା। ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ସେବା ପକ୍ଷରେ ଗାଁରୁ ସହର ପର୍ଯ୍ୟନ୍ତ ଚାରା ରୋପଣ କରି ସେବାର ସନ୍ଦେଶ ପହଞ୍ଚାଇବେ ବିଜେପି କାର୍ଯ୍ୟକର୍ତ୍ତା। କୃଷି ଉତ୍ପାଦିତ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ସେବା, ସମର୍ପଣ ଓ ସଙ୍କଳ୍ପର ମନ୍ତ୍ର ନେଇ ପ୍ରତ୍ୟେକ ଗାଁରେ ରାଜ୍ୟ ସରକାର କାର୍ଯ୍ୟ କରିବେ। ଏହାଛଡ଼ା ସ୍ଥାନୀୟ ଅଞ୍ଚଳରେ କୃଷି ଉତ୍ପାଦନ ସାମଗ୍ରୀର ପ୍ରଦର୍ଶନ ଏବଂ 'ଭୋକାଲ ଫର ଲୋକାଲ' ଅଭିଯାନ ଆଦି କୃଷକଙ୍କ ପାଖରେ ପହଞ୍ଚାଇବାକୁ ସେ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ବିକେଏମ୍ ରାଜ୍ୟ ସଭାପତି ମହେଶ୍ୱର ସାହୁ ସେବା ପକ୍ଷରେ ରାଜ୍ୟର ସମସ୍ତଙ୍କ ଘରେ ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ ଆସନ୍ତା ୯ ଓ ୧୦ରେ ପ୍ରତି ଜିଲ୍ଲାରେ ଏଭଳି କର୍ମଶାଳା ଆୟୋଜନ ପାଇଁ ନେତାମାନଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। କର୍ମଶାଳାରେ ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟନାରାୟଣ ମହାପାତ୍ର, ହୃଷିକେଶ ଜେନା, ପୁଲିନ ପୁହାଣ, ସାଧାରଣ ସମ୍ପାଦକ ସମୀର ପାତ୍ର, ସମ୍ପାଦକ ମନୋଜ ସାହୁ, ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ଅଶୋକ ରଥ, ବିକ୍ରମ କେଶରୀ ରାଉତରାୟ, ଅବନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁଦିବସ



**ଭୁବନେଶ୍ୱର,୬।୯।୨୫(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ସମୂହ ଆନୁକୂଲ୍ୟରେ ଗୁରୁଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଭୟ ଗୁରୁ ଓ ଶିଷ୍ୟ ନିଜ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ସଚେତନ ହେଲେ ଗୁରୁ-ଶିଷ୍ୟ ପରମ୍ପରା ବଜାୟ ରହିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମାର୍ଗଦର୍ଶକ ହେବା ଗୁରୁମାନଙ୍କ ଧ୍ୟେୟ ହେବା ଆବଶ୍ୟକ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଗୁରୁଙ୍କ ପଦାଙ୍କ ଅନୁସରଣ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ । ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଗୁରୁ ଦିବସର ପ୍ରାସଙ୍ଗିକତା ସଂପର୍କରେ ବକ୍ତବ୍ୟ ରଖିବା ସହ ଶିକ୍ଷାର୍ଥୀ ଜୀବନରେ ଗୁରୁମାନଙ୍କର ପ୍ରଭାବ, ସେମାନଙ୍କ ପରାମର୍ଶ ଓ ଆଶୀର୍ବାଦର ଗୁରୁତ୍ୱ ଓ ଭୂମିକା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ଯୋଗଦେଇ ଭାରତୀୟ ସଂସ୍କୃତିରେ ଗୁରୁଶିଷ୍ୟ ପରମ୍ପରାର ପ୍ରାଚୀନତା ଓ ଏହାର ମହାନତା ବିଷୟରେ ଆଲୋକପାତ କରିଥିଲେ । ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ସେମାନଙ୍କ ବକ୍ତବ୍ୟରେ ଗୁରୁଙ୍କ ଆବଶ୍ୟକତା ଓ ସମସାମୟିକ ଜୀବନରେ ଛାତ୍ରଛାତ୍ରୀମାନଙ୍କ ଉନ୍ନତି ଓ ସଫଳତା ନିମନ୍ତେ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋଚନା କରିଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିବା ବେଳେ କୁମାରୀ ଲକ୍ଷ୍ମୀପ୍ରିୟା ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ରାସ୍ତାରେ ଜଳିଗଲା ଗଞ୍ଜେଇ ଭର୍ତ୍ତି କାର



**ବିନିକା,୬।୯(ସଂଚାର ବ୍ୟୁରୋ):** ରାସ୍ତାରେ ଏକ ଗଞ୍ଜେଇ ଭର୍ତ୍ତି କାର୍ ଜଳିଯାଇଛି। ତେବେ ଅଗ୍ନିକାଣ୍ଡର ଠୋସ୍ କାରଣ ଜଣାପଡ଼ିନଥିବା ବେଳେ କାର୍‌ର ଚାଳକ ଜଣଙ୍କ ବର୍ତ୍ତିଯାଇଛନ୍ତି। ଘଟଣାସ୍ଥଳରୁ ସେ ଫେରାର ହୋଇଯାଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ନୂଆବଜାରଠାରେ ଏହି ଘଟଣା ଘଟିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସେହିପରି ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଅଚାନକ କାର୍‌ଟି ରାସ୍ତା ମଝିରେ ହୁତୁହୁତୁ ହୋଇ ଜଳିଉଠିଲା। ଆଖପାଖରେ ଥିବା ଲୋକେ ତୁରନ୍ତ ଦମକଳ ବାହିନୀକୁ ଫୋନ କରି ଏ ସମ୍ପର୍କରେ ସୂଚନା ଦେଇଥିଲେ। ବିନିକା ଦମକଳ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଉକ୍ତ ନମ୍ବରବିହୀନ ଇନୋଭା ଗାଡ଼ିରେ ଗଞ୍ଜେଇ ରହିଥିଲା। ଗାଡ଼ିଟି ଅଧା ପୋଡ଼ିଯାଇଥିବା ବେଳେ ସେଥିରେ ଥିବା ଗଞ୍ଜେଇରେ ମଧ୍ୟ କିଛିମାତ୍ରାରେ ନିଆଁ ଲାଗିଯାଇଛି। ତେବେ ତଦନ୍ତ ପରେ ଉକ୍ତ ଗାଡ଼ିଟି କାହାର ଓ ଏହା କେଉଁଠାକୁ ଯାଉଥିଲା ଏବଂ ଏହି ଗଞ୍ଜେଇ କୁଆଡ଼େ ଚାଲାଣ ହେଉଥିଲା, ତା' ଜଣାପଡ଼ିବ ବୋଲି ପୁଲିସ୍ କହିଛି।

## କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ

● ସ୍ପଷ୍ଟ କଲେ ସର୍ବୋଚ୍ଚ ଯନ୍ତ୍ରୀ



**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ସମ୍ପ୍ରତି କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ଉପକୂଳ ଓଡ଼ିଶାର ଦୁଇଟି ପ୍ରମୁଖ ନଦୀ ବୁଢ଼ାବଳଙ୍ଗ ଓ ବୈତରଣୀ ସମେତ ପ୍ରମୁଖ ନଦୀରେ ଜଳସ୍ତର ଏବେ ବିପଦ ସଙ୍କେତ ତଳେ ରହିଛି। କେବଳ ଜଳକା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। କିନ୍ତୁ ନଦୀରେ ଜଳ ସ୍ତର କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଏହା କୂଳରେ ବସବାସ କରୁଥିବା ଲୋକେ ଭୟଭୀତ ହେବା ଅନୁଚିତ ବୋଲି କହିଛନ୍ତି କହିଲେ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ। ସେ କହିଛନ୍ତି ଯେ ପାଣିପାଗ ବିଭାଗ ପକ୍ଷରୁ ହୋଇଥିବା ପୂର୍ବାନୁମାନ ଅନୁସାରେ, ଆଗାମୀ ୭ ଦିନ ଯାଏଁ ବର୍ଷା ନାହିଁ। ତେଣୁ ଯେଉଁଠି ବି ନଦୀ ବଢ଼ିବା ଅବସ୍ଥାରେ ରହିଛି, ସେଠାରେ ଆଗାମୀ ସପ୍ତାହେ ଭିତରେ ସ୍ଥିତିରେ ଯଥେଷ୍ଟ ସୁଧାର ଆସିବ। ସେହିପରି ହୀରାକୁଦ ଜଳଭଣ୍ଡାରରେ ଆଜି ପୂର୍ବାହ୍ନ ୯ଟା ସୁଦ୍ଧା ୬୨୬.୩୫ ଫୁଟ ପାଣି ରହିଛି। ଏବେ ୪ଟି ଗେଟ୍ ବନ୍ଦ କରାଯାଇଥିବାରୁ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୮୫ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୪ ଲକ୍ଷ ୨୪ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଆସନ୍ତାକାଲି ମୁଣ୍ଡଳୀରେ ସନ୍ଧ୍ୟା ୬ଟାରେ ୫ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

# କଂସା ଶିଳ୍ପ ଐତିହ୍ୟ ସଂକ୍ରାନ୍ତ ପୁସ୍ତକ ଉନ୍ମୋଚିତ




**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ଏମଜିଏମ୍ ଫାଉଣ୍ଡେସନ୍ ଓ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ୍ ଆର୍ଟ ଆଣ୍ଡ୍ ଡିଜାଇନ୍ ଷ୍ଟୁଡିଓ (ବିଇଏଡିଏସ୍) ପକ୍ଷରୁ ପ୍ରସ୍ତୁତ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ' ଶୀର୍ଷକ ଗବେଷଣାତ୍ମକ ପୁସ୍ତକକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉନ୍ମୋଚିତ କରିଛନ୍ତି। ଏହି ପୁସ୍ତକ ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ ) ଫେଲୋସିପ୍ କାର୍ଯ୍ୟକ୍ରମ ୨୦୨୪-୨୫ ଦ୍ୱାରା ପରିଚାଳିତ ଗଭୀର ଗବେଷଣାକୁ ପ୍ରତିପାଦିତ କରିଛି। ପୁସ୍ତକ ଉନ୍ମୋଚନ ଉତ୍ସବରେ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ, ଏମଜିଏମର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଉପସ୍ଥିତ ରହି କଂସା ଧାତୁର ସଂରକ୍ଷଣ ଦିଗରେ ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ କେତେକ କାରିଗରଙ୍କୁ ସମ୍ମାନିତ କରିଛନ୍ତି। ଇଂରାଜୀ ଓ ଓଡ଼ିଆ ଭାଷାରେ ଉପଲବ୍ଧ ଏହି ପୁସ୍ତକରେ ଓଡ଼ିଶାର ୧୮ଟି ଗ୍ରାମର କଂସା (କାଉଁଡ଼ି ଧାତୁ) ଶିଳ୍ପର ଜୀବନ୍ତ ପରମ୍ପରାକୁ ବର୍ଣ୍ଣନା କରାଯିବା ସହ ଗବେଷକ ଓ ଫେଲୋମାନଙ୍କ ଏକ ଟିମ୍ ଦ୍ୱାରା ୫ ମାସର ବ୍ୟାପକ କ୍ଷେତ୍ର କାର୍ଯ୍ୟ ଉପରେ ଏହା ଆଧାରିତ। ଓସିଓ ଫେଲୋସିପ୍ କାର୍ଯ୍ୟକ୍ରମରେ ଗବେଷଣା ଫେଲୋ ବିଳାସ ସର୍ଦ୍ଦାର ଓ ସତ୍ୟଭାମା ମାଝୀ, ଆର୍କାଇଭିଷ୍ଟ ଫେଲୋ କୀର୍ତ୍ତି କୁମାରୀ, ଶିବଦାସ୍ ସେନ୍‌ଗୁପ୍ତ ସାମଲ୍ ଅଛନ୍ତି। ଏହି ପୁସ୍ତକକୁ ବିଶିଷ୍ଟ କଳାକାର ଓ କ୍ୟୁରେଟର ବୋଷ କ୍ରିଷ୍ଣମାଚାରୀ ରଚନା କରିଛନ୍ତି। ଏହି ପୁସ୍ତକରେ କଂସା ତିଆରିର ଜଟିଳ ବୈଷୟିକ ପ୍ରକ୍ରିୟା ସହ ଶିଳ୍ପର ବ୍ୟାପକ ସାମାଜିକ-ସାଂସ୍କୃତିକ ପ୍ରସଙ୍ଗ ଉଲ୍ଲେଖ ରହିଛି। ପାରମ୍ପରିକ କୌଶଳ, ଦେଶଜ ଶବ୍ଦକୋଷ, ସାଂସ୍କୃତିକ ମହତ୍ତ୍ୱ, ଅନୁଗୁଳ, ବରଗଡ଼, କଟକ, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ସମେତ ବିଭିନ୍ନ ଜିଲ୍ଲାର କାରିଗର ସମ୍ପ୍ରଦାୟଗୁଡ଼ିକର ସମସାମୟିକ ଆହ୍ୱାନଗୁଡ଼ିକୁ ଏହି ପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଗବେଷଣାତ୍ମକ ପୁସ୍ତକ ଗବେଷକ, ନୀତି ନିର୍ମାତା, କାରିଗର, ଓ ସାଂସ୍କୃତିକ ଉତ୍ସାହୀମାନଙ୍କ ପାଇଁ ଏକ ମୂଲ୍ୟବାନ ସମ୍ପଦ ଭାବରେ ସେବା କରିବ ବୋଲି ଆଶା କରାଯାଉଛି। ଏହି ପୁସ୍ତକ ମଧ୍ୟ କଂସା କାରିଗରମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ନୂତନ ପଥ ଖୋଲିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

■ ଉଦ୍ୟମକୁ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା
■ ପ୍ରମୁଖ କଂସା କାରିଗର ସମ୍ମାନିତ

## ଡମଣାରେ ଏଥର ମାୟାପୁର ଇସ୍କନ ମନ୍ଦିର

● ନିର୍ମାଣରେ ଲାଗିଛନ୍ତି ୨୨ କାରିଗର




**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ଆଗାମୀ ଦୁର୍ଗାପୂଜାକୁ ଆକର୍ଷଣୀୟ କରିବା ସକାଶେ ସବୁଠି ପ୍ରସ୍ତୁତି ଚାଲିଛି। ଏଥିରେ ଡମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି ମଧ୍ୟ ସାମିଲ୍ ହୋଇଛି। ଚଳିତ ବର୍ଷ ଏହି କମିଟି ୧୧୦ ଫୁଟ ଓସାର ଓ ୭୫ ଫୁଟ ଉଚ୍ଚତା ବିଶିଷ୍ଟ ନଦିଆ ମାୟାପୁର ଇସ୍କନ ମନ୍ଦିର ତୋରଣ ନିର୍ମାଣ କରି ଅଞ୍ଚଳର ଶୋଭା ବର୍ଦ୍ଧନ କରିବ। ଏହାକୁ କୋଲ୍‌କାତାର ୨୨ ଜଣ କାରିଗର ନିର୍ମାଣ କରୁଛନ୍ତି। ୧୩ ବର୍ଷ ତଳେ ନିଶାକର ସାହୁଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା କମିଟି ଚତୁର୍ଦ୍ଦଶ ବର୍ଷରେ ପୂଜା ପାଇଁ ୪୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରିଛି। କୋଲକାତା ନଦିଆର ମାୟାପୁର ଇସ୍କନ ମନ୍ଦିର ସଦୃଶ ତୋରଣରେ ବିରାଜିବେ ମା'। ମଣ୍ଡପକୁ ସଂଯୋଗ କରୁଥିବା ୪ଟି ରାସ୍ତାରେ ଏଲଇଡି ଲାଇଟ୍‌ର ଗେଟ୍ ଲାଗିବ। ୧୪ ଫୁଟର ମୂର୍ତ୍ତି ସହ ୧୭ ଫୁଟର ତାରକସୀ ମେଢ଼ କାମ ମଧ୍ୟ ଜାରି ରହିଛି। ଏହାକୁ ପୁରୁଣା ଭୁବନେଶ୍ୱରର ଦକ୍ଷ କାରିଗରମାନେ ନିର୍ମାଣ କରୁଛନ୍ତି। ମା'ଙ୍କ ମସ୍ତକରେ ଚାନ୍ଦି ମୁକୁଟ ଶୋଭା ପାଇବା ସହ ତାରକସୀ ଗହଣାରେ ସୁସଜ୍ଜିତ ହେବେ ମା ଦୁର୍ଗତିନାଶିନୀ। ସପ୍ତମୀରେ କଳସ ଯାତ୍ରାରେ ୧୦୮ ମହିଳା ସାମିଲ ହୋଇ ଅଲେଖ ମହିମା ଆଶ୍ରମ ପୁଷ୍କରଣୀରୁ ପାଣି ଆଣି ଗ୍ରାମ ପରିକ୍ରମା କରିବା ସହ ମା'ଙ୍କ ପୂଜା ପୀଠରେ ଜଳାଭିଷେକ କରିବେ। ପୂଜା ମଣ୍ଡପରେ ଓ ବାହାରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ୨୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଏଥିସହ ୧୨ଟି ସିସିଟିଭି କ୍ୟାମେରା ଲଗାଯିବ। ମଣ୍ଡପରେ ୪ଟି ଅଗ୍ନି ନିବାପକ ଯନ୍ତ୍ର ରଖାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ଗୋପୀନାଥ ଜୀଉ ୟୁଥ କ୍ଲବ, ଲକ୍ଷ୍ମୀନାରାୟଣ କ୍ଲବ ଓ ଡମଣା ବାଉଡେଇ ମହିଳା ସମିତି ସହଯୋଗ କରିବେ। ଶେଷରେ ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯିବ ବୋଲି ପ୍ରତିଷ୍ଠାତା ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# କେଉଁଝରକୁ ସମ୍ପ୍ରସାରିତ ହେବ ଶୂନ ଦୁର୍ଘଟଣା ଦିବସ



**ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ):** ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ, ଆରବିଜି ଲ୍ୟାବ୍ସ ଆଇଆଇଟି ମାଡ୍ରାସ ସହଯୋଗରେ କେନ୍ଦୁଝର ଜିଲ୍ଲାରେ ଶୂନ୍ୟ ଦୁର୍ଘଟଣା ଦିବସ (ଜେଡ୍‌ଏଡି) ଅଭିଯାନ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ଦୃଷ୍ଟିକୋଣ ସହ ସଂଯୁକ୍ତ ଏହି ପଦକ୍ଷେପ ଭୁବନେଶ୍ୱରରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିଲା। ଏଠାରେ ଦିବସର ସଫଳତା ପରିପ୍ରେକ୍ଷୀରେ ଏହାକୁ କେନ୍ଦୁଝରକୁ ସମ୍ପ୍ରସାରଣ କରାଯିବାକୁ ନିଷ୍ପତ୍ତି ହୋଇଛି। କେନ୍ଦୁଝରରେ ଏହି ଅଭିଯାନ ୧୪ ଦିନ ଧରି ଚାଲିବ। ଏହା ଶିକ୍ଷା, ସଚେତନତା, ପ୍ରବର୍ତ୍ତନ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ସମନ୍ୱିତ କରିବା ସକାଶେ ଡିଜାଇନ୍ କରାଯାଇଛି। କେଉଁଝର ଏକ ଦୁର୍ଘଟଣାପ୍ରବଣ ଜିଲ୍ଲା ହୋଇଥିବାରୁ ଏହାକୁ ରଣନୀତିକ ଭାବେ ବଛାଯାଇଛି। ଶୂନ ଦୁର୍ଘଟଣା ଦିବସ ପ୍ରଥମେ ଭୁବନେଶ୍ୱରରେ ପାଇଲଟ୍ ଭାବେ ଆରମ୍ଭ ହୋଇଥିଲା। ଏଠାରେ ଆଇଇସି ଅଭିଯାନ, ସମ୍ପ୍ରଦାୟ ଅଂଶଗ୍ରହଣ ଓ ତଥ୍ୟଚାଳିତ ପ୍ରବର୍ତ୍ତନ ଯୋଗୁଁ ବ୍ୟାପକ ଉନ୍ନତି ଆସିଥିଲା। ଏହାର ପ୍ରଭାବଶାଳୀ ସଫଳତା କେନ୍ଦୁଝର ଭଳି ଉଚ୍ଚ ବିପଦପୂର୍ଣ୍ଣ ଜିଲ୍ଲାଗୁଡ଼ିକରେ ଏହି ମଡେଲକୁ ଅନୁସରଣ କରିବାର ନିଷ୍ପତ୍ତିକୁ ପ୍ରେରଣା ଦେଇଥିଲା। ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେଉଁଝର ଶୂନ ଦୁର୍ଘଟଣା ଦିବସ ପାଇଁ ରୋଡମ୍ୟାପ୍ ଚୂଡ଼ାନ୍ତ ହୋଇଥିଲା। ଆଇଆଇଟି ମାଡ୍ରାସ ଇଡିଏଆର୍ ତଥ୍ୟ ଉପରେ ଆଧାରିତ ଦୁର୍ଘଟଣାର ଗମ୍ଭୀରତା, ଦୁର୍ଘଟଣାର ପିକ୍ ସମୟ, ଉଲ୍ଲଂଘନ ଧାରା ଓ ଯାନବାହାନ ବର୍ଗୀକରଣ ସମେତ ତଥ୍ୟ ଅନ୍ତର୍ଦୃଷ୍ଟି ଉପସ୍ଥାପନ କରିଥିଲା। ଜିଲ୍ଲାପାଳ ବିଶାଲ୍ ସିଂହଙ୍କ ସମେତ ପୁଲିସ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପରିବହନ କମିଶନର ଶ୍ରୀ ଠାକୁର କହିଥିଲେ ଯେ ସରକାର ଓ ନାଗରିକ ଏକାଠି ହେଲେ ଆଚରଣଗତ ପରିବର୍ତ୍ତନ ସମ୍ଭବପର ହୋଇପାରିବ ବୋଲି ଭୁବନେଶ୍ୱର ସ୍ପଷ୍ଟ କରିଛି। କେଉଁଝରରେ ଏବେ ଏହି ସଫଳତାକୁ ଆହୁରି ଆଗକୁ ନେଇ ରାଜ୍ୟ ପାଇଁ ଏକ ମଡେଲ ସ୍ଥାପନ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଏହି ଅଭିଯାନ ଦୁର୍ଘଟଣା ହ୍ରାସ ଓ ଦୀର୍ଘକାଳୀନ ଆଚରଣଗତ ପରିବର୍ତ୍ତନ ପାଇଁ ଏକ ବହୁମୁଖୀ ପଦ୍ଧତି ଅବଲମ୍ବନ କରିବ। ପାରମ୍ପରିକ ଓ ଡିଜିଟାଲ୍ ମିଡିଆ, ସ୍କୁଲ ଓ କଲେଜ କର୍ମଶାଳା ଓ ଆଇଆଇଟି ମାଡ୍ରାସ ସହାୟତାରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସଚେତନତା ଅଭିଯାନ କରାଯିବ। ସ୍ୱେଚ୍ଛାସେବୀ, ଛାତ୍ର ଓ ସ୍ଥାନୀୟ ନେତାମାନେ 'ସଡ଼କ ସୁରକ୍ଷା ଦୂତ' ଭାବେ କାର୍ଯ୍ୟ କରି ନାଟକ, ଷ୍ଟ୍ରିଟ୍ କ୍ୟାମ୍ପେନ୍ ଓ ଜନସାଧାରଣଙ୍କ ସହ ଆଲୋଚନା କରିବେ। କାର୍ଯ୍ୟାନୁଷ୍ଠାନ ତଥ୍ୟଚାଳିତ ହେବ, ଦ୍ରୁତ ଗତିରେ ଗାଡ଼ି ଚାଳନା, ହେଲମେଟ ବିନା ଗାଡ଼ି ଚାଳନା, ଓଭରଲୋଡିଂ ଓ ମଦ୍ୟପାନ କରି ଗାଡ଼ି ଚାଳନା ଭଳି ଉଲ୍ଲଂଘନ ଉପରେ ଧ୍ୟାନ ଦିଆଯିବ। ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଅପେକ୍ଷା ପରାମର୍ଶକୁ ଅଧିକ ପ୍ରାଥମିକତା ଦିଆଯିବ। ଆଇଆଇଟି ମାଡ୍ରାସ ମଧ୍ୟ ବ୍ଲାକସ୍ପଟ୍ ମ୍ୟାପିଂ ଓ ଚିହ୍ନଟ ଏବଂ ଏନଫୋର୍ସମେଣ୍ଟ ଓ ଇଞ୍ଜିନିୟରିଂ ପାଇଁ ବୈଷୟିକ ସହାୟତା ପ୍ରଦାନ କରିବ। ତଥ୍ୟ-ଆଧାରିତ ଅନ୍ତର୍ଦୃଷ୍ଟି, ଆଚରଣ ଜ୍ଞାନ ଓ ସମ୍ପ୍ରଦାୟ ଅଂଶଗ୍ରହଣକୁ ମିଶାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରିବର୍ତ୍ତନକାରୀ ଦୃଷ୍ଟିକୋଣ ଓ ବିକଶିତ ଓଡ଼ିଶା ୨୦୪୭ର ଦୀର୍ଘକାଳୀନ ଲକ୍ଷ୍ୟ ଅଧୀନରେ ଓଡ଼ିଶା ଅଭିନବ ସଡ଼କ ସୁରକ୍ଷା ମଡେଲ ପାଇଁ ଏକ ଜାତୀୟ ମାନଦଣ୍ଡ ସ୍ଥାପନ ଦିଗରେ ଅଗ୍ରସର ହେଉଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ | ରବିବାର ୭ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର | Sunday 7 September 2025, Bhubaneswar


# ଟ୍ରମ୍ପଙ୍କ ୟୁ-ଟର୍ନ୍: ରାଜନୈତିକ ଅନିଶ୍ଚିତତାର ପ୍ରତିଫଳନ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଭାରତ ସମ୍ପର୍କିତ ନୀତିରେ ହଠାତ୍ ପରିବର୍ତ୍ତନ ସମଗ୍ର ବିଶ୍ୱର ଧ୍ୟାନ ଆକର୍ଷଣ କରିଛି। ମାତ୍ର ଗତକାଲି ସେ ତାଙ୍କର ଟ୍ରୁଥ୍ ସୋସିଆଲ୍ ପୋଷ୍ଟରେ କହିଥିଲେ ଯେ, "ଆମେ ଭାରତ ଏବଂ ରୁଷିଆକୁ ଗଭୀରତମ, ଅନ୍ଧକାରମୟ ଚୀନ୍ ହାତରେ ହରାଇଛୁ। ସେମାନେ ଏକତ୍ର ଦୀର୍ଘ ଏବଂ ସମୃଦ୍ଧ ଭବିଷ୍ୟତ ପାଇବେ!" ଏହି ବିବୃତ୍ତି ଭାରତର ରୁଷିଆରୁ ତୈଳ କ୍ରୟ ଏବଂ ଶାଙ୍ଘାଇ କୋଅପରେସନ୍ ଅର୍ଗାନାଇଜେସନ୍ (ଏସ୍‌ସିଓ) ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଏବଂ ଚୀନ୍ ନେତା ସି ଜିନ୍‌ପିଙ୍ଗଙ୍କର ଛବିକୁ ସନ୍ଦର୍ଭିତ କରିଥିଲା।3603A0 ଏହା ଭାରତ-ଆମେରିକା ସମ୍ପର୍କରେ ଏକ ବଡ଼ ଆଘାତ ଥିଲା, ଯାହା ବାଣିଜ୍ୟ ଟ୍ୟାରିଫ୍ ବିବାଦ ଏବଂ ଭାରତର ରୁଷିଆ ସହିତ ଶକ୍ତି ବ୍ୟବସାୟକୁ ନେଇ ଉତ୍ତେଜନା ବଢ଼ାଇଥିଲା। ଟ୍ରମ୍ପ ଭାରତ ଉପରେ ୫୦% ଟ୍ୟାରିଫ୍ ଲଗାଇବାର ଘୋଷଣା କରିଥିଲେ, କହିଥିଲେ ଯେ ଭାରତ ରୁଷିଆରୁ ଅଧିକ ତୈଳ କ୍ରୟ କରି ରୁଷିଆର ଯୁଦ୍ଧ ଯନ୍ତ୍ରକୁ ଅର୍ଥ ଯୋଗାଉଛି।

କିନ୍ତୁ ମାତ୍ର ଏକ ଦିନ ପରେ, ଟ୍ରମ୍ପ ଏକ ଆଶ୍ଚର୍ଯ୍ୟଜନକ ଇଉ-ଟର୍ନ୍ ନେଇ ଓଭାଲ୍ ଅଫିସ୍‌ରେ କହିଲେ, "ମୁଁ ସର୍ବଦା ମୋଦୀଙ୍କ ସହିତ ବନ୍ଧୁ ରହିବି... ସେ ଏକ ମହାନ୍ ପ୍ରଧାନମନ୍ତ୍ରୀ। ସେ ମହାନ୍। କିନ୍ତୁ ମୁଁ ଏହି ମୁହୂର୍ତ୍ତରେ ତାଙ୍କର କାର୍ଯ୍ୟକୁ ପସନ୍ଦ କରୁନାହିଁ। କିନ୍ତୁ ଭାରତ ଏବଂ ଆମେରିକାର ଏକ ବିଶେଷ ସମ୍ପର୍କ ରହିଛି। କିଛି ଚିନ୍ତା କରିବାର ନାହିଁ। ଆମେ କେବଳ କେତେକ ମୁହୂର୍ତ୍ତରେ ଅସହମତି ରଖୁ।" ଏହି ବିବୃତ୍ତି ଟ୍ରମ୍ପଙ୍କର ଅନିଶ୍ଚିତ ବୈଦେଶିକ ନୀତିର



ଏକ ଉଦାହରଣ, ଯାହା ସମ୍ପର୍କକୁ ବ୍ୟକ୍ତିଗତ ସମ୍ବନ୍ଧ ଉପରେ ଆଧାରିତ କରିଥାଏ। ପ୍ରଧାନମନ୍ତ୍ରୀ ମୋଦୀ ଏହାର ଉତ୍ତରରେ ଉଷ୍ମ ପ୍ରତିକ୍ରିୟା ଦେଇଛନ୍ତି, ଯାହା ଭାରତର କୂଟନୈତିକ ପରିପକ୍ୱତାକୁ ଦର୍ଶାଉଛି।

ଏହି ଘଟଣା ଭାରତ-ଆମେରିକା ସମ୍ପର୍କର ଜଟିଳତାକୁ ଉଜାଗର କରୁଛି। ଏକ ପାର୍ଶ୍ୱରେ, ଦୁଇ ଦେଶ ଚୀନ୍ ବିରୋଧରେ ରଣନୀତିକ ଭାଗିଦାରୀ ଗଢ଼ିଛନ୍ତି, ଯେପରି କ୍ୱାଡ୍ ଏବଂ ଇଣ୍ଡୋ-ପ୍ୟାସିଫିକ୍ ଉଦ୍ୟମ। ଅନ୍ୟପାର୍ଶ୍ୱରେ, ବାଣିଜ୍ୟ ବିବାଦ ଏବଂ ଭାରତର ରୁଷିଆ ସହିତ ଐତିହାସିକ ସମ୍ବନ୍ଧ ଉତ୍ତେଜନା ସୃଷ୍ଟି କରୁଛି। ଭାରତ ରୁଷିଆରୁ ତୈଳ କ୍ରୟ କରିବା ଦ୍ୱାରା ନିଜର ଶକ୍ତି ସୁରକ୍ଷା ନିଶ୍ଚିତ କରୁଛି, ଯାହା ୟୁକ୍ରେନ୍ ଯୁଦ୍ଧରେ ରୁଷିଆକୁ ଅର୍ଥ ଯୋଗାଉଥିବାର ଅଭିଯୋଗ ସହିତ ବିରୋଧାଭାସୀ। ଟ୍ରମ୍ପଙ୍କର ଟ୍ୟାରିଫ୍ ଘୋଷଣା ଭାରତର ରପ୍ତାନିକୁ ପ୍ରଭାବିତ କରିପାରେ, କିନ୍ତୁ ଏହା ପ୍ରତ୍ୟାହାର କରିବାର ସମ୍ଭାବନା ରହିଛି ଯଦି କୂଟନୈତିକ ଆଲୋଚନା ସଫଳ ହୁଏ।

ଟ୍ରମ୍ପଙ୍କର ଏହି ଇଉ-ଟର୍ନ୍ ତାଙ୍କର ପ୍ରଥମ କାର୍ଯ୍ୟକାଳର ସମାନ ପ୍ୟାଟର୍ନ୍ ପୁନରାବୃତ୍ତି କରୁଛି, ଯେଉଁଥିରେ ସେ ଭାରତକୁ ଟ୍ୟାରିଫ୍ ରାଜା କହି ଟୀକା କରିଥିଲେ କିନ୍ତୁ ମୋଦୀଙ୍କ ସହିତ ବ୍ୟକ୍ତିଗତ ବନ୍ଧୁତ୍ୱ ବଜାୟ ରଖିଥିଲେ। ଏହା ସୂଚାଉଛି ଯେ ଆମେରିକାର ବୈଦେଶିକ ନୀତି ଅଧିକାଂଶ ସମୟରେ ରାଷ୍ଟ୍ରପତିଙ୍କର ବ୍ୟକ୍ତିଗତ ମନୋଭାବ ଉପରେ ନିର୍ଭର କରେ, ଯାହା ଦୀର୍ଘକାଳୀନ ସ୍ଥିରତାକୁ ପ୍ରଭାବିତ କରିପାରେ। ଭାରତ ପାଇଁ ଏହା ଏକ ସତର୍କତା: ଆମେରିକା ସହିତ ସମ୍ପର୍କକୁ ବହୁମୁଖୀ କରିବା ଆବଶ୍ୟକ, ଯେପରି ବାଣିଜ୍ୟ, ପ୍ରତିରକ୍ଷା ଏବଂ ପ୍ରଯୁକ୍ତି କ୍ଷେତ୍ରରେ।

ଭବିଷ୍ୟତରେ, ଏହି ବିବାଦ କୂଟନୈତିକ ଆଲୋଚନା ଦ୍ୱାରା ସମାଧାନ ହେବାର ସମ୍ଭାବନା ରହିଛି। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଭାରତ-ଆମେରିକା ସଂଲଗ୍ନ ରହିଛି।ଚୀନ୍ ବିରୋଧରେ ଉଭୟ ଦେଶର ସ୍ୱାର୍ଥ ଏକ ହୋଇଥିବାରୁ, ଏହି ସମ୍ପର୍କ ମଜବୁତ୍ ରହିବ। କିନ୍ତୁ ଭାରତକୁ ନିଜର ସ୍ୱାଧୀନ ନୀତି ବଜାୟ ରଖିବାକୁ ପଡ଼ିବ, ଯାହା ବହୁଧ୍ରୁବୀୟ ବିଶ୍ୱରେ ଆବଶ୍ୟକ। ଏହି ଘଟଣା ଆମକୁ ସ୍ମରଣ କରାଉଛି ଯେ ରାଜନୀତିରେ କିଛି ସ୍ଥାୟୀ ନୁହେଁ, ଏବଂ କୂଟନୀତି ହିଁ ସମ୍ପର୍କର ଚାବି।

# ଯୁବପିଢ଼ିଙ୍କ ଆତ୍ମହତ୍ୟା




କାଳୀ ଦାସ


ଭାରତରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ଯୁବପିଡିଙ୍କ ଆତ୍ମହତ୍ୟା ବଢ଼ି ଚାଲିଛି। ଯୁବପୀଢ଼ିଙ୍କ ଆତ୍ମହତ୍ୟା କରିବାର ବିଭିନ୍ନ କାରଣ ଅଛି ଯେମିତି କି ପରୀକ୍ଷାରେ ସଫଳ ନ ହେବା,ମାନସିକ ଓ ସାମାଜିକ ନିର୍ଯାତନା,ପ୍ରେମରେ ସଫଳ ନ ହେବା ,ନ୍ୟାୟପାଳିକାରେ ନ୍ୟାୟ ନ ପାଇବା,ପାରିବାରିକ ସମସ୍ୟା ଏବଂ ଜୀବନରୁ ଅସନ୍ତୋଷ ହେବା ଇତ୍ୟାଦି। ଯୁବ ପିଡିଙ୍କ ଆତ୍ମହତ୍ୟାରୁ ନିବୃତ କରିବାର ଗୋଟିଏ ମାତ୍ର ରସ୍ତା ହେଲା କାଉନସେଲିଂ ବା ପରମାର୍ଶ ଦେବା। ଓଡ଼ିଶାରେ ନିକଟରେ ବାଲେଶ୍‌ବରର ଏଫଏମ କଲେଜର ଜଣେ ଛାତ୍ରୀ ଆତ୍ମହତ୍ୟା କରିବା ଖବର ଲୋକଲୋଚନକୁ ଆସିଥିଲା ଏବଂ ଏହି ଖବର ସମଗ୍ର ଓଡିଶାବାସୀଙ୍କୁ ସ୍ତବ୍ଧ କରିଛି। କେବଳ ଏହା ଗୋଟିଏ ଘଟଣା ନୁହେଁ ଏମିତି ଅନେକ ଘଟଣା ପ୍ରତିଦିନ ଦେଶରେ ଏବଂ ବିଶ୍ୱରେ ଘଟି ଚାଲିଛି। ଯୁବ ପିଢ଼ି,ଯେଉଁ ମାନଙ୍କ ଆଖି ଆଗରେ ସୁନ୍ଦର ଭବିଷ୍ୟତର ସ୍ୱପ୍ନ ରହିବା କଥା କାହିଁକି ଜୀବନ ଠାରୁ ବିମୁଖ ହୋଇଯାଉଛନ୍ତି? ୧୫ ରୁ ୨୪ ବର୍ଷର ଯୁବ ପିଡିଙ୍କ ଭିତରେ ସବୁଠାରୁ ବେଶି ଆତ୍ମ ହତ୍ୟା କରିବା ଦେଖାଯାଇଛି। ଏହା ବିଶ୍‌ବର ଯୁବ ପିଢ଼ିଙ୍କ ଆତ୍ମ ହତ୍ୟାର ୩୫%। ବିଆଇଟିଏସ ଗୋଆରେ ପାଞ୍ଚ ମାସ ଭିତରେ ତିନି ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି। ନିକଟରେ ଦେଶର ଉଚ୍ଚତମ ନ୍ୟାୟାଳୟ ବା ସୁପ୍ରିମକୋର୍ଟ କ୍ୟାମ୍ପସ ଭିତରେ ଆତ୍ମ ହତ୍ୟା କରି ଥିବା ଛାତ୍ର ଛାତ୍ରୀଙ୍କ ଉପରେ ଆଲୋଚନା କରିଛନ୍ତି। ନ୍ୟାୟାଳୟର କହିବା ଅନୁସାରେ ଛାତ୍ର ଛାତ୍ରୀଙ୍କ ଆତ୍ମ ହତ୍ୟା ପାଇଁ ଆମ ସିଷ୍ଟମ୍ ଦାୟୀ। ଆମ ସିଷ୍ଟମରେ କିଛି ଭୁଲ ରହିଛି ସେଇଥି ପାଇଁ ଯୁବ ପିଡି ଆତ୍ମ ହତ୍ୟା କରନ୍ତି। ଆଇଆଇଟି ଖଡଗପୁର ଏବଂ ଶାରଦା ବିଶ୍‌ବବିଦ୍ୟାଳୟରେ ଦୁଇ ଦୁଇ ଟି ଆତ୍ମ ହତ୍ୟାର ଖବର ଆସିଛି। ନ୍ୟାୟାଳୟର କହିବା ଅନୁସାରେ ଦୁଇ ଦୁଇଟି ଆତ୍ମ ହତ୍ୟାର ଘଟଣା ଗୋଟିଏ ଦିନରେ ଘଟିଛି। ଚତୁର୍ଥ ବର୍ଷର ଆଇଆଇଟିର ଇଞ୍ଜିନିୟରିଂର ଛାତ୍ର ଯେଉଁ ଦିନ ଆତ୍ମ ହତ୍ୟା କରିଛି ସେହି ଦିନ ଶାରଦା ବିଶ୍ୟବିଦ୍ୟାଳୟର ଜଣେ ବିଡିଏସ ଛାତ୍ରୀ ଆତ୍ମହତ୍ୟା କରିଛି। ଏ ଧରଣର ଆତ୍ମ ହତ୍ୟା ସମାଜ ପାଇଁ ଓ ପରିବାର ପାଇଁ ଗୋଟିଏ ଅଭିଶାପ କହିଲେ ଭୁଲ ହେବନାହିଁ। ଛାତ୍ର ଛାତ୍ରୀଙ୍କ ଉପରେ ପ୍ରବଳ ଚାପ ଦିଆଯାଉଛି ଯେଉଁଥିପାଇଁ ସେମାନେ ମୃତ୍ୟୁ କୁ ଶ୍ରେୟସ୍କର ବୋଲି ଭାବୁଛନ୍ତି। ମାନସ୍ତତ୍ତ୍ୱବିତ୍ତ ମାନଙ୍କର ବିଭିନ୍ନ ଶିକ୍ଷ୍ୟା ଅନୁଷ୍ଠାନରେ ଛାତ୍ର ଛାତ୍ରୀଙ୍କୁ , ବାପା ମାଆଙ୍କୁ ଓ ଶିକ୍ଷକଙ୍କୁ ସହଯୋଗ ମିଳିବା କଥା। ଶିକ୍ଷ୍ୟା ମନ୍ତ୍ରୀଙ୍କ ମନ ଦର୍ପନ କାର୍ଯ୍ୟକ୍ରମ ଲକ୍ଷ ଲକ୍ଷ ବିଦ୍ୟାର୍ଥୀଙ୍କ ପାଖାକୁ ପହଞ୍ଚିଛି। ଏହା ଏକ କାଉନସିଲିଂ ହେଲପ ଲାଇନ। ସେହି ପରି ସ୍ୱାସ୍ଥ୍ୟ ମନ୍ତ୍ରାଳୟର ମେଣ୍ଟାଲ ହେଲଥ କାର୍ଯ୍ୟକ୍ରମ ୭୬୭ ଜିଲ୍ଲା କୁ ପହଞ୍ଚିଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ହେଲା ସ୍କୁଲ ଏବଂ କଲେଜର ବିଦ୍ୟାର୍ଥୀଙ୍କୁ ଆତ୍ମ ହତ୍ୟା ପରି ଗୋଟିଏ ଜଘନ୍ୟ କାମରୁ ବିରତ କରିବା। ଆଇଆଇଟି ଗୌହାଟି,ଆଇଆଇଟି ଦିଲ୍ଲୀ, ଆଇଆଇଟି ମାଡ୍ରାସ ରେ ଷ୍ଟ୍ରେସ ମ୍ୟାନେଜମେଣ୍ଟର କାର୍ଯ୍ୟକ୍ରମ ଚାଲିଲାଣି। ଅନେକ ସମୟରେ ବିଦ୍ୟାର୍ଥୀ ମାନେ ନିଶାର ଶିକାର ହୋଇଥାନ୍ତି। ସେଥିପାଇଁ ଏଣ୍ଟି ଡ୍ରଗ କେମ୍ପେନିଂ ମଧ ଶିକ୍ଷ୍ୟା ଅନୁଷ୍ଠାନ କ୍ୟାମ୍ପସରେ ଆରମ୍ଭ କରାଯାଉଛି। ଆମ ଯୁବ ପିଡି ଆମର ଭବିଷ୍ୟତ। ଯେତେବେଳେ ଜଣେ ଯୁବକ ବା ଯୁବତୀ ଆତ୍ମ ହତ୍ୟା କରିଥାନ୍ତି ସେତେବେଳେ ସେହି ପରିବାରର ସମସ୍ତ ସ୍ୱପ୍ନ ଚୂର୍‌ଚୁର ହୋଇଯାଏ। ମା ବାପା ବଞ୍ଚିଥିବା ଯାଏଁ ଏ ଦୁଃଖରୁ ମୁକ୍ତି ପାଇପାରିନ୍ତି ନାହିଁ। ସେଥିପାଇଁ ଯୁବ ପିଡି ଯେତେ ସମସ୍ୟା ହେଲେ ମଧ ମୃତ୍ୟୁ କୁ ତାର ସମାଧାନ ବୋଲି ଭାବନ୍ତୁ ନାହିଁ ବଞ୍ଚି ରହିଲେ ସେମାନେ ନିଶ୍ଚିତ ଭାବରେ ସମସ୍ତ ସମସ୍ୟାର ସମାଧାନ କୁ ଖୋଜି ପାରିବେ।




ବ୍ରହ୍ମପୁର, ଖୋଡାସିଂଙ୍ଗି କଳିଙ୍ଗନଗର
ଗଞ୍ଜାମ, ମୋବାଇଲ୍: ୭୨୦୫୧୦୦୮୩୯


# ସାଂସାରିକ ମୋହ, ଆତ୍ମା ଓ ପରମାତ୍ମା




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ମଣିଷ ଜୀବନର ଅସଲ ଲକ୍ଷ୍ୟ ହେଉଛି ଭଗବତ ପ୍ରାପ୍ତି। ପ୍ରତ୍ୟେକ ମନୁଷ୍ୟର ଆତ୍ମାର ଏହାହିଁ ଏକାନ୍ତ କାମନା। ଆତ୍ମା ଯେତେବେଳେ ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନ ହୋଇ ଭୌତିକ ଜଗତକୁ ପ୍ରବେଶ କରେ, ସେ ପ୍ରତିଜ୍ଞା କରିଥାଏ ପରମାତ୍ମାଙ୍କ ସଙ୍ଗେ ମିଳିତ ହେବ ବୋଲି, କିନ୍ତୁ ସେ ଏ ମାଟିର ସ୍ପର୍ଶ ପାଇଲା ମାତ୍ରେ ସବୁ ପ୍ରତିଜ୍ଞା ଭୁଲିଯାଏ। ସାଂସାରିକ ମୋହ ମାୟାରେ ସେ ଆଚ୍ଛନ୍ନ ହୋଇପଡ଼େ। ଆତ୍ମା ଆଚ୍ଛାଦିତ ହୋଇଯାଏ ପରଦାର ଆବରଣରେ ମନ, ପ୍ରାଣ ଓ ଦେହର ଅଜ୍ଞତା ଅବିଦ୍ୟା ତାକୁ ଉଦ୍‌ଭ୍ରାନ୍ତ କରେ। ଫଳତଃ ସେ ଭୁଲ୍ବାଟରେ ଅଶାନ୍ତିର ଶିକାର ହୁଏ ଓ ଜୀବନର ସବୁ ସରସତା ତାର ନଷ୍ଟ ହୋଇଯାଏ। ଅବିଦ୍ୟାରୁ ମୁକ୍ତହୋଇ ବିଦ୍ୟାର ଆଲୋକରେ ଆଲୋକିତ ହେବା ପାଇଁ ବ୍ୟକ୍ତିକୁ କିଛି ପ୍ରୟାସ ଓ ପ୍ରଚେଷ୍ଟା କରିବାକୁ ପଡ଼େ। ଆମେ ଗୋଟିଏ ଶୁଆକୁ 'ସୁପ୍ରଭାତ' କହିବା ଶିଖେଇ ଦେଇପାରିବା। କିନ୍ତୁ ଯଦି ଆମେ ତାର ଗଳାକୁ ଜୋରରେ ଚାପିଦେବା, ତେବେ ସେ କୃତ୍ରିମ ରୂପରେ ଶିଖିଥିବା ଶବ୍ଦଟି ଭୁଲିଯାଇ ତାର ସ୍ୱାଭାବିକ ଶବ୍ଦ 'କ୍ୱ' ଉଚ୍ଚାରଣ କରିବ। ସେହିପରି,ମୃତ୍ୟୁ ସମୟରେ ଆମର ମନ ସ୍ୱାଭାବିକ ଭାବରେ ସେହି ଚିନ୍ତାଧାରା ଅଭିମୁଖରେ ପ୍ରବାହିତ ହୁଏ, ଯାହାର ଅଭ୍ୟାସ ଆମେ ଜୀବନ ସାରା କରିଥାଏ। ଜିନିଷପତ୍ର ସଜାଡ଼ି ସାରିବା ପରେ ଯାତ୍ରାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଏ ନାହିଁ ବରଂ ତା' ପୂର୍ବରୁ, ଏହାର ରୀତିମତ ଯୋଜନା ପ୍ରସ୍ତୁତ କରାଯିବା ଉଚିତ। ମୃତ୍ୟୁ ସମୟରେ ମୁଖ୍ୟତଃ ଯେଉଁ ବିଚାର ଆମ ମନକୁ ଅଧିକାର କରିଥାଏ, ତଦନୁଯାୟୀ ଆମର ପରବର୍ତ୍ତୀ ଜନ୍ମ ନିର୍ଦ୍ଧାରିତ ହୋଇଥାଏ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ। ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି। ସେ ଜଣେ ରାଜା ଥିଲେ। କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ। ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ। ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା। ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉପୃନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ। ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ। ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ। ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା। କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା। ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ। ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ। କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ। ସେଥିପାଇଁ ହରିଣ ହେଲେ ମଧ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ। ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ। ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ।



ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଲକ୍ଷ୍ୟ ପ୍ରାପ୍ତି ପାଇଁ, କେବଳ ମୃତ୍ୟୁ ସମୟରେ ହିଁ ପରମେଶ୍ୱରଙ୍କର ଧ୍ୟାନ କରିବା ଆବଶ୍ୟକ। ଜୀବନ ବ୍ୟାପୀ ପ୍ରସ୍ତୁତି ବିନା ଏହା ପ୍ରାୟତଃ ଅସମ୍ଭବ ଅଟେ। ସ୍କନ୍ଦ ପୁରାଣରେ କୁହାଯାଇଛି ଯେ ମୃତ୍ୟୁ ସମୟରେ ଭଗବାନଙ୍କୁ ମନେ ପକାଇବା ଅତ୍ୟନ୍ତ କଷ୍ଟସାଧ ଅଟେ। ମୃତ୍ୟୁ ଏତେ କଷ୍ଟଦାୟକ ଯେ, ମନ ସ୍ୱାଭାବିକ ଭାବରେ ବ୍ୟକ୍ତିର ସ୍ୱଭାବ ଅନୁରୂପ ବିଚାର ପ୍ରତି ଆକର୍ଷିତ ହୋଇଯାଏ। ମନ ଭଗବାନଙ୍କର ଚିନ୍ତନ କରିବା ପାଇଁ ବ୍ୟକ୍ତିର ଅନ୍ତଃକରଣ ଭଗବାନଙ୍କଠାରେ ସଂଯୁକ୍ତ ରହିବା ଆବଶ୍ୟକ। ଅନ୍ତଃକରଣ ସେହି ଚେତନା ଅଟେ ଯାହା ମନ ଓ ବୁଦ୍ଧି ଦ୍ୱାରା ଭିତରେ ରହିଥାଏ। ଯଦି ଆମେ କୌଣସି ବିଚାରର ବାରମ୍ବାର ଚିନ୍ତନ କରିବା ଦ୍ୱାରା, ତାହା ଆମର ଅନ୍ତଃକରଣରେ ପ୍ରତିଫଳିତ ହୋଇଥାଏ। ତେଣୁ ଏକ ଭଗବତ୍ ଚେତନାଯୁକ୍ତ ଅନ୍ତଃକରଣ ବିକଶିତ କରିବା ପାଇଁ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ନିଶ୍ଚିତ ଭାବରେ ଭଗବାନଙ୍କର ସ୍ମରଣ ଏବଂ ଚିନ୍ତନ କରିବା ଆବଶ୍ୟକ।


ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ: ୯୯୩୮୯୦୬୦୭୦


# ହିନ୍ଦୁ ନରସଂହାର ନିଚ୍ଛକ କାହାଣୀ 'ଦି ବେଙ୍ଗଲ ଫାଇଲ୍ସ'




ଗୋଲଖ ଚନ୍ଦ୍ର ଦାସ


ସେପ୍ଟେମ୍ବର ୫ ତାରିଖରେ ମୁକ୍ତିଲାଭ କରିଛି 'ଦି ବେଙ୍ଗଲ ଫାଇଲ୍ସ'। ଏହି ଫିଲ୍ମଟି ୧୯୪୬ ମସିହାର କଲିକତା ନରସଂହାର ଏବଂ ନୂଆଖାଲି ଦଙ୍ଗାର କାହାଣୀ ବର୍ଣ୍ଣନା କରେ। ବ୍ରିଟିଶ ବଙ୍ଗର ନୂଆଖାଲି ଜିଲ୍ଲାରେ ଯେଉଁ ହିଂସାକାଣ୍ଡ ଘଟିଥିଲା ସେଥିରେ ହିନ୍ଦୁମାନଙ୍କୁ ଯୋଜନାବଦ୍ଧ ଭାବରେ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ହତ୍ୟା, ବଳାତ୍କାର, ବଳପୂର୍ବକ ଧର୍ମାନ୍ତରୀକରଣ, ଘର ଲୁଟ ଏବଂ ପୋଡ଼ାଜଳା ଅନ୍ତର୍ଭୁକ୍ତ। ବିବେକ ଅଗ୍ନିହୋତ୍ରୀ ତାଙ୍କ ତ୍ରିକୋଣୀୟ ଚଳଚ୍ଚିତ୍ର 'ଦି ବେଙ୍ଗଲ ଫାଇଲ୍ସ'ର ଶେଷ ଚଳଚ୍ଚିତ୍ରରେ ଏଥର ଇତିହାସର ସେହି ଅନାଲୋଚିତ ଦିଗକୁ ଆଲୋଚନା କରିଛନ୍ତି। ଇତିହାସର ଏହି ପୃଷ୍ଠା ଦେଖାଇ ସେ କହିବାକୁ ଚେଷ୍ଟା କରିଛନ୍ତି ଯେ ବିଭାଜନର ୭୮ ବର୍ଷ ପରେ ମଧ ବଙ୍ଗର ପରିସ୍ଥିତି ପ୍ରାୟତଃ ସମାନ। ତଥ୍ୟଗୁଡ଼ିକ ଭଲ ଭାବରେ ଉପସ୍ଥାପନା କରାଯାଇଛି କିନ୍ତୁ ତାଙ୍କର ପୂର୍ବ ଦୁଇଟି ଫାଇଲ୍ 'ଦି ତାସକେଣ୍ଟ ଫାଇଲ୍ସ' ଏବଂ 'ଦି କାଶ୍ମୀର ଫାଇଲ୍ସ' ପରେ ଏହା କେତେ ପ୍ରଭାବ ପକାଉଛି ଦେଖିବାକୁ ବାକି ରହିଲା। ହିନ୍ଦୁମାନଙ୍କ ନରସଂହାରର ଭୟଙ୍କର ଘଟଣାଗୁଡ଼ିକ କେବଳ ବଙ୍ଗଳା ନୁହେଁ ବରଂ ସମଗ୍ର ଭାରତର ବିଭାଜନ ଏବଂ ସାମ୍ପ୍ରଦାୟିକ ରାଜନୀତି ପାଇଁ ଏକ ମୋଡ଼ ସାବ୍ୟସ୍ତ ହୋଇଥିଲା। ଭାରତର ସ୍ୱାଧୀନତା ସଂଗ୍ରାମର ଶେଷ ବର୍ଷଗୁଡ଼ିକରେ ଦେଶର ରାଜନୀତି ଏକ ବିଶେଷ ମୋଡ଼ ଦେଇ ଗତି କରିଥିଲା। ଗୋଟିଏ ପଟେ ବ୍ରିଟିଶ ଶାସନର କବଳ ଦୁର୍ବଳ ହେଉଥିଲା ଏବଂ ଅନ୍ୟପଟେ ସ୍ୱାଧୀନ ଭାରତର ସ୍ୱରୂପ କ'ଣ ହେବ ସେ ବିଷୟରେ ହିନ୍ଦୁ-ମୁସଲିମ ରାଜନୀତିରେ ଏକ ଗଭୀର ବିଭାଜନ ଦେଖାଦେବାକୁ ଲାଗିଲା।

ଏହି ଫିଲ୍ମଟି ଲର୍ଡ ମାଉଣ୍ଟବ୍ୟାଟେନ, ଜବାହରଲାଲ ନେହେରୁ ଏବଂ ମହମ୍ମଦ ଅଲି ଜିନ୍ନାଙ୍କ ମଧ୍ୟରେ ଦେଶ ବିଭାଜନ ବିଷୟରେ ଆଲୋଚନା ଏବଂ ବିତର୍କରୁ ଆରମ୍ଭ ହୁଏ, ଯେଉଁଠାରେ ବ୍ରିଟିଶମାନେ ମୁସଲମାନମାନଙ୍କ ପାଇଁ ଏକ ପୃଥକ ଦେଶ ଦାବି କରନ୍ତି। ୧୯୪୦ ଦଶକ ସୁଦ୍ଧା ମୁସଲିମ ଲିଗ୍ ଖୋଲାଖୋଲି ଭାବରେ ଦୁଇ-ରାଷ୍ଟ୍ର ତତ୍ତ୍ୱକୁ ସମର୍ଥନ କରିବା ଆରମ୍ଭ କରିଦେଇଥିଲା। ମହମ୍ମଦ ଅଲି ଜିନ୍ନାଙ୍କ ନେତୃତ୍ୱରେ ପାକିସ୍ତାନର ଦାବି ତୀବ୍ର ହୋଇଯାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ସ୍ୱାଧୀନ ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବରେ ଦେଖିବାକୁ ଚାହୁଁଥିଲା। ୧୯୪୦ର ଲାହୋର ପ୍ରସ୍ତାବ ମୁସଲିମ ଲିଗର ଏହି ନୀତିର ଆଧାର ପାଲଟିଥିଲା। ବଙ୍ଗଳାରେ ଯେଉଁଠାରେ ହିନ୍ଦୁ ଏବଂ ମୁସଲିମ ଜନସଂଖ୍ୟା ମଧ୍ୟରେ ଏକ ବିରାଟ ଅସନ୍ତୁଳନ ଥିଲା, ଏହି ରାଜନୀତି ସେଠାରେ ଅଧିକ ତୀବ୍ର ହୋଇଗଲା କିନ୍ତୁ ବିଭାଜନକୁ ମହାତ୍ମା ଗାନ୍ଧୀ ଦୃଢ଼ ବିରୋଧ କରିଛନ୍ତି।

୧୬ ଅଗଷ୍ଟ ୧୯୪୬ରେ ମୁସଲିମ ଲିଗ୍ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଦିବସ ପାଳନ କରିବାକୁ ଆହ୍ୱାନ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ବ୍ରିଟିଶ ଏବଂ କଂଗ୍ରେସ ଉପରେ ଚାପ ପକାଇ ସ୍ପଷ୍ଟ ଏବଂ ନିର୍ଣ୍ଣାୟକ ଭାବରେ ପାକିସ୍ତାନର ଦାବି ଉପସ୍ଥାପନ କରିବା। ସେହି ଦିନ କୋଲକାତା (ତତ୍କାଳୀନ କଲିକତା) ରେ ମୁସଲିମ ଲିଗର ଏକ ବଡ଼ ଶୋଭାଯାତ୍ରା ହୋଇଥିଲା। ସରକାରୀ ପ୍ରଶାସନ ଏହି ରାଲିକୁ ବନ୍ଦ କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇ ନଥିଲା। ଫଳସ୍ୱରୂପ କଲିକତାରେ ବ୍ୟାପକ ହିଂସା ଘଟିଥିଲା। ଗ୍ରେଟ୍ କଲିକତା ହତ୍ୟା ନାମରେ ପରିଚିତ ଏହି ଘଟଣାରେ, ହିନ୍ଦୁ-ମୁସଲିମ ଦଙ୍ଗା ଚାରି ଦିନ ଧରି ଚାଲିଥିଲା। ହିଂସା ଏତେ ତୀବ୍ର ଥିଲା ଯେ ସରକାରୀ ସଂଖ୍ୟା ଅନୁସାରେ ପାଞ୍ଚ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ୧୫ ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣାରେ ପ୍ରାୟ ଏକ ଲକ୍ଷ ଲୋକ ବାସହୀନ ହୋଇଯାଇଥିଲେ।





କଲକାତା ହତ୍ୟାକାଣ୍ଡର ଦୁଇ ମାସ ପରେ ବଙ୍ଗଳାର ନୂଆଖାଲି ଜିଲ୍ଲାରେ ହିଂସା ଦେଖାଦେଇଥିଲା। ଅକ୍ଟୋବର ୧୯୪୬ ରେ ହିନ୍ଦୁମାନଙ୍କ ଉପରେ ବଡ଼ ଧରଣର ଆକ୍ରମଣ ହୋଇଥିଲା। ଘର ପୋଡ଼ି ଦିଆଯାଇଥିଲା, ଧାର୍ମିକ ସ୍ଥଳ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ବହୁ ସଂଖ୍ୟକ ହିନ୍ଦୁଙ୍କୁ ଧର୍ମାନ୍ତରୀକରଣ କରିବାକୁ ବାଧ କରାଯାଇଥିଲା। ସରକାରୀ ରେକର୍ଡ ଅନୁଯାୟୀ ହଜାର ହଜାର ହିନ୍ଦୁଙ୍କୁ ହତ୍ୟା କରାଯାଇଥିଲା ଏବଂ ଲକ୍ଷ ଲକ୍ଷ ବାସସ୍ଥାନ ହରାଇଥିଲେ। ମହାତ୍ମା ଗାନ୍ଧୀ ଏହି ଅଞ୍ଚଳ ପରିଦର୍ଶନ କରିବାକୁ ବ୍ୟକ୍ତିଗତ ପଦକ୍ଷେପ ନେଇଥିଲେ ଏବଂ ସେଠାରେ ଅହିଂସା ଏବଂ ଶାନ୍ତିର ବାର୍ତ୍ତା ପ୍ରସାର କରିବାକୁ ଚେଷ୍ଟା କରିଥିଲେ। ନୂଆଖାଲି ଦଙ୍ଗା ସ୍ୱାଧୀନତା ପୂର୍ବରୁ ହିନ୍ଦୁ ସମାଜର ମନରେ ଗଭୀର ଅସୁରକ୍ଷା ଏବଂ ଯନ୍ତ୍ରଣାର ଭାବନା ଛାଡିଦେଇ ଯାଇଥିଲା।

ଏହି ଘଟଣାଗୁଡ଼ିକର ଗୁରୁତ୍ୱ କେବଳ ସେତେବେଳର ସାମ୍ପ୍ରଦାୟିକ ଉତ୍ତେଜନା ପର୍ଯ୍ୟନ୍ତ ସୀମିତ ନଥିଲା ବରଂ ଭାରତର ଭବିଷ୍ୟତ ଦିଗ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। କଲିକତାର ରାସ୍ତାରେ ବିକ୍ଷିପ୍ତ ମୃତଦେହ ଏବଂ ନୂଆଖଲିର ଧ୍ୱଂସପ୍ରାପ୍ତ ଗ୍ରାମଗୁଡ଼ିକ କେବଳ ସାମ୍ପ୍ରଦାୟିକ ହିଂସାର କାହାଣୀ ନଥିଲା, ବରଂ ଭାରତ ବିଭାଜନର ମୁଖ୍ୟ ଘଟଣାବଳୀ ମଧ ଥିଲା। ଏହି ଘଟଣାଗୁଡ଼ିକ ଶିକ୍ଷା ଦେଇଥିଲା ଯେ ଧାର୍ମିକ ଆଧାରରେ ରାଜନୀତି ଏବଂ କ୍ଷମତା ଦଖଲର ସଂଘର୍ଷ କିପରି ସମାଜକୁ ଭାଙ୍ଗିଦେଇପାରେ। ତା'ପରେ ଏହି ଚଳଚିତ୍ରରେ କାହାଣୀ ବର୍ତ୍ତମାନକୁ ଆସେ। ବଙ୍ଗଳାର ମୁର୍ଶିଦାବାଦରେ ଜଣେ ଦଳିତ ଝିଅର ନିଖୋଜ ହେବା ପାଇଁ ସ୍ଥାନୀୟ ବିଧାୟକ ସର୍ଦ୍ଦାର ହୁସେନ (ଶାଶ୍ୱତ ଚାଟାର୍ଜୀ)ଙ୍କୁ ଦାୟୀ କରାଯାଏ, ଯିଏ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ପଶ୍ଚିମବଙ୍ଗକୁ ବେଆଇନ ଭାବରେ ଆସିବାରେ ସାହାଯ୍ୟ କରିବା ପାଇଁ କୁଖ୍ୟାତ, ଯାହା ମୁର୍ଶିଦାବାଦରେ ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିବାରେ ମଧ ପ୍ରଭାବ ପକାଏ। ହାଇକୋର୍ଟ ସିବିଆଇ ତଦନ୍ତ ସୁପାରିଶ କରିଛନ୍ତି। ମାମଲାର ତଦନ୍ତ ପାଇଁ ଦିଲ୍ଲୀରୁ ସିବିଆଇ ଅଧିକାରୀ ଶିବ ପଣ୍ଡିତ (ଦର୍ଶନ କୁମାର)ଙ୍କୁ ପଠାଯାଇଛି। କାଶ୍ମୀର ପଣ୍ଡିତ ଶିବଙ୍କର ମଧ ଏକ ଅତୀତ ଅଛି, ଯାହା ତାଙ୍କୁ କଷ୍ଟ ଦିଏ। ସେଠାରେ ପହଞ୍ଚି ସେ ଜାଣିପାରନ୍ତି ଯେ ବଙ୍ଗଳାରେ ଦୁଇଟି ସମ୍ବିଧାନ ପାଳନ କରାଯାଏ। ସେ ଭାରତ ମାତାର ଅତୀତ ସହିତ ବଙ୍ଗଳାର ଇତିହାସ ସହିତ ପରିଚିତ ହୁଅନ୍ତି। ସେହି ସମୟରେ ସେ ସର୍ଦ୍ଦାର ହୁସେନଙ୍କ ଅତ୍ୟାଚାର ଆଗରେ ନିଜକୁ ଅସହାୟ ମନେ କରନ୍ତି। ସେ ଅନୁଭବ କରନ୍ତି ଯେ ସ୍ୱାଧୀନତା ପୂର୍ବରୁ ଏବଂ ପରେ ପରିସ୍ଥିତି ପ୍ରାୟତଃ ସମାନ। 'ଦି ତାସକେଣ୍ଟ ଫାଇଲ୍ସ'ରେ ଲାଲ ବାହାଦୁର ଶାସ୍ତ୍ରୀଙ୍କ ରହସ୍ୟମୟ ମୃତ୍ୟୁ ପାଇଁ ବିବେକଙ୍କୁ ବହୁତ ପ୍ରଶଂସା ମିଳିଥିଲା। ଏହା ପରେ 'ଦି କାଶ୍ମୀର ଫାଇଲ୍ସ'ରେ କାଶ୍ମୀର ପଣ୍ଡିତମାନଙ୍କ ପଳାୟନ ପ୍ରସଙ୍ଗ ଉଠାଇଥିଲା। ଏବେ ମା ଭାରତୀ ମାଧମରେ ବଙ୍ଗଳାର ଇତିହାସର ଅନାଲୋଚିତ ଅଧ୍ୟାୟଗୁଡ଼ିକୁ ଉନ୍ମୋଚିତ କରାଯାଇଛି। ଏଥିପାଇଁ ସେ ବହୁତ ଗବେଷଣା କରିଛନ୍ତି। ପ୍ରଯୋଜନା ଡିଜାଇନ୍, ସିନେମାଟୋଗ୍ରାଫି ଏବଂ ଆକ୍ସନ୍ ନୃତ୍ୟ ନିର୍ଦ୍ଦେଶନା ଉତ୍କୃଷ୍ଟ। ଫିଲ୍ମର ଲମ୍ବ ପ୍ରାୟ ୩ ଘଣ୍ଟା ୪୫ ମିନିଟ୍। ଯାହା ଏକ ନିଷ୍ଠୁର କାହାଣୀ ପାଇଁ ଟିକେ ଲମ୍ବା ମନେହୁଏ। ଅନେକ ଦୃଶ୍ୟ ଅତ୍ୟନ୍ତ ଭୟଙ୍କର ଯାହାକୁ ଟିକେ ହ୍ରାସ କରାଯାଇପାରିଥାନ୍ତା। ତଥାପି କାହାଣୀର ଇତିହାସର ଅନ୍ଧକାର ଦିଗକୁ ଏକ ସସପେନ୍ସପୂର୍ଣ୍ଣ ଭାବରେ ଉପସ୍ଥାପନ କରାଯାଇଛି। ଏହି ଚଳଚ୍ଚିତ୍ରକୁ ବୁଝିବା ପାଇଁ ଇତିହାସ ସହିତ ପରିଚିତ ହେବା ବହୁତ ଗୁରୁତ୍ୱପୂର୍ଣ୍ଣ। ଦ୍ୱିତୀୟତଃ କଡ଼ା ସମ୍ପାଦନା ସହିତ ଏହାକୁ ଛୋଟ କରିବାର ବହୁତ ସୁଯୋଗ ଥିଲା। ଡାଇରେକ୍ଟ ଆକ୍ସନ୍ ଡେ ଭାରତୀୟ ଇତିହାସର ଏକ କଳା ଅଧ୍ୟାୟ, ଚଳଚ୍ଚିତ୍ରଟି ସେଠାରେ ପହଞ୍ଚିବାକୁ ବହୁତ ସମୟ ନିଏ। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଆଶ୍ଚର୍ଯ୍ୟଜନକ ଘଟଣା ହୋଇଛି। ଏହି ଦୁଃଖଦ ଘଟଣାଟିକୁ କିଛି ପରିମାଣରେ ପରଦାରେ ପ୍ରଭାବଶାଳୀ ଭାବରେ ଚିତ୍ରଣ କରାଯାଇଛି, କିନ୍ତୁ ତା'ପରେ ଏହା ଦ୍ରୁତ ଗତିରେ ଆଗକୁ ବଢ଼େ।

ଫିଲ୍ମରେ ଅନେକ ଅସଙ୍ଗତି ମଧ ଅଛି। ଉଦାହରଣ ସ୍ୱରୂପ ଯେତେବେଳେ ଦଙ୍ଗା ଆରମ୍ଭ ହୁଏ ଏବଂ ତାଙ୍କ ବାପାମା ଗାଡ଼ିରେ ତାଙ୍କ ପାଇଁ ଅପେକ୍ଷା କରନ୍ତି, ସେତେବେଳେ ଭାରତୀ ଯେଉଁ ସହଜରେ ତାଙ୍କ ଘରକୁ ଦୌଡ଼ି ଯାଆନ୍ତି ତାହା ଆଶ୍ଚର୍ଯ୍ୟଜନକ। ସେମାନେ କିପରି ଜାଣିବେ ଯେ ଭାରତୀ ସୁରକ୍ଷିତ ଭାବରେ ଫେରି ଆସିବେ? ଗାନ୍ଧୀଙ୍କ ଅହିଂସାର ନୀତିର ବିରୋଧୀ ଗୋପାଳ ପଠା ପ୍ରତିଶୋଧ ସ୍ୱରୂପ ହିନ୍ଦୁମାନଙ୍କୁ ଏକତ୍ରିତ କରନ୍ତି, କିନ୍ତୁ ତାଙ୍କର ଆଉ କୌଣସି ଉଲ୍ଲେଖ ନାହିଁ। ହିନ୍ଦୁମାନଙ୍କ ହତ୍ୟା ପାଇଁ 'ବଙ୍ଗଳାର କସାଇ' କୁହାଯାଉଥିବା ସୁହରାୱର୍ଦ୍ଦୀ (ମୋହନ କପୁର) ଚରିତ୍ରକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରାଯାଇ ନାହିଁ। ବଙ୍ଗଳା ଏକ ଭୂମି ଖଣ୍ଡ ନୁହେଁ ବରଂ ଭାରତର ବତୀଘର ବୋଲି ଆଧାରିତ ଏହି କାହାଣୀଟି ସମ୍ପୂର୍ଣ୍ଣ ଭାବରେ ଜଡ଼ିତ ନୁହେଁ। ସେହି ସମୟରେ ବଙ୍ଗଳାର ମହାନତା ବର୍ଣ୍ଣନା କରୁଥିବା ସୂଚନା-ଆଧାରିତ ସଂଳାପଗୁଡ଼ିକ ଅତ୍ୟଧିକ ସାହିତ୍ୟିକ ମନେହୁଏ।

ଅଭିନେତାମାନଙ୍କ ମଧ୍ୟରେ ବୟସ୍କା ମା ଭାରତୀ ଭୂମିକାରେ ପଲ୍ଲବୀ ଜୋଶୀଙ୍କ ଅଭିନୟ ପ୍ରଶଂସନୀୟ। ପଲ୍ଲବୀ ଜୋଶୀ ତାଙ୍କ ଭୂମିକାରେ ଗଭୀରତା ଏବଂ ଦୃଢ଼ ବିଶ୍ୱାସ ଦେଖାଇଛନ୍ତି। ସିମରତ କୌର ଯୁବ ଭୂମିକାରେ କଠିନ ପରିଶ୍ରମ କରିଛନ୍ତି।ତାଙ୍କ ଭୂମିକାରେ ସମ୍ବେଦନଶୀଳତା ଏବଂ ଶକ୍ତି ଦେଖାଇଛନ୍ତି। ପୂର୍ବତନ ପୋଲିସ ଅଧିକାରୀ ଭୂମିକାରେ ଅଭିନୟ କରୁଥିବା ମିଥୁନ ଚକ୍ରବର୍ତ୍ତୀ ମଧ ତାଙ୍କ ଭୂମିକାକୁ ସଠିକ ଦିଗରେ ନେଇଛନ୍ତି। ଦର୍ଶନ କୁମାର ତାଙ୍କ ଚରିତ୍ରରେ ଭାବପ୍ରବଣତା ଏବଂ ତୀବ୍ରତା ସହିତ ଏକ ଶକ୍ତିଶାଳୀ ଅଭିନୟ କରିଛନ୍ତି। ଏକଲବ୍ୟ ସୂଦ କାହାଣୀରେ ବହୁତ ବିଶ୍ୱାସ ଏବଂ ଗଭୀରତାର ଅବଦାନ ଦେଇଛନ୍ତି। ସର୍ଦ୍ଦାର ହୁସେନ ଭୂମିକାରେ ଶାଶ୍ୱତ ଚାଟାର୍ଜୀଙ୍କ ବିଶେଷ ଆକର୍ଷଣ ରହିଛି। ଶାଶ୍ୱତ ଚାଟାର୍ଜୀ ନେତା ଭୂମିକାରେ ନିଷ୍ଠୁରତାକୁ ଏକ ଥଣ୍ଡା ଏବଂ ଅନନ୍ୟ ଉପାୟରେ ଉପସ୍ଥାପନ କରିଛନ୍ତି, ଯାହା କାହାଣୀର ଗୁରୁତ୍ୱକୁ ଆହୁରି ବୃଦ୍ଧି କରିଛି। ଅନୁପମ ଖେର ଗାନ୍ଧୀଜୀଙ୍କ ଚରିତ୍ରକୁ ଏକ ନୂତନ ଏବଂ ମାନବିକ ଉପାୟରେ ଉପସ୍ଥାପନ କରିଛନ୍ତି ଯାହା ଆପଣଙ୍କୁ ଚିନ୍ତା କରିବାକୁ ବାଧ କରେ। ମିଥୁନ ଚକ୍ରବର୍ତ୍ତୀଙ୍କ ପୁଅ ନମାଶିଙ୍କ ଚରିତ୍ର ମଧ ଫିଲ୍ମରେ ଦେଖାଯାଉଛି। ନମାଶି ଚକ୍ରବର୍ତ୍ତୀ ତାଙ୍କ ଚରିତ୍ରରେ ଏକ ପ୍ରାକୃତିକ ଏବଂ ପ୍ରଭାବଶାଳୀ ଅଭିନୟ ଦେଇଛନ୍ତି, ଯାହା ଫିଲ୍ମର ନିଷ୍ଠୁର ଏବଂ ଭାବପ୍ରବଣ କାହାଣୀରେ ବାସ୍ତବତା ଯୋଡିଥାଏ। ଜଣେ ବର୍ବର ଦାସ ଭୂମିକାରେ ଅଭିନୟ କରୁଥିବା ନମାଶୀ ତାଙ୍କ ଦକ୍ଷତା ପ୍ରମାଣିତ କରନ୍ତି। ତାଙ୍କର ବିପଦପୂର୍ଣ୍ଣ ଶୈଳୀ ଘୃଣା ସୃଷ୍ଟି କରେ। ଫିଲ୍ମରେ ପାରମ୍ପରିକ ଗୀତ ନାହିଁ କିନ୍ତୁ ପୃଷ୍ଠଭୂମି ସଙ୍ଗୀତ ବହୁତ ପ୍ରଭାବଶାଳୀ। ସ୍କୋର କାହାଣୀର ନିଷ୍ଠୁର ତୀବ୍ରତା ଏବଂ ଭାବପ୍ରବଣ ଗଭୀରତାକୁ ବୃଦ୍ଧି କରେ। ଆକ୍ସନ ଏବଂ ସସପେନ୍ସଫୁଲ୍ ସିକ୍ୱେନ୍ସ ସମୟରେ ସଙ୍ଗୀତ ଅଭିଜ୍ଞତାକୁ ଅଧିକ ନିମଗ୍ନ କରିଛି। ଯଦି ଆପଣ ଇତିହାସର ଅନାଲୋଚିତ ଅଧ୍ୟାୟ ଏବଂ ଯନ୍ତ୍ରଣାଦାୟକ ଦିଗ ସହିତ ବର୍ତ୍ତମାନର ସାମାଜିକ-ସାଂସ୍କୃତିକ ସନ୍ଦର୍ଭକୁ ବୁଝିବାକୁ ଚାହାଁନ୍ତି, ତେବେ 'ଦି ବେଙ୍ଗଲ୍ ଫାଇଲ୍ସ' ଦେଖିବା ଆବଶ୍ୟକ।


ଏଫ୍-୩୫, ଏନ୍ ଏ ସି ଫ୍ଲାଟ, ଏନ୍‌ଏସି କଲୋନୀ, ଖାରାବେଳ ନଗର,
ଭୁବନେଶ୍ୱର, ମୋବାଇଲ୍: ୯୮୬୧୦୬୯୫୫୩

## ଯୁଏନ୍‌ଜିଏରେ ଯୋଗଦେବେ ଜୟଶଙ୍କର



**ନୂଆଦିଲ୍ଲୀ,୬।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ମାସ ଶେଷରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ଅଧିବେଶନରେ ଯୋଗଦେବେ ନାହିଁ। ତାଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ୟୁଏନଜିଏରେ ଭାରତକୁ ପ୍ରତିନିଧିତ୍ୱ କରିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ୟୁଏନ୍‌ଜିଏରେ ଯୋଗ ନ ଦେବା ନିଷ୍ପତ୍ତି ଏପରି ସମୟରେ ଆସିଛି। ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆରୁ ତେଲ କିଣିବା ପାଇଁ ଭାରତ ଉପରେ ଜରିମାନା ଲଗାଇଛନ୍ତି, ଯାହା ପରେ ଭାରତ ଏବଂ ଆମେରିକା ମଧ୍ୟରେ ଟାରିଫ୍‌କୁ ନେଇ ଉତ୍ତେଜନା ବୃଦ୍ଧି ପାଇଛି।

ଜାତିସଂଘ ଦ୍ୱାରା ପ୍ରକାଶିତ ବକ୍ତାଙ୍କ ତାଲିକାରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଡୋନାଲ୍ଡ ଟ୍ରମ୍ପ ଉଭୟଙ୍କ ନାମ ସାମିଲ କରାଯାଇଥିଲା। ୟୁଏନଜିଏର ୮୦ତମ ଅଧିବେଶନରେ ଉଚ୍ଚସ୍ତରୀୟ ସାଧାରଣ ବିତର୍କ ସେପ୍ଟେମ୍ବର ୨୩ ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ, ପାରମ୍ପରିକ ଭାବରେ ବ୍ରାଜିଲ ଅଧିବେଶନ ଆରମ୍ଭ କରିବ, ତା'ପରେ ଆମେରିକା। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ, ଏହି ଅଧିବେଶନରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନାମ ମଧ୍ୟ ସାମିଲ ଥିଲା। ବକ୍ତାଙ୍କ ତାଲିକା ଅନୁସାରେ, ଭାରତ ସେପ୍ଟେମ୍ବର ୨୭ ସକାଳେ ସାଧାରଣ ସଭାକୁ ସମ୍ବୋଧିତ କରିବ। ଏହି ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଭାରତକୁ ପ୍ରତିନିଧିତ୍ୱ କରିବେ। ଜାତିସଂଘ ମୁଖ୍ୟାଳୟରେ ବର୍ଷର ସବୁଠାରୁ ବ୍ୟସ୍ତ କୂଟନୈତିକ ଅଧିବେଶନ ଭାବରେ ବିବେଚିତ ଏହି ଉଚ୍ଚସ୍ତରୀୟ ଅଧିବେଶନ ପ୍ରତିବର୍ଷ ସେପ୍ଟେମ୍ବରରେ ଆରମ୍ଭ ହୁଏ। ଏହି ବର୍ଷ ଅଧିବେଶନ ଇସ୍ରାଏଲ-ହମାସ ବିବାଦ ଏବଂ ୟୁକ୍ରେନ-ରୁଷିଆ ବିବାଦ ଉପରେ ଧ୍ୟାନ ଦେବ, ଯାହା ଏହାକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ।

# ଟ୍ରମ୍ପଙ୍କ ପ୍ରଶଂସାର ଜବାବ ଦେଲେ ମୋଦି

**ନୂଆଦିଲ୍ଲୀ,୬।୯:** ଗତ କିଛି ଦିନ ଧରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱର ବଦଳି ଯାଇଛି। ଭାରତ ଉପରେ ଟାରିଫ୍ ଲାଗୁ କରିବା ପରେ, ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କର ଭଲ ବନ୍ଧୁ ବୋଲି କହୁଛନ୍ତି। ଅନ୍ୟପକ୍ଷରେ, ସେ ତାଙ୍କୁ ପ୍ରଶଂସା କରିବାର କୌଣସି ସୁଯୋଗ ଛାଡୁନାହାଁନ୍ତି। ଏବେ ଟ୍ରମ୍ପଙ୍କ ପ୍ରଶଂସା ଉପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି।ସେ କହିଛନ୍ତି, ଆମେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଆମ ସମ୍ପର୍କର ସକାରାତ୍ମକ ମୂଲ୍ୟାଙ୍କନକୁ ହୃଦୟର ସହିତ ପ୍ରଶଂସା କରୁଛୁ



ଏବଂ ତାଙ୍କୁ ପୂର୍ଣ୍ଣ ସମର୍ଥନ କରୁଛୁ। ଭାରତ ଏବଂ ଆମେରିକାର ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ଦୂରଦୃଷ୍ଟିସମ୍ପନ୍ନ ବ୍ୟାପକ ଏବଂ ବିଶ୍ୱ ରଣନୈତିକ ସହଭାଗୀତା ଅଛି। ଗତକାଲି ଆମେରିକା ରାଷ୍ଟ୍ରପତି ଏକ ସାମ୍ବାଦିକ ସମ୍ମିଳନୀ ସମୟରେ କହିଥିଲେ, ମୋଦି ଏବଂ ମୁଁ ସର୍ବଦା ବନ୍ଧୁ ରହିବୁ। ସେ ଜଣେ ଚମତ୍କାର ପ୍ରଧାନମନ୍ତ୍ରୀ। ଭାରତ ଏବଂ ଆମେରିକା ମଧ୍ୟରେ ଏକ ବିଶେଷ ସମ୍ପର୍କ ଅଛି। ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ମଜଭୁତ ଏବଂ ସ୍ୱତନ୍ତ୍ର। ଚିନ୍ତା କରିବାର କିଛି ନାହିଁ। ଚାଇନାର ତିଆଞ୍ଜିନ୍‌ରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକାଠି ହୋଇଥିଲେ, ଯାହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ଟ୍ରୁଥ୍ ସୋସିଆଲରେ କରିଥିବା ସଦ୍ୟତମ ପୋଷ୍ଟରେ ଲେଖିଛନ୍ତି, ଗଭୀର ଏବଂ ଅନ୍ଧକାରପୂର୍ଣ୍ଣ ଚାଇନା ନିକଟରେ ଆମେ ଭାରତ ଓ ରୁଷିଆକୁ ହରାଇଲା ଭଳି ଜଣାପଡୁଛି।



## ବିବାଦ ମଧ୍ୟରେ ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ଘୋଷଣା

**ନୂଆଦିଲ୍ଲୀ,୬।୯:** ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଏସ୍‌ଆଇଆର୍ ଉପରେ ବିବାଦ ମଧ୍ୟରେ ନିର୍ବାଚନ କମିଶନ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। କମିଶନ କହିଛନ୍ତି ଯେ ଏହା ସାରା ଦେଶରେ ଏକକାଳୀନ କାର୍ଯ୍ୟକାରୀ ହେବ। ଏ ସମ୍ପର୍କରେ, ସେପ୍ଟେମ୍ବର ୧୦ରେ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହିତ ନିର୍ବାଚନ କମିଶନର ଏକ ବଡ଼ ବୈଠକ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ଭାରତୀୟ ନାଗରିକଙ୍କୁ ଏସ୍‌ଆଇଆର୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ଅତିରିକ୍ତ ଡକ୍ୟୁମେଣ୍ଟ ପାଇଁ ପରାମର୍ଶ ମଧ୍ୟ ଲୋଡ଼ିଛନ୍ତି। ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ, ମୋଟ ୧୦ଟି ପଏଣ୍ଟ ଉପରେ ସୂଚନା ମଗାଯାଇଛି ଯେଉଁଥିରେ ବର୍ତ୍ତମାନର ଭୋଟରଙ୍କ ସଂଖ୍ୟା, ପୂର୍ବ ଏସ୍‌ଆଇଆର୍‌ର ତାରିଖ ଏବଂ ତଥ୍ୟ, ଡିଜିଟାଇଜେସନର ସ୍ଥିତି ଅନ୍ତର୍ଭୁକ୍ତ। ମତଦାନ କେନ୍ଦ୍ରର ଯୁକ୍ତିଯୁକ୍ତିକରଣ ଏବଂ ମୋଟ କେନ୍ଦ୍ର ସଂଖ୍ୟା ଉପରେ ଏକ ରିପୋର୍ଟ ଦେବାକୁ ପଡିବ। ଏହି ଉପସ୍ଥାପନାରେ ଅଧିକାରୀ ଏବଂ ବିଏଲ୍‌ଓମାନଙ୍କର ନିଯୁକ୍ତି ଏବଂ ତାଲିମର ସ୍ଥିତି ଉପରେ ମଧ୍ୟ ଧ୍ୟାନ ଦିଆଯିବ। ବିହାରରେ ଏସ୍‌ଆଇଆର୍ ର ପ୍ରକ୍ରିୟା ଚାଲିଛି ଏବଂ ଏହା ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ହେବ। ଆୟୋଗ ଏପର୍ଯ୍ୟନ୍ତ ସମଗ୍ର ଦେଶରେ ଏହାର କାର୍ଯ୍ୟକାରୀ ପାଇଁ ଆନୁଷ୍ଠାନିକ ତାରିଖ ସ୍ଥିର କରିନାହିଁ, କିନ୍ତୁ ସୂତ୍ରରୁ ସୂଚନା ମିଳିଛି ଯେ ଏସ୍‌ଆଇଆର୍ ସାରା ଦେଶରେ ଏକକାଳୀନ କାର୍ଯ୍ୟକାରୀ ହେବ। ସେପ୍ଟେମ୍ବର ୧୦ ତାରିଖରେ ବୈଠକ ପରେ ଏସ୍‌ଆଇଆର୍ ତାରିଖ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

## ମୁମ୍ବାଇରେ ବିସ୍ଫୋରଣ ଧମକ ଦେଇଥିବା ବ୍ୟକ୍ତି ଗିରଫ

**ମୁମ୍ବାଇ,୬।୯:** ମୁମ୍ବାଇରେ ବୋମା ବିସ୍ଫୋରଣ ଧମକ ଦେବା ଅଭିଯୋଗରେ ଉତ୍ତର ପ୍ରଦେଶ ନୋଏଡାର ଅଶ୍ୱିନ କୁମାର ସୁପ୍ରା (୫୦) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମୁମ୍ବାଇ କ୍ରାଇମ ବ୍ରାଞ୍ଚ ଶୁକ୍ରବାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମୁମ୍ବାଇ ପୋଲିସ କହିଛି ଯେ ମୁଖ୍ୟ ଅଭିଯୁକ୍ତ ମୂଳତଃ ବିହାରର। ଧମକ ଦେବାରେ ବ୍ୟବହୃତ ତାଙ୍କର ଫୋନ ଏବଂ ସିମ କାର୍ଡ ଜବତ କରାଯାଇଛି। ତାଙ୍କୁ ନୋଏଡାରୁ ମୁମ୍ବାଇ ଅଣାଯାଉଛି। ଅଧିକ ତଦନ୍ତ କରାଯିବ। ପୂର୍ବରୁ, ମୁମ୍ବାଇ ପୋଲିସ କହିଥିଲା ଯେ ମୁମ୍ବାଇ ଟ୍ରାଫିକ ପୋଲିସକୁ ସେମାନଙ୍କର ସରକାରୀ ହ୍ୱାଟ୍ସଆପ ନମ୍ବରରେ ଧମକ ମିଳିଛି। ଧମକରେ ଦାବି କରାଯାଇଥିଲା ଯେ ସହର ସାରା ୩୪ଟି ଗାଡ଼ିରେ ୩୪ଟି 'ମାନବ ବୋମା' ଲଗାଯାଇଛି। ଏହାର ବିସ୍ଫୋରଣ ସମଗ୍ର ମୁମ୍ବାଇକୁ ଥରାଇ ଦେବ। 'ଲସ୍କର-ଏ-ଜିହାଦି' ବୋଲି ଦାବି କରୁଥିବା ଏହି ସଂଗଠନ ଦାବି କରିଥିଲା ଯେ ୧୪ ଜଣ ପାକିସ୍ତାନୀ ଆତଙ୍କବାଦୀ ଭାରତରେ ପ୍ରବେଶ କରିଛନ୍ତି। ଧମକପୂର୍ଣ୍ଣ ମେସେଜରେ ଆହୁରି କୁହାଯାଇଛି ଯେ ବିସ୍ଫୋରଣରେ ୪୦୦ କିଲୋଗ୍ରାମ ଆରଡିଏକ୍ସ ବ୍ୟବହାର କରାଯିବ।

## ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ

# ଗ୍ରହଣରେ ୩ ରାଶିଙ୍କ ଉପରେ ପଡ଼ିବ ନକରାତ୍ମକ ପ୍ରଭାବ



**ନୂଆଦିଲ୍ଲୀ,୬।୯:** ସେପ୍ଟେମ୍ବର ୭ ରେ ହେବାକୁ ଯାଉଛି ବର୍ଷର ସବୁଠୁ ବଡ଼ ଚନ୍ଦ୍ର ଗ୍ରହଣ! ଯାହା କୁମ୍ଭ ରାଶି ଅଧୀନରେ ଘଟିବ, ଯାହାର ଅଧିପତି ହେଉଛନ୍ତି ଶନି। ଏହି ଗ୍ରହଣ ମାନସିକ ସ୍ତରରେ ଅନେକଙ୍କ ପାଇଁ ଚ୍ୟାଲେଞ୍ଜ ଆଣିପାରେ। କର୍କଟ, କନ୍ୟା, ତୁଳା, ମକର ଏବଂ ମୀନ ରାଶିର ବ୍ୟକ୍ତିମାନେ ଏହି ସମୟରେ ମାନସିକ ସ୍ୱାସ୍ଥ୍ୟରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଏହି ଗ୍ରହଣ ସମୟରେ ଏବଂ ପରେ ମଧ୍ୟ ଏହି ରାଶିର ଲୋକମାନେ ମାନସିକ ଚାପ ଅନୁଭବ କରିପାରନ୍ତି।

**କର୍କଟ:** କର୍କଟ ରାଶିର ବ୍ୟକ୍ତିମାନେ ବ୍ୟକ୍ତିଗତ କାରଣରୁ ମାନସିକ ଚାପ ଅନୁଭବ କରିପାରନ୍ତି। ଏହି ସମୟରେ ସେମାନେ ଅଧିକ ସମ୍ବେଦନଶୀଳ ହୋଇପାରନ୍ତି। ମହିଳା ଜାତକମାନଙ୍କୁ ନିଜ ଭାବନାକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଉଛି। ସ୍ୱାସ୍ଥ୍ୟ ଏବଂ ଆତ୍ମ-ଯତ୍ନ ଉପରେ ଧ୍ୟାନ ଦେବା କଷ୍ଟକର ହୋଇପାରେ।

**କନ୍ୟା:** କନ୍ୟା ରାଶିର ଲୋକମାନେ ଜୀବନରେ ଘଟୁଥିବା ଘଟଣାଗୁଡ଼ିକ ଯୋଗୁଁ ମାନସିକ ଚାପ ଅନୁଭବ କରିପାରନ୍ତି। ଏହି ସମୟ ସେମାନଙ୍କୁ ଆଧ୍ୟାତ୍ମିକତା ଏବଂ ବ୍ୟକ୍ତିଗତ ବିକାଶ ଆଡ଼କୁ ଆକର୍ଷିତ କରିପାରେ। ସେମାନେ ନକାରାତ୍ମକ ଲୋକଙ୍କଠାରୁ ଦୂରେଇ ରହିବା ଏବଂ ନିଜ ଅନ୍ତଃସ୍ପର୍ଶକୁ ଅନୁସରଣ କରିବା ଉଚିତ।

**ତୁଳା:** ତୁଳା ରାଶିର ବ୍ୟକ୍ତିମାନେ ଏହି ଗ୍ରହଣ ସମୟରେ ଭାବନାତ୍ମକ ଅସ୍ଥିରତାର ସମ୍ମୁଖୀନ ହୋଇପାରନ୍ତି। ସେମାନଙ୍କୁ ନିଜର ମାନସିକ ସ୍ଥିରତା ବଜାୟ ରଖିବାକୁ ଏବଂ ଅନୁଭବକୁ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଉଛି।

**ମକର:** ମକର ରାଶିର ବ୍ୟକ୍ତିମାନେ ସମ୍ପର୍କ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏହି ସମୟରେ ସେମାନଙ୍କୁ ଧୈର୍ଯ୍ୟ ରଖିବା ଏବଂ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦିଆଯାଉଛି।

**ମୀନ:** ମୀନ ରାଶିର ଲୋକମାନେ ଅନିଶ୍ଚିତତା ଏବଂ ଅମୀମାଂସିତ ସମସ୍ୟା ଯୋଗୁଁ ମାନସିକ ଚାପ ଅନୁଭବ କରିପାରନ୍ତି। ସେମାନଙ୍କୁ ସମର୍ଥନ ଖୋଜିବା ଏବଂ ଆଧ୍ୟାତ୍ମିକ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦିଆଯାଉଛି।

ଏହି ଗ୍ରହଣର ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ପାଇଁ ଜ୍ୟୋତିଷମାନେ ଗଙ୍ଗାଜଳ ଚନ୍ଦ୍ରମାଙ୍କୁ ଅର୍ପଣ କରିବା, ଧଳା ଖାଦ୍ୟ ଦାନ କରିବା ଏବଂ ଭିଜା ଚାଉଳ ମାଛଙ୍କୁ ଖୁଆଇବା ପରି ଉପାୟ ପରାମର୍ଶ ଦେଇଛନ୍ତି। ଏହା ମାନସିକ ଏବଂ ଆଧ୍ୟାତ୍ମିକ ସ୍ଥିରତା ଆଣିବାରେ ସାହାଯ୍ୟ କରିପାରେ। ଏହି ଚନ୍ଦ୍ର ଗ୍ରହଣ ଭାରତରେ ଦୃଶ୍ୟମାନ ହେବ, ତେଣୁ ଏହାର ପ୍ରଭାବ ଅଧିକ ଅନୁଭୂତ ହୋଇପାରେ। ସୁତକ କାଳ ସେପ୍ଟେମ୍ବର ୭ ରେ ମଧ୍ୟାହ୍ନ ୧୨:୫୮ ରୁ ଆରମ୍ଭ ହେବ ଏବଂ ଗ୍ରହଣ ସମାପ୍ତ ହେବା ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ଧ୍ୟାନ, ପ୍ରାର୍ଥନା ଏବଂ ଆଧ୍ୟାତ୍ମିକ ଅଭ୍ୟାସ ଜାରି ରଖିବା ଲାଭଦାୟକ ହେବ।

## ରୋପୱେ ଭାଙ୍ଗିଗଲାରୁ ଚାଲିଗଲା ୬ ଜୀବନ



**ଗୁଜୁରାଟର, ୬।୯:** ପଞ୍ଚମହଲ ଜିଲ୍ଲାର ପାବାଗଡରେ ଥିବା ମହାକାଳୀ ମନ୍ଦିରରେ ଘଟିଛି ଅଘଟଣ। ଶକ୍ତିପୀଠରେ ମାଲବାହୀ ରୋପୱେ ଭାଙ୍ଗିଯିବାରୁ ଶନିବାର ୬ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ପ୍ରଶାସନିକ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ରୋପୱେ ତାର ଛିଣ୍ଡିଯିବାରୁ ଟ୍ରଲିଟି ଉଚ୍ଚତାରୁ ତଳେ ପଡ଼ିଯାଇଥିଲା। ଦୁର୍ଘଟଣାରେ ଅନେକ ଲୋକ ଆହତ ହୋଇଥିବା ରିପୋର୍ଟ ରହିଛି। ମୃତକଙ୍କ ମଧ୍ୟରେ ୨ ଜଣ ଲିଫ୍ଟ ଅପରେଟର, ୨ ଜଣ ଶ୍ରମିକ ଏବଂ ଅନ୍ୟ ଦୁଇଜଣ ଅଛନ୍ତି। ମୃତଦେହ ଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ହସ୍ପିଟାଲକୁ ପଠାଯାଇଛି। ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

## ଇଣ୍ଡିଗୋ ବିମାନରେ ଯାନ୍ତ୍ରିକ ତ୍ରୁଟି, ମଝି ଆକାଶରୁ କୋଚି ଫେରିଲା

**କୋଚି, ୬।୯:** କେରଳର କୋଚି ବିମାନବନ୍ଦରୁ ଉଡ଼ାଣ ଭରିଥିବା ଇଣ୍ଡିଗୋ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମଝି ଆକାଶରୁ ଫେରିଆସିଛି। ବିମାନଟି କୋଚିରୁ ଆବୁଧାବିକୁ ଯାଉଥିଲା। ଉଡ଼ାଣ ଭରିବାର କିଛି ସମୟ ପରେ ତ୍ରୁଟି ଦେଖାଦେବାରୁ ବିମାନକୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ୧୮୦ ଯାତ୍ରୀଙ୍କ ଜୀବନ ବଞ୍ଚିଯାଇଛି। ଖବର ମୁତାବକ, ଇଣ୍ଡିଗୋ ବିମାନ ୬ଇ-୧୪୦୩ ଶୁକ୍ରବାର ରାତି ୧୧.୧୦ ମିନିଟ ସମୟରେ କୋଚିରୁ ଉଡ଼ାଣ ଭରିଥିଲା। ପ୍ରାୟ ୨ ଘଣ୍ଟା ଉଡ଼ାଣ ଭରିବା ପରେ ୧.୪୪ ମିନିଟର ବିମାନରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଜଣାପଡିଥିଲା। ଏହା ଜଣାପଡିବା ପରେ ବିମାନକୁ କୋଚି ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହି ବିମାନରେ ୧୮୦ ଜଣ ଯାତ୍ରୀ ସହିତ କ୍ରୁ ମେମ୍ବର ମଧ୍ୟ ରହିଥିଲେ। ସମସ୍ତ ଯାତ୍ରୀମାନଙ୍କୁ କୋଚି ବିମାନବନ୍ଦରରେ ଓହ୍ଲାଇ ଦିଆଯାଇ ରାତି ୩.୩୦ ମିନିଟରେ



ଅନ୍ୟ ଏକ ବିମାନ ଜରିଆରେ ଆବୁଧାବିକୁ ପଠାଯାଇଥିଲା। ତେବେ ଇଣ୍ଡିଗୋ ତରଫରୁ ତତ୍କାଳ କୌଣସି ଟିପ୍ପଣୀ ଜାରି କରାଯାଇନଥିଲା। ସୂଚନାଯୋଗ୍ୟ, ଦୁଇଦିନ ତଳେ ଦିଲ୍ଲୀରୁ ମଧ୍ୟପ୍ରଦେଶ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଏକ ବିମାନର ଇଂଜିନ ଖରାପ ହୋଇଯାଇଥିଲା। ଇଂଜିନ ଖରାପ ହେବା ଜଣାପଡିବା ପରେ ବିମାନରୁ ଏୟାରପୋର୍ଟରେ ଜରୁରୀ ଅବତରଣ କରିଥିଲା। ଇଣ୍ଡିଗୋର ନାଗପୁର-କୋଲକାତା ବିମାନ ନମ୍ବର ୬ଇ୮୧୨ ପକ୍ଷୀ ସହ ଧକ୍କା ହୋଇଥିଲା। ପକ୍ଷୀ ସହିତ ଧକ୍କା ହେବା ପରେ ବିମାନଟି ଥରିବାକୁ ଲାଗିଥିଲା। ଏହା ପରେ ଯାତ୍ରୀ ଭୟଭୀତ ହୋଇଯାଇଥିଲେ। ଯାତ୍ରୀମାନଙ୍କୁ ଶାନ୍ତ ରହିବାକୁ ନିବେଦନ କରାଯାଇଥିଲା। ପାଇଲଟ୍ ଉପସ୍ଥିତ ବୁଦ୍ଧି ଖଟାଇ ତୁରନ୍ତ ସୁରକ୍ଷିତ ଜରୁରୀକାଳୀନ ଅବତରଣ କରିଥିଲେ। ବିମାନଟି ଜରୁରୀ ଅବତରଣ କରିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଓହ୍ଲାଇ ଦିଆଯାଇଥିଲା।

# ଦିଲ୍ଲୀରେ ଭୁଶୁଡ଼ିଲା ୪ ମହଲା କୋଠା



**ଦିଲ୍ଲୀ,୬।୯:** ଆଜି ଅପରାହ୍ନରେ ରାଜଧାନୀ ଦିଲ୍ଲୀର ବଦରପୁର ଅଞ୍ଚଳରେ ଏକ ୪ ମହଲା କୋଠା ହଠାତ୍ ଭୁଶୁଡ଼ି ପଡିଛି। ଦୁର୍ଘଟଣାର ସୂଚନା ପାଇବା ମାତ୍ରେ ଦିଲ୍ଲୀ ପୋଲିସ, ଅଗ୍ନିଶମ ବିଭାଗ ଏବଂ ସିଭିଲ ଡିଫେନ୍ସ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

ବଦରପୁର ଅଞ୍ଚଳରେ ଘଟିଥିବା ଏହି ଘଟଣାର ଭଲ କଥା ହେଉଛି ଯେ ଏହି ଦୁର୍ଘଟଣା ସମୟରେ କୋଠା ଭିତରେ କିମ୍ବା ଆଖପାଖରେ କୌଣସି ବ୍ୟକ୍ତି ଉପସ୍ଥିତ ନଥିଲେ, ଯାହା ଫଳରେ ଏକ ବଡ଼ ଜୀବନହାନି ଟଳି ଯାଇଥିଲା। ଏହା ଏକ ବାଣିଜ୍ୟିକ କୋଠା ଥିଲା, ଯାହା ବହୁ ବର୍ଷ ପୁରୁଣା ଥିଲା। କୋଠାଟି ଖାଲି ରହିଥିଲା ଏବଂ ଭୁଶୁଡ଼ି ପଡ଼ିଥିଲା। ଆଶଙ୍କା କରାଯାଉଛି ଯେ ରାଜଧାନୀ ଦିଲ୍ଲୀରେ ଲଗାତାର ବର୍ଷା ଯୋଗୁଁ, ଭୁଶୁଡ଼ି ପଡ଼ିଥିବା କୋଠାରେ ଅତ୍ୟଧିକ ପାଣି ଲିକେଜ୍ ଯୋଗୁଁ ଏହି କୋଠାଟି ଭୁଶୁଡ଼ି ପଡ଼ିଥିଲା।

ଦିଲ୍ଲୀ ଅଗ୍ନିଶମ ବିଭାଗ ଆଜି ଦିନ ପ୍ରାୟ ୧:୩୧ ସମୟରେ ଏହି ଘଟଣା ବିଷୟରେ ସୂଚନା ପାଇଲା। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ତୁରନ୍ତ ଘଟଣାସ୍ଥଳକୁ ତିନୋଟି ଅଗ୍ନିଶମ ଗାଡ଼ି ପଠାଯାଇଥିଲା। ଅଗ୍ନିଶମ ଦଳ ପରିସ୍ଥିତିର ସମୀକ୍ଷା କରିଥିଲେ ଏବଂ ଆଖପାଖ ଅଞ୍ଚଳକୁ ସୁରକ୍ଷିତ ରଖିଥିଲେ। ଦୁର୍ଘଟଣାରେ କୋଠାର ଭଗ୍ନାବଶେଷ ଯୋଗୁଁ ଅନେକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି, ଯାହା ଫଳରେ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବିଏସ୍‌ଇଏସ୍ ଦଳ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ଏବଂ ମରାମତି କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି।

ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ଅଛି କହିଛି ସ୍ଥାନୀୟ ପ୍ରଶାସନ। ଦିଲ୍ଲୀ ପୋଲିସ, ଅଗ୍ନିଶମ ବିଭାଗ, ନାଗରିକ ପ୍ରତିରକ୍ଷା, ବିଏସଇଏସ ଏବଂ ଏମସିଡିର ମିଳିତ ଦଳ ନିରନ୍ତର ରିଲିଫ୍ ଏବଂ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅଧିକାରୀମାନେ କହିଛନ୍ତି ଯେ କୋଠା ଭୁଶୁଡ଼ିବାର କାରଣ ତଦନ୍ତ କରାଯାଉଛି। ପ୍ରାଥମିକ ସୂଚନା ଆଧାରରେ ଏହା ପୁରୁଣା ଏବଂ ଜୀର୍ଣ୍ଣ ଥିଲା।

ଦକ୍ଷିଣ ପୂର୍ବ ଦିଲ୍ଲୀ ଜିଲ୍ଲାର ତହସିଲଦାର ଧୀରଜ କୁମାର ମଲିକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଯାଞ୍ଚ କରି କହିଛନ୍ତି ଯେ ପ୍ରଶାସନ ସଜାଗ ଅଛି ଏବଂ ସମସ୍ତ ବିଭାଗ ଯେକୌଣସି ପ୍ରକାରର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି।

## ଲାଲକିଲ୍ଲା ପରିସରରୁ ସୁନା, ହୀରା ଖଚିତ କଳସ ଚୋରି



**ନୂଆଦିଲ୍ଲୀ, ୬।୯:**ଲାଲକିଲ୍ଲା ପରିସରରୁ ଏକ କୋଟି ଟଙ୍କାର କଳସ ଚୋରି ହୋଇଛି। ଲାଲକିଲ୍ଲା ପରିସରରେ ଏକ ଧାର୍ମିକ ଅନୁଷ୍ଠାନ ଚାଲିଥିବା ବେଳେ ସମସ୍ତେ ବ୍ୟସ୍ତ ଥିବା ବେଳେ ଏହି କଳସ ଚୋରି ହୋଇଥିବା ଜଣାପଡିଛି। ପୋଲିସ ଏହି ମାମଲାର ଯାଞ୍ଚ ଆରମ୍ଭ କରିଛି। ତେବେ ମାମଲାରେ ବିଏନଏସ ୨୦୨୩, ୩୦୩(୨) ଅଧିନରେ ଏଫଆଇଆର ଦାୟର କରାଯାଇଛି। ଖବର ମୁତାବକ, ନୂଆଦିଲ୍ଲୀରେ ଥିବା ଲାଲକିଲ୍ଲା ପରିସରରେ ଜୈନ ଧର୍ମର ଏକ କାର୍ଯ୍ୟକ୍ରମ ଚାଲିଥିଲା। ଏହି ସମୟରେ ଚୋର ସୁଯୋଗ ଦେଖି ଏକ କୋଟି ଟଙ୍କାରୁ ଅଧିକ ଦାମର ଏକ କଳସ ଚୋରି କରିନେଇଛି। ଏହି କଳସରେ ୭୬୦ ଗ୍ରାମର ସୁନା, ୧୫୦ ଗ୍ରାମର ହୀରା, ମାଣିକ, ମୋତି ଇତ୍ୟାଦି ଲାଗିଥିଲା। ଏହି ଜୈନ କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ ବିର୍ଲା ମଧ୍ୟ ଯୋଗ ଦେଇଥିଲେ। ତେବେ ଘଟଣାକୁ ନେଇ ପୋଲିସ ଯାଞ୍ଚ ଆରମ୍ଭ କରିଦେଇଛି। ସିସିଟିଭି ଫୁଟେଜରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି କଏଦ ହୋଇଛି। ପୋଲିସ ସନ୍ଦିଗ୍ଧଙ୍କ ପରିଚୟ ଖୋଜି ଖୁବଶୀଘ୍ର ଗିରଫ କରିପାରେ ବୋଲି ଆଶଙ୍କା କରାଯାଉଛି। ଏହି କଳସକୁ ନେଇ ବ୍ୟବସାୟୀ ସୁଧିର କୁମାର ଜୈନ କହିଛନ୍ତି, ଏହି କଳସ ବହୁମୂଲ୍ୟ ଏବଂ ଚୋର ଧାର୍ମିକ ବେଶଭୂଷା ଧାରଣ କରି ଆସି ଏହାକୁ ଚୋରାଇ ନେଇଥିବା ଅନୁମାନ କରାଯାଉଛି।

## ଚତୁର୍ଥ ଥର ଭୂକମ୍ପରେ ଦୋହଲିଲା ଆଫଗାନିସ୍ତାନ, ଏଥର ତୀବ୍ରତା ୫.୦



**ଆଫଗାନିସ୍ତାନ, ୬।୯:** ପୁଣି ଆଫଗାନିସ୍ତାନରେ ଭୂମିକମ୍ପ। ଗତରାତିରେ ଭୂକମ୍ପ ଅନୁଭୂତ ହୋଇଛି। ତେବେ କ୍ଷୟକ୍ଷତି ସଂପର୍କରେ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଆଫଗାନିସ୍ତାନରେ ଗତ ସପ୍ତାହରେ ଭୟଙ୍କର ଭୂମିକମ୍ପରେ ୨୨ଶହ ଲୋକଙ୍କ ମୃତ୍ୟୁ ପରେ ଚତୁର୍ଥ ଥର ପାଇଁ ପୁଣିଥରେ ଏହା ଅନୁଭୂତ ହୋଇଛି। ଯାହାର ତୀବ୍ରତା ରହିଛି ୫.୦। ଏଥିରେ ଆଫଗାନର ପୂର୍ବାଞ୍ଚଳ ପ୍ରଦେଶରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ବହୁ ଗାଁ ନିଶ୍ଚିହ୍ନ ହୋଇଥିଲା। ଆଫଗାନିସ୍ତାନର ହିନ୍ଦୁକୁଶ ପର୍ବତମାଳା ଅଞ୍ଚଳରେ ଭାରତୀୟ ଓ ୟୁରେସୀୟ ଟେକ୍ଟୋନିକ ପ୍ଲେଟ୍ ଗୁଡ଼ିକର ଚଳନ ଭୂମିକମ୍ପ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ଅଳ୍ପ ଗଭୀରତାରେ ହେଉଥିବା ଏହି ଭୂମିକମ୍ପଗୁଡ଼ିକ ଅଧିକ କ୍ଷୟକ୍ଷତି ଘଟାଇଥାଏ। କୁନାର ଓ ନାଙ୍ଗାରହାରରେ ଅଧିକାଂଶ ଘର ମାଟି ଓ ଇଟାରେ ନିର୍ମିତ, ଯାହା ଭୂମିକମ୍ପରେ ସହଜରେ ଧ୍ୱଂସ ହୋଇଯାଏ। ଭୂମିକମ୍ପ ପ୍ରଭାବିତ ଅଞ୍ଚଳରେ ଜାତିସଂଘ ଓ ଅନ୍ୟ ଆନ୍ତର୍ଜାତୀୟ ସଂସ୍ଥା ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି। ଭାରତ, ଇରାନ, ଜାପାନ ଓ ୟୁରୋପୀୟ ସଂଘ ତୁରନ୍ତ ସାହାଯ୍ୟ ପ୍ରଦାନ କରିଛନ୍ତି।

### ୧.୭୪ଲକ୍ଷ କୋଟି ଟଙ୍କା ଦୁର୍ନୀତି ମାମଲା

## ସାହାରା ଇଣ୍ଡିଆ ବିରୋଧରେ ଚାର୍ଜସିଟ୍ ଦାଖଲ କଲା ଇଡ଼ି

**କୋଲକାତା, ୬।୯:** ସାହାରା ଇଣ୍ଡିଆ ଗ୍ରୁପ୍ ଏବଂ ଏହାର ମାଲିକ ସୁବ୍ରତ ରାୟଙ୍କ ପରିବାର ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମନି ଲଣ୍ଡରିଂ ମାମଲାରେ ଇଡି କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଅଭିଯୋଗ ହୋଇଛି ଯେ, ସାହାରା ଗ୍ରୁପ୍ ନିବେଶକଙ୍କଠାରୁ ୧.୭୪ ଲକ୍ଷ କୋଟି ଟଙ୍କାର ଠକେଇ କରିଛି। ଏହି ଟଙ୍କା ଉଚ୍ଚ ରିଟର୍ଣ୍ଣ ପ୍ରତିଶ୍ରୁତି ଦେଇ ନିଆଯାଇଥିଲା। ନିବେଶକମାନେ ସେମାନଙ୍କ ଟଙ୍କା ଫେରସ୍ତ ପାଇନାହାନ୍ତି। ଚାର୍ଜସିଟ୍‌ରେ ସୁବ୍ରତ ରାୟଙ୍କ ପତ୍ନୀ, ପୁଅ ଏବଂ ଅନେକ ଅଧିକାରୀଙ୍କ ନାମ ରହିଛି। ଇଡି ଏବେ ସୁବ୍ରତ ରାୟଙ୍କ ପଳାତକ ପୁଅ ବିରୋଧରେ ଗିରଫ ପରୱାନା ଜାରି କରିବାକୁ ପ୍ରସ୍ତୁତ ହେଉଛି। ଇଡି ସାହାରା ଇଣ୍ଡିଆ ଗ୍ରୁପ୍ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛି। ସାହାରା ଗ୍ରୁପ୍ ଗାଁରୁ ଗାଁ ପର୍ଯ୍ୟନ୍ତ ଏଜେଣ୍ଟ ରଖିଥିଲା। ଏହି ଏଜେଣ୍ଟମାନେ ଲୋକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସାହାରାରେ ଟଙ୍କା ନିବେଶ କରିବା ସୁରକ୍ଷିତ ଏବଂ ଭଲ ରିଟର୍ଣ୍ଣ ମିଳିବ।

# ବନ୍ୟାଞ୍ଚଳ ପରିଦର୍ଶନରେ ଯିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୬।୯:** ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ରାଜ୍ୟ ବନ୍ୟା କବଳରେ। ସବୁଠାରୁ ଖରାପ ପରିସ୍ଥିତି ପଞ୍ଜାବରେ। ଯେଉଁଠି ୨୦୦୦ରୁ ଅଧିକ ଗାଁ ଜଳମଗ୍ନ ହୋଇଯାଇଛି। ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଶହ ଶହ ଗାଈଗୋରୁ ମଧ୍ୟ ମରିଛନ୍ତି। ବହୁ ସଂଖ୍ୟକ ଫସଲ କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ, ଖବର ଆସିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନ୍ୟା ପ୍ରଭାବିତ ରାଜ୍ୟଗୁଡ଼ିକୁ ଗସ୍ତ କରିବେ। ଯେଉଁଠାରେ ସେ ବନ୍ୟା ପରିସ୍ଥିତିର ସମୀକ୍ଷା କରିବେ।



ବନ୍ୟା ଦ୍ୱାରା ପଞ୍ଜାବ ସବୁଠାରୁ ଅଧିକ ପ୍ରଭାବିତ ରାଜ୍ୟ। ଯେଉଁଠାରେ ସତଲେଜ ଏବଂ ବ୍ୟାସ ନଦୀର ଜଳସ୍ତର ବୃଦ୍ଧି ଯୋଗୁ ସମଗ୍ର ରାଜ୍ୟ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ରାଜ୍ୟର ଦୁଇ ହଜାରରୁ ଅଧିକ ଜିଲା ବନ୍ୟାର ସମ୍ମୁଖୀନ ହେଉଛନ୍ତି। ପଙ୍ଗ ଡ୍ୟାମର କ୍ୟାଚମେଣ୍ଟ ଅଞ୍ଚଳରେ ଏପର୍ଯ୍ୟନ୍ତ ଇତିହାସରେ ସର୍ବାଧିକ ବର୍ଷା ପଞ୍ଜାବକୁ ବନ୍ୟା ପରିସ୍ଥିତିରେ ପକାଇଛି। ତଥାପି, ପାଣିପାଗ ବିଭାଗ ଆଗାମୀ ଚାରି ଦିନ ପାଇଁ ପ୍ରବଳ ବର୍ଷାକୁ ଖାରଜ କରିଛି। ଯାହା ଏକ ଆଶ୍ୱସ୍ତିର ଖବର। ସେହି ସମୟରେ, ଉତ୍ତରାଖଣ୍ଡ, ହିମାଚଳ ଏବଂ ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଯୋଗୁ ପ୍ରବଳ କ୍ଷତି ହୋଇଛି। ତଥାପି, ଶୁକ୍ରବାର ଏହି ତିନୋଟି ରାଜ୍ୟରେ ବର୍ଷା ବନ୍ଦ ହୋଇଗଲା। ଫଳରେ ରିଲିଫ କାର୍ଯ୍ୟ ଗତିଶୀଳ ହୋଇଛି। ବନ୍ୟା ପ୍ରଭାବିତ ପଞ୍ଜାବରେ ଏପର୍ଯ୍ୟନ୍ତ ୪୩ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଯେତେବେଳେ ରାଜ୍ୟର ପ୍ରାୟ ୪ ଲକ୍ଷ ଲୋକ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବର୍ଷା ରାଜ୍ୟରେ ଗତ ୨୫ ବର୍ଷର ରେକର୍ଡ ଭାଙ୍ଗି ଦେଇଛି। ଘର ପାଣିରେ ବୁଡ଼ି ରହିଛି ଯାହା ଫଳରେ ଲୋକମାନେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ରିଲିଫ ଶିବିରରେ ରହିବାକୁ ବାଧ୍ୟ ହେଉଛନ୍ତି। ସମଗ୍ର ରାଜ୍ୟରେ ୧୫୯ ରିଲିଫ ଶିବିର ସ୍ଥାପନ କରାଯାଇଛି। ବନ୍ୟା ଦ୍ୱାରା ପଞ୍ଜାବର ଅମୃତସର ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ଏହା ସହିତ, କପୁରଥଲା, ଫିରୋଜପୁର, ସଙ୍ଗରୁର ଏବଂ ହୋସିଆରପୁରରେ ବନ୍ୟା ପ୍ରବଳ କ୍ଷୟକ୍ଷତି କରିଛି।

## ମୋବାଇଲ ବାରଣ କରିବାରୁ ଛାତ୍ରୀଙ୍କ ଆତ୍ମହତ୍ୟା

**ଚମ୍ପୁଆ,୬।୯ (ସଂଚାର ବ୍ୟୁରୋ) :** ମୋବାଇଲ ବାରଣ କରିବାରୁ ଜଣେ ଛାତ୍ରୀ (୧୭) ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଗତ କାଲି ଅପରାହ୍ନ ରେ ଚମ୍ପୁଆ ଥାନା ଅନ୍ତର୍ଗତ ଏନଏସି ୱାର୍ଡ ନଂ ୧୩ ରେ ଘଟିଯାଇଛି ଏହି ଦୁଃଖଦ ଘଟଣା। ଚମ୍ପୁଆ ସ୍ଥିତ କେରଳା ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ରେ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ଗତ କାଲି ବିଦ୍ୟାଳୟରୁ ଘରକୁ ଫେରିବା ପରେ ଶୋଇବା ଘର ଭିତରେ କବାଟ ବନ୍ଦ କରି ନିଜ ପିନ୍ଧା ଓଢ଼ଣି ରେ ବେକ ରେ ଫାଶି ଲଗାଇ ଦେଇଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ଛାତ୍ରୀ ଜଣଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ କୁ ଆଣିଥିଲେ। ହେଲେ ସେତେବେଳେକୁ ଛାତ୍ରୀ ଙ୍କ ମୃତ୍ୟୁ ଘଟିସାରିଥିଲା। ଚମ୍ପୁଆ ପୁଲିସ ଡାକ୍ତରଖାନା ରେ ପହଞ୍ଚି ମୃତଦେହ କୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଚମ୍ପୁଆ ଥାନା କେସ ନଂ ୪୨/ ୨୫ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଚମ୍ପୁଆ ଡାକ୍ତରଖାନାରେ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ପୁଲିସ ର ପ୍ରାଥମିକ ତଦନ୍ତରୁ ଘର ଲୋକେ ମୋବାଇଲ ବ୍ୟବହାର କରିବାକୁ ବାରଣ କରିବାରୁ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ନେଇ ସୂଚନା ମିଳିଛି। ସୂଚନା ଯୋଗ୍ୟ କି ଗତ କିଛି ଦିନ ତଳେ ଏହି କେରଳା ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଛାତ୍ରାବାସ ରେ ଛାତ୍ର ଆତ୍ମହତ୍ୟା ଘଟଣା ମନରୁ ଲିଭି ନ ଥିବା ବେଳେ ପୁଣି ଉକ୍ତ ବିଦ୍ୟାଳୟ ର ଉଚ୍ଚ ମାଧ୍ୟମିକ ଶ୍ରେଣୀ ରେ ପାଠ ପଢୁଥିବା ଜଣେ ଛାତ୍ରୀ (୧୭) ଶୋଇବା ଘରେ ନିଜ ପିନ୍ଧା ଓଢ଼ଣି ରେ ବେକ ରେ ଫାଶୀ ଲଗାଇ ଆତ୍ମହତ୍ୟା କରିବା ଘଟଣା ସାଧାରଣ ରେ ଆଲୋଡନ ସୃଷ୍ଟି କରିଛି।

## ଫୁଟ ଓଭରବ୍ରିଜ ନିକଟରୁ ମୃତଦେହ ଉଦ୍ଧାର

**ବଲାଙ୍ଗୀର,୬।୯ (ସଂଚାର ବ୍ୟୁରୋ) :** ଆଜି ସକାଳୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଟିଟିଲାଗଡ଼ ଥାନା ପାଖ ଫୁଟ ଓଭର ବ୍ରିଜ ସିଡ଼ି ନିକଟରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବାପରେ ବଲାଙ୍ଗୀରରୁ ସାଇଂଟିଫିକ ଟିମ ପହଞ୍ଚି ମୃତବ୍ୟକ୍ତିଙ୍କ ଆବଶ୍ୟକ ନମୂନା ସଂଗ୍ରହ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପାରିପାଶ୍ୱିର୍କ ପରିସ୍ଥିତି ଅନୁଧ୍ୟାନ କରିବା ପରେ ସବୁ ତଥ୍ୟ ଉଜାଗର ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ମୃତବ୍ୟକ୍ତି ଜଣକ ଆଇ ଲଭ୍ ଟିଟିଲାଗଡ଼ ପାର୍କ ନିକଟରେ ଝାଲ ମୁଢ଼ି ବିକ୍ରି କରୁଥିବା ଦୋକାନୀ ପପୁ ବୋଲି ଜଣାପଡ଼ିଛି। ତାଙ୍କ ସ୍ତ୍ରୀ ଓଭର ବ୍ରିଜ ତଳେ ପନିପରିବା ବିକ୍ରି କରୁଥିଲେ। ତେବେ କିଛି ଦିନ ହେବ ପାରିବାରିକ କଳହ ତଥା ଅଶାନ୍ତି ଲାଗି ରହିଥିବା ବେଳେ ପପୁ ମୁଁ ଜଲ୍‌ଦି ମରିବି ବୋଲି ନିଜ ପରିଚିତ ଲୋକଙ୍କୁ କହି ବୁଲୁଥିଲେ ବୋଲି ଶୁଣିବାକୁ ମିଳୁଛି। ଆଜି ପାହାନ୍ତିଆ ତିନିଟା ସମୟରେ ମଧ୍ୟ କିଛି ଲୋକଙ୍କୁ ମୁଁ ମରିବାକୁ ଯାଉଛି ବୋଲି କହିକି ଯାଇଥିବା କୁହାଯାଉଛି। ତେବେ ଏହି ଘଟଣା ପଛରେ ରହସ୍ୟ କ'ଣ ରହିଛି ଏବଂ ଏହା ହତ୍ୟା ନା ଆତ୍ମହତ୍ୟା ପୋଲିସ ତଦନ୍ତ ପରେ ଜଣାପଡ଼ିବ ବୋଲି ଆଲୋଚନା ହେଉଛି।

## ୧୧୦ ବୋତଲ କଫ ସିରପ ଜବତ, ଦୁଇ ଗିରଫ

**ବଲାଙ୍ଗୀର,୬।୯ (ସଂଚାର ବ୍ୟୁରୋ) :** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ପୋଲିସ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ପାଟଣାଗଡ଼ ଲରମ୍ବା ମୁଖ୍ୟ ରାସ୍ତା କୁତୁମୁଣ୍ଡା ଛକରେ ଦୁଇଜଣ ମଟର ସାଇକେଲରେ ଆସୁଥିବା ବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଟକାଇ ଅଧିକ ତଦନ୍ତ କରୁଥିବାବେଳେ ତାଙ୍କ ପାଖରୁ ୧୧୦ ବୋତଲ କଫ ସିରପ ଚୋରା ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ବେଆଇନ ନିଶା କରବାର ଅଭିଯୋଗରେ ଗାଇସିଲେଟ ଥାନା ତାଳପାଲିର ଧନଞ୍ଜୟ ସାହୁ ଏବଂ ଗାଇସିଲେଟର ଜିତୁ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପାଟଣାଗଡ଼ ପୋଲିସ। ଅଭିଯୁକ୍ତମାନଙ୍କ ଠାରୁ ଦୁଇଟି ମଟର ସାଇକେଲ, ଦୁଇଟି ମୋବାଇଲ ଓ ୧୧୦ ବୋତଲ କଫ ସିରପ ଜବତ କରାଯାଇଥିବା ସୂଚନା ଦେଇଛନ୍ତି ପାଟଣାଗଡ଼ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା।

## ବ୍ରାଉନସୁଗର ଜବତ, ଜଣେ ଗିରଫ

**ଖୋର୍ଦ୍ଧା,୬।୯ (ସଂଚାର ବ୍ୟୁରୋ) :** ଶନିବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ବ୍ରାଉନସୁଗାର କାରବାର କରଥିବା ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲା ଶାଗୁଆନ ବଗିଚା ଅଞ୍ଚଳର ନିରଞ୍ଜନ ପାରମଣିକ। ତାଠାରୁ ପୋଲିସ ୨୦ଗ୍ରାମ ବ୍ରାଉନସୁଗାର ସମେତ ଏକ ପଲସର ବାଇକ୍ ଜବତ କରିଛି ବୋଲି ଆଜି ଖୋର୍ଦ୍ଧା ଆଦର୍ଶ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମା ସୁଚନା ଦେଇଛନ୍ତି। ସୂଚନା ମୁତାବକ ଆଜି ନିରଞ୍ଜନ ଖୋର୍ଦ୍ଧା ସହର ସ୍ୱପ୍ନେଶ୍ୱର୍ ମନ୍ଦିର ସମ୍ମୁଖରେ ବେପାର ପାଇଁ ଗ୍ରାହକ ଅପେକ୍ଷାରେ ଥିଲା ବେଳେ ଖୋର୍ଦ୍ଧା ପୋଲିସ ଏକ ବିଶେଷ ସୁତ୍ରରୁ ଖବର ପାଇ ନିରଞ୍ଜନଙ୍କୁ ମାଡ଼ି ବସିଥିଲେ।

## ରଥଯାତ୍ରାରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ଆଡ଼ପ ଦର୍ଶନ ପାଇଁ ସ୍ୱେଚ୍ଛାସେବୀ ସମ୍ମାନିତ

**ପୁରୀ,୬।୯ (ସଂଚାର ବ୍ୟୁରୋ) :** ପବିତ୍ର ଗୁଣ୍ଡିଚାଯାତ୍ରା ଠାରୁ ବାହୁଡାଯାତ୍ରା ପର୍ଯ୍ୟନ୍ତ ଦଶ ଦିନ ଧରି ଆଡପମଣ୍ଡପରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ମାନଙ୍କୁ ସୁଖଦ ଦର୍ଶନ କରେଇବାରେ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ। ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦି ବେଲ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳିତ କରିଥିଲେ। ଶନିବାର ଦିନ ପ୍ରାକୃତିକ ପରିବେଶ ଓ ଜଙ୍ଗଲ ମଧ୍ୟରେ ଥିବା ପ୍ରତିଷ୍ଠିତ ନାରାୟଣୀ ଠାକୁରାଣୀ ପୀଠରେ ସ୍ୱେଚ୍ଛାସେବୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦତ ପ୍ରମାଣପତ୍ର ଦିଆଯିବା ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ସମୟରେ ସ୍ୱେଚ୍ଛାସେବୀ ମାନେ ଅକ୍ଳାନ୍ତ ପରିଶ୍ରମ କରି ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଗୁଣ୍ଡିଚା ମଣ୍ଡପ ଆଡପମଣ୍ଡପରେ ଦର୍ଶନ କରାଇଥିବାରୁ ଆଜି ପ୍ରମାଣପତ୍ର ପାଇ ସ୍ୱେଚ୍ଛାସେବୀ ମାନେ ଉତ୍ସାହିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଦି ବେଲର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ପରିଚାଳନା କରିଥିଲେ। ଦି ବେଲର ବରିଷ୍ଠ ନାଗରିକ ମଞ୍ଚ, ଯୁବ ମଞ୍ଚ ଓ ମହିଳା ମଞ୍ଚର କର୍ମୀମାନେ ସହଯୋଗ କରିଥିଲେ।

## ମଦପିଇ ଗାଡ଼ି ଚଳାଇବା ମହଙ୍ଗା ପଡ଼ିଲା : ବନ୍ଧା ହେଲେ ଡ୍ରାଇଭର

**କନ୍ଧମାଳ,୬।୯ (ସଂଚାର ବ୍ୟୁରୋ) :** ମଦ ପିଇ ଗାଡି ଚଳାଇବାରୁ ବନ୍ଧା ହେଲେ ଡ୍ରାଇଭର। ଫୁଲବାଣୀ ଆଦର୍ଶ ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଡ୍ରାଇଭର ବଳରାମ ରଣା ଏକ ଟୋୟଟାୟା ଫର୍ଚୁନର, କଳା ରଙ୍ଗର ଗାଡି ନମ୍ବର (ଓଡ଼ି୧୨ ବି ୦୩୬)ରେ ଅତ୍ୟଧିକ ମଦ ପାନ କରି ଟ୍ରାଫିକ ପୋଲିସ ସହିତ ଯୁକ୍ତିତର୍କ କରିଥିଲା। ଏହି ଖବର ପାଇ ଫୁଲବାଣୀ ଆଦର୍ଶ ଥାନାର ଏଏସଆଇ ପ୍ରକାଶ କୁମାର ସାମନ୍ତରାୟ ସନ୍ଧ୍ୟା ସମୟରେ ପେଟ୍ରୋଲିଂ ବେଳେ ତାକୁ କାବୁ କରି ସଙ୍ଗେ ସଙ୍ଗେ ଥାନାକୁ ଗାଡି ଓ ଡ୍ରାଇଭରକୁ ଆଣିଥିଲେ। ଡ୍ରାଇଭରକୁ ବ୍ରେଥ୍ ଆନାଲାଇଜର ଦ୍ୱାରା ଫୁଙ୍କା ଯାଇଥିଲା। ଅତ୍ୟଧିକ ମାଦକ ଦ୍ରବ୍ୟ ସେବନ କରିଥିବା ଜଣା ପଡ଼ିଥିଲା। ତେଣୁ ଡ୍ରାଇଭରକୁ ଗିରଫ କରି ଏକ ମାମଲା ୩୩୬/୨୦୨୫ ଓ ଦଫା ୨୮୧, ୧୮୫ ଏମଭିଆଇ ଆକ୍ଟରେ ରୁଜୁ କରି ତାକୁ କୋର୍ଟଚାଲାଣ କରାଯାଇଛି। ଗାଡିଟିକୁ ମଧ୍ୟ ଜବତ କରାଯାଇଥିବା ସୂଚନା ଦେଇଛନ୍ତି ତଦନ୍ତକାରୀ ପୁଲିସ ଅଧିକାରୀ।

# ବେଗୁନିଆରୁ ଗୋରୁ ବୋଝେଇ କଣ୍ଟେନର ଜବତ



**ଖନ୍ତାପଡ଼ା,୬।୯ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ୧୬ ନଂ ଜାତୀୟ ରାଜପଥ ବେଗୁନିଆ ନିକଟରୁ ଗୋରୁ ବୋଝେଇ କଣ୍ଟେନର ଜବତ ହୋଇଛି। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଯାଞ୍ଚ କରୁଛି। ତେବେ କଣ୍ଟେନରରେ କେତେ ଗୋରୁ ଅଛନ୍ତି, ତାହା ଜଣାପଡ଼ିନାହିଁ।

ସୂଚନା ମୁତାବକ, ଶନିବାର ସକାଳେ ୧୬ ନଂ ଜାତୀୟ ରାଜପଥ ବେଗୁନିଆ ନିକଟରେ ଗୋରୁ ଭର୍ତ୍ତି ଥିବା ଏକ କଣ୍ଟେନରକୁ ସନ୍ଦେହ କରି ଗୋ ସୁରକ୍ଷା ବାହିନୀ ଅଟକାଇଥିଲେ। ଖନ୍ତାପଡ଼ା ଥାନାକୁ ଘଟଣା ସମ୍ବନ୍ଧରେ ତୁରନ୍ତ ଖବର ଦିଆଯାଇଥିଲା। ଖନ୍ତାପଡ଼ା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିବାରୁ କଣ୍ଟେନରରେ ଗୋରୁ ବୋଝେଇ ହୋଇ ଥିବାର ଦେଖିବାକୁ ପାଇଥିଲା। ଏସମ୍ପର୍କରେ ଜାଣିବାକୁ ପାଇ ସ୍ଥାନୀୟ ବାସିନ୍ଦା, ପଥଚାରୀ, ସମାଜସେବୀ, ଗୋ ସୁରକ୍ଷା ବାହିନୀ ଶ୍ରୀକୃଷ୍ଣ ବଲ୍ଲଭା ୱେଲଫେର ଫାଉଣ୍ଡେସନର କର୍ମୀ, ମା ଭାରତୀ ଗୋଶାଳାର ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁ ଏବଂ ବହୁ ସାମାଜିକ କର୍ମୀ ଘଟଣା ସ୍ଥଳରେ ପହଞ୍ଚି ବେଆଇନ ଗୋରୁ ଚାଲାଣକୁ ପ୍ରତିବାଦ କରିଥିଲେ। ଏଥିପାଇଁ ପୁଲିସକୁ ନାକେଦମ ହେବାକୁ ପଡିଥିଲା। ଶେଷରେ ପୁଲିସ ନିରୁପାୟ ହୋଇ ଖନ୍ତାପଡ଼ା ଥାନା ଅଭିମୁଖେ କଣ୍ଟେନରକୁ ନେଇଥିଲେ। ତେବେ କଣ୍ଟେନରରେ କେତେ ଗୋରୁ ଅଛନ୍ତି, ତାହା ବର୍ତ୍ତମାନ ସୁଦ୍ଧା ତାହା ଜଣା ପଡିନାହିଁ।

## ଦନ୍ତା ହାତୀ ଆକ୍ରମଣରେ ଜଣେ ମୃତ

**ଓଡ଼ାପଡ଼ା,୬।୯ (ସଂଚାର ବ୍ୟୁରୋ) :** ଢେଙ୍କାନାଳ ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବେଡାପଡା ଗ୍ରାମର ଚରଣ ନାଏକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଚରଣ ଶନିବାର ସଂଧ୍ୟାରେ ନିକଟସ୍ଥ ପଡିଆକୁ ଶୌଚ ହେବାକୁ ଯାଇ ହାତୀ ହାବୁଡରେ ପଡିଥିଲେ। ଏକ ଦନ୍ତାହାତୀ ଚରଣଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ଚରଣ ନାଏକଙ୍କ ମୃତ୍ୟୁ ଘଟିଥିଲା।



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ବିଜେପି ସାଂସଦଙ୍କ କର୍ମଶାଳା।

## କାନ୍ଥ ଭାଙ୍ଗି ୫ ଭରି ସୁନା, ୩ ଲକ୍ଷ ଟଙ୍କା ଚୋରି

**କଣ୍ଟାବାଞ୍ଜି,୬।୯ (ସଂଚାର ବ୍ୟୁରୋ):** ଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ ଦମ୍ପତି। କିନ୍ତୁ ଘରକୁ ଫେରି ଦେଖନ୍ତି ତ ଘରର କାନ୍ଥ ଭାଙ୍ଗିଛି। ସେପଟେ ଘର ଆଲମିରା ଭାଙ୍ଗି ସୁନା ଗହଣା ଲୁଟ୍ ହୋଇଛି। ଖବର ପାଇ କୁକୁର ଧରି ଘଟଣାସ୍ଥଳରେ ପହଞ୍ଚିଲା ପୋଲିସ। ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଲଖନା ପଞ୍ଚାୟତ ସିଲେଟପଡ଼ା ଗାଁର ଗମ୍ଭୀର ରଣାଙ୍କ ଘରର ଆଲମିରା ଭାଙ୍ଗି ୫ ଭରି ସୁନା, ୩ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗାଁରୁ ଜଗନ୍ନାଥ ଧାମ ପୁରୀରୁ ତୀର୍ଥ ଭ୍ରମଣ ସାରି ଘରକୁ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ ଦମ୍ପତି। ଚୋରି ହୋଇଥିବା ନେଇ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣା ସ୍ଥଳରେ ମୁରିବାହାଲ ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ଡଗ ସ୍କ୍ୱାର୍ଡ ସହ ପୋଲିସ ଟିମ ପହଞ୍ଚି ଛାନଭିନ ଜାରି ରଖିଛି।

# ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ, ଦ୍ୱିତୀୟ ସନ୍ଧ୍ୟାରେ ସଙ୍ଗୀତର ମହକ

**ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ) :** ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଆୟୋଜିତ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଖ୍ୟାତନାମା ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ କୁମାର ମାର୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଏବଂ ପ୍ରସିଦ୍ଧ କର୍ଣ୍ଣାଟକୀ ମାଣ୍ଡୋଲିନ୍ ବାଦକ ଯୋଡ଼ି ୟୁପି ରାଜୁ ଏବଂ ୟୁ ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ୍ ବାଦନ ଉପସ୍ଥାପନ ରବୀନ୍ଦ୍ର ମଣ୍ଡପରେ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଫସଫେଟ୍ସ ଲିମିଟେଡର କର୍ପୋରେଟ୍ ବ୍ୟାପାରମୁଖ୍ୟ ସୁଧୀ ରଞ୍ଜନ ମିଶ୍ର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅପରେସନ୍ ନିର୍ଦ୍ଦେଶକ ଶ୍ରୀ ସ୍ୱାମୀ ସତ୍ୟଚୈତନ୍ୟ; ବିଶିଷ୍ଟ ଗାୟକବାବୁ ପାଣିଗ୍ରାହୀ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମଟି ଧାରୱାଡର ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ଶ୍ରୀ କୁମାର ମାର୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣରୁ ଆରମ୍ଭ ହୋଇଥିଲା। ଯାହାଙ୍କ ସଙ୍ଗୀତରେ ଖୟାଲ, ଠୁମରୀ, ଦାଦ୍ରା, ଭଜନ, କନ୍ନଡ ଦାସ ସାହିତ୍ୟ ଏବଂ ଭବଗୀତ ସହିତ ବୈଷୟିକ ସଠିକତା ଏବଂ ସୁରଳ ଅଭିବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲା। ସାଥୀମାନଙ୍କ ବାଦ୍ୟରେ ସରଳ ଏକାଗ୍ରତାଯାହା କୁମାର ମାର୍ଦୁରଙ୍କ କଳାକୁ ବିକଶିତ କରିବା ସହିତ ଜୟପୁର ଘରାନାକୁ ସୁନ୍ଦର ଭାବରେ ମିଶ୍ରଣ କରି ତାଙ୍କର ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଥିଲେ। ତାଙ୍କୁ ତବଲାରେ ଅମିତାଭ ସେନ, ହାରମୋନିୟମରେ ଆକାଶ ବିଶ୍ୱାଳ ଓ କଣ୍ଠରେ ପବନକୁମାର ଚୋବେ ସହଯୋଗ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ପ୍ରସିଦ୍ଧ କର୍ଣ୍ଣାଟକୀ ମାଣ୍ଡୋଲିନ୍ ଯୋଡ଼ି, ମାଣ୍ଡୋଲିନ୍ ୟୁପି ରାଜୁ ଏବଂ ୟୁ ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ୍ ବାଦନ ପରିବେଷିତ ହୋଇଥିଲା। ସେମାନଙ୍କ ରାଗ ଓ ତାଳର ସୂକ୍ଷ୍ମ ବୋଧଗମ୍ୟତା ସୁମଧୁର ବାର୍ତାଳାପକୁ ଯୋଡ଼ିବା ସହିତ ଶୁଦ୍ଧ ସଙ୍ଗୀତର ସାମଞ୍ଜସ୍ୟର ମୁହୂର୍ତ୍ତ ସୃଷ୍ଟି କରିଥିଲା। ସେମାନଙ୍କ ତାଳମେଳରେ ପ୍ରଦର୍ଶିତ ହୋଇଥିଲା ବାଦ୍ୟଯନ୍ତ୍ର ସଙ୍ଗମର ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ଯାହା ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା। ତାଙ୍କୁ ଥାଭିଲ୍ (ମର୍ଦ୍ଦଳ)ରେ କେ. ସେକର ଓ ଘଟମରେ ଡକ୍ଟର ଏସ. କାର୍ତ୍ତିକ ସହଯୋଗ କରିଥିଲେ।ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀଦେବୀପ୍ରସାଦ ମିଶ୍ର କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜିଲ୍ଲା...

ବିଧାସଭାରେ ଦୁଇ ଅଙ୍କ ଛୁଇଁବେ ବୋଲି ଆଶା ରଖିନଥିଲେ। କିନ୍ତୁ ଦଳ ୧୪ଟି ଆସନ ଦଖଲ କରିଥିଲା। ତେଣୁ ସ୍ୱାଭାବିକ ଭାବେ ବିଧାୟକ ଓ ବିଧାୟକ ପ୍ରାର୍ଥୀମାନେ ରାଜନୀତିରେ ସକ୍ରିୟ ହୋଇପଡ଼ିଛନ୍ତି। କିନ୍ତୁ ବିଡ଼ମ୍ବନା ଯେ ଭକ୍ତ ସଭାପତି ହେବା ପରେ ବି ସବୁ ନେତାଙ୍କୁ ସାଙ୍ଗରେ ନେଇପାରିଲେ ନାହିଁ। ଶ୍ରୀକାନ୍ତ ଜେନା, ନରସିଂହ ମିଶ୍ର, ପଞ୍ଚାନନ କାନୁନଗୋ, ଶରତ ରାଉତଙ୍କ ପରି ବହୁ ନେତା ଏବେ ବି ଭକ୍ତଙ୍କ ସହ ସମ୍ପୂର୍ଣ୍ଣ ଭାବେ ନାହାଁନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ ସାଧାରଣତଃ ଜିଲ୍ଲା ସଭାପତି ଓ ଜିଲ୍ଲା ସଂଗଠନ ଜିଲ୍ଲାର ସବୁ ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କ ସହମତିରେ ହୋଇଥାଏ। କିନ୍ତୁ ଭକ୍ତ ଏଭଳି ସଙ୍ଗଠନ ଛିଡା କରିବାକୁ ଚାହୁଁନାହାଁନ୍ତି ଯେଉଁଠି ତାଙ୍କ ଚେନ୍ ରହିବ ନାହିଁ। ତେଣୁ ସେ ଜିଲ୍ଲା ସ୍ତରରେ ମଧ୍ୟ ନିଜ ଚେନ୍ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ବିଧାୟକ ଓ ପ୍ରାର୍ଥୀଙ୍କ ପ୍ରସ୍ତାବିତ ନେତାଙ୍କୁ ବାଦ ଦେଇ ସେ ନୂଆ ଧାରା ସୃଷ୍ଟି କରିବା ପ୍ରଚେଷ୍ଟାରେ ଅଛନ୍ତି। ଆଉ ତାଙ୍କର ଏହି ପ୍ରକ୍ରିୟାକୁ ଦଳ ଭିତରେ ଯେମିତି କେହି ବିରୋଧ କରିପାରିବେ ନାହିଁ, ସେଥିପାଇଁ ଏଆଇସିସି ଅନୁମୋଦିତ ସଭାପତି ଚୟନ କରୁଛନ୍ତି ଭକ୍ତ। ଅର୍ଥାତ ସଭାପତି ଭକ୍ତଙ୍କ ଚେନ୍‌ରେ ଆଉ ସୃଜନ ଅଭିଯାନ ଜରିଆରେ ଏଆଇସିସି ତାଙ୍କର ପ୍ରାର୍ଥୀଙ୍କୁ ହିଁ ବାଛୁଛି। ଯାହାକୁ ନେଇ ଦଳର ଏକ ବଡ଼ ଗୋଷ୍ଠୀ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିଲେ ବି ଖୋଲାଖୋଲି ବିରୋଧ କରୁନାହାଁନ୍ତି। ଦଳର ରାଜନୈତିକ ଭବିଷ୍ୟତ ସୁରକ୍ଷିତ ରଖିବାକୁ କିଛି ନେତା ନିଜ ସ୍ୱାଭିମାନ ସହ ବି ସାଲିସ କରୁଛନ୍ତି। କିନ୍ତୁ କେତେବେଳେ ବି ଭକ୍ତଙ୍କ ବିରୋଧରେ ଏହି ଅସନ୍ତୋଷ ବିସ୍ଫୋରକ ରୂପ ନେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି।

## ୨୭ରେ...

ହୋଇଥିବା ପ୍ରଶ୍ନପତ୍ର ପ୍ରକୃତ ପ୍ରଶ୍ନପତ୍ର ସହ ମେଳ ଖାଇବା ପରେ ପରିଷଦ ପରୀକ୍ଷାକୁ ସ୍ଥଗିତ ରଖିଥିଲା। ସେହିପରି ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କ ସମେତ ମୋଟ ୮ ଜଣଙ୍କୁ କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିସାରିଛି।

## ଜଳିଗଲେ...

ପାଖାପାଖି ୧୦ ବର୍ଷ ହେଲା ଦୀପକ ବେଙ୍ଗାଲୁରୁର ଏକ କୁକୁଡ଼ା ଫାର୍ମରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ସେ ୨୦୧୭ରେ ପାରାଦୀପ ଅଞ୍ଚଳର ସୁଜାତାଙ୍କୁ ପ୍ରେମ ବିବାହ କରିଥିଲେ। ୨୦୧୮ରେ ଓମ୍ ସୁଜାତାଙ୍କ କୋଳ ମଣ୍ଡନ କରିଥିଲା। କିନ୍ତୁ ଏବେ ତାଙ୍କ ସଂସାର ଉଜୁଡ଼ିଯାଇଛି। ଏପରି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ପୁଲିସ୍ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଇସ୍କନ୍...

ଦେଇଛନ୍ତି। ଏଥିସହ ଗଜପତି ଆହୁରି ଚେତାଇ ଦେଇଛନ୍ତି ଯେ ଆଗାମୀ ଦିନରେ ଇସ୍କନ୍ ନୀତି ଓ ପରମ୍ପରାକୁ ନମାନିଲେ ଆମେ ଆଇନ୍ ଆଶ୍ରୟ ନେବୁ। ସୂଚନାଯୋଗ୍ୟ ଯେ ଅଦିନିଆ ରଥଯାତ୍ରା ନେଇ ଗତବର୍ଷ ଡିସେମ୍ବର ୨ ତାରିଖରେ ଇସ୍କନକୁ ଗଜପତି ଚିଠି ଲେଖିଥିଲେ। ସେହିଦିନ ମଧ୍ୟ ଶ୍ରୀନଅରରେ ବୈଠକ ହୋଇଥିଲା। ମାର୍ଚ୍ଚ ୨୦ ତାରିଖରେ ଏହାକୁ ନେଇ ଆଉ ଏକ ବୈଠକ ହୋଇଥିଲା, ଯେଉଁଥିରେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ବିଧି ସମ୍ମତ ବୋଲି ଦସ୍ତାବିଜ୍ ପ୍ରକାଶ କରିବା ପାଇଁ କୁହାଯାଇଥିଲା। ଏବେ ଦସ୍ତାବିଜ୍ ସବୁ ଇସ୍କନ ପକ୍ଷରୁ ଦିଆଯାଇଛି। ଯେଉଁ ଯୁକ୍ତି ସବୁ ଇସ୍କନ ପକ୍ଷରୁ ଦିଆଯାଇଛି ତାହା ଶାସ୍ତ୍ରବିରୋଧୀ। ଏହାକୁ ବିରୋଧ କରି ଶ୍ରୀମନ୍ଦିରର ବିଦ୍ୱାନମାନଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ ସବୁକୁ ମେଳ ଓ ଚିଠି ମାଧ୍ୟମରେ ଇସ୍କନକୁ ପଠାଯାଇଛି। ବିଧି ଅନୁଯାୟୀ, ୧୧ ଜୁନରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ହେଲେ ଏହା ପୂର୍ବରୁ ୧୮ ଥର ସ୍ନାନଯାତ୍ରା ଆୟୋଜିତ ହୋଇଛି। ସେହିଭଳି ରଥଯାତ୍ରା ବିଧି ଅନୁଯାୟୀ ୨୭ ଜୁନରେ ହେବା କଥା। ହେଲେ ଚଳିତ ବର୍ଷ ଆମେରିକାରେ ମାର୍ଚ୍ଚ ୩୧ରେ ଓ ରଥଯାତ୍ରା ପୂର୍ବରୁ ୩୫ଟି ସ୍ଥାନରେ ରଥଯାତ୍ରା ପାଳନ କରାଯାଇଛି। ଆସନ୍ତା ୨୭ ତାରିଖରେ ବି ଆମେରିକାରେ ପୁଣି ରଥଯାତ୍ରା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଶ୍ରୀମନ୍ଦିର ପରିଚାଳନା କମିଟି ବିରୋଧ କରୁଛି। ଶାସ୍ତ୍ର ଓ ପରମ୍ପରାକୁ ଇସ୍କନ ଭଙ୍ଗ କରି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆବେଗ ପ୍ରତି କୁଠାରାଘାତ କରୁଛି ବୋଲି ଡ. ପାଢ଼ୀ କହିଛନ୍ତି। କିଛି ବିଦେଶୀ ନାଗରିକ ଭକ୍ତ ବୋଲି କହି କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଏପରି କାର୍ଯ୍ୟ କରିଛନ୍ତି। ପରିବର୍ତ୍ତନ କେବଳ ପୂଜାରେ ଦ୍ରବ୍ୟ ବାହାରକୁ ନେଇ କରିହେବ ହେଲେ କୌଣସି ଶାସ୍ତ୍ରୀୟ ସିଦ୍ଧାନ୍ତରେ ପରିବର୍ତ୍ତନ ହେବନାହିଁ। ଏହା ଇସ୍କନର କୁବ୍ୟାଖ୍ୟା ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ପାଣିପାଗ ଓ ଛୁଟି ଦିନରେ ରଥଯାତ୍ରା କରିବା ପାଇଁ ଇସ୍କନ ପକ୍ଷରୁ କୁହାଯାଇଛି। ହେଲେ ଏହାକୁ ବିରୋଧ କରିଛି କମିଟି। ତିଥି ମୁତାବକ ଏହାକୁ ଅଳ୍ପରେ ପାଳନ କରନ୍ତୁ ହେଲେ ବିଧିକୁ ଖଣ୍ଡନ ନ କରନ୍ତୁ ବୋଲି କମିଟି ପକ୍ଷରୁ କୁହାଯାଇଛି। ସନାତନ ଧର୍ମର ପ୍ରଚାର ନାମରେ ନୀତି ବିରୋଧୀ କାର୍ଯ୍ୟ କରି ଅପପ୍ରଚାର କରୁଛି ଇସ୍କନ। ବ୍ୟବସାୟୀକ ଉପାଦାନ ଭାବେ ଜଗନ୍ନାଥଙ୍କୁ ବ୍ୟବହାର କରାଯାଉଛି। ହଜାର ହଜାର ବର୍ଷର ପରମ୍ପରାକୁ କୁଠାରାଘାତ କରି ଜଗନ୍ନାଥ ସଂସ୍କୃତିକୁ ଅପମାନ କରାଯାଉଛି ବୋଲି କହିଛନ୍ତି କମିଟି ସଦସ୍ୟ ପ୍ରଫେସର ହରେକୃଷ୍ଣ ଶତପଥୀ।

## ପ୍ରତି...

ଯେ ଧାନ କେବଳ ଏକ ଶସ୍ୟ ନୁହେଁ, ଏହା ଚାଷୀର ଝାଳବୁହା ପରିଶ୍ରମର ଫଳ। ପ୍ରତ୍ୟେକ ଧାନ ଦାନାରେ ଜଣେ କୃଷକର ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ। ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ। ଏହି ପର୍ବରେ ସେମାନଙ୍କର ସମ୍ମାନ ସବୁଠାରୁ ଅଧିକ। ସମ୍ବଲପୁର ପଶ୍ଚିମ ଓଡିଶାର ଏକ ବିଶେଷ ସ୍ଥାନ, ଯାହା କଳା, ସଂସ୍କୃତିର ବିଶେଷ ବାର୍ତ୍ତା ବହନ କରେ। କେବଳ ସମ୍ବଲପୁର ନୁହେଁ ପଶ୍ଚିମ ଓଡିଶାର ପ୍ରତ୍ୟେକ ଜିଲ୍ଲା ଓଡିଶା ପାଇଁ ସ୍ୱତନ୍ତ୍ରତା ବହନ କରନ୍ତି। ନୂଆଁଖାଇ ଚାଷଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ। ରାଜ୍ୟର କୃଷକ ପରିବାରଙ୍କ ଆୟ ଦୁଇ ଗୁଣ ନୁହେଁ, ବହୁଗୁଣିତ କରିବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା। ଆମ ସରକାର ଲୋକଙ୍କ ସରକାର, ଆପଣଙ୍କ ସରକାର। କେବଳ କାଗଜପତ୍ର କି ପ୍ରଚାର ପାଇଁ ନୁହେଁ। ଗତ ଏପ୍ରିଲ ୨୧ରେ ପୂରା କ୍ୟାବିନେଟ୍ ଓ ପ୍ରଶାସନ ପଶ୍ଚିମ ଓଡ଼ିଶାରେ ପହଞ୍ଚିଥିଲା। ଏଠାରେ ଅନୁଷ୍ଠିତ ଜନଶୁଣାଣିରେ ପ୍ରାୟ ୯୩୭୭ଟି ଅଭିଯୋଗ ମିଳିଥିଲା ଓ ସେଥିରୁ ସ୍ପଟ୍‌ରେ ୮୮ ପ୍ରତିଶତର ସମାଧାନ କରାଯାଇଥିଲା। ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ଆଭ୍ୟନ୍ତରୀଣ ଜିଲ୍ଲାରେ ଜନଶୁଣାଣି ହେବ ଏବଂ ଆବଶ୍ୟକ ପଡ଼ିଲେ ସେଠାରେ କ୍ୟାବିନେଟ୍ ବୈଠକ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଶିଳ୍ପାୟନ ସଂକ୍ରାନ୍ତରେ ସେ କହିଛନ୍ତି ଯେ ସରକାର ରାଜ୍ୟର ପ୍ରତିଟି ଜିଲ୍ଲାକୁ ଶିଳ୍ପାୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦ୍ରୁତ ବିକାଶ ପାଇଁ ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗ ହେଉଛି ଗମନାଗମନ। ଏଣୁ ରାଜ୍ୟ ସରକାର ପୂର୍ବ ଓଡିଶାରୁ ପଶ୍ଚିମ ଓଡିଶା ପର୍ଯ୍ୟନ୍ତ ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲାକୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକଶିତ କରିବେ। ଏହା ନିରବଚ୍ଛିନ୍ନ ସେବାକୁ ସୁଗମ କରି ଦ୍ରୁତ ଓ ସମନ୍ୱିତ ଅଭିବୃଦ୍ଧି ସୁନିଶ୍ଚିତ କରିବ। ଆମେ ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ। ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହାଛଡ଼ା ବରଗଡ଼, ଅନୁଗୁଳ ଓ ବଲାଙ୍ଗୀରର ବିଧାୟକମାନେ ବି ଉପସ୍ଥିତ ଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକମାନେ ମା' ସମଲେଶ୍ୱରୀ ମନ୍ଦିର ଓ ମା' ପାଟଣେଶ୍ୱରୀ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ନେଇଥିଲେ।

## ପିଏସି...

ଆଭିମୁଖ୍ୟ କଣ ରହିବା ଉଚିତ ସେନେଇ ନବୀନ ସମସ୍ତ ପିଏସି ସଦସ୍ୟଙ୍କ ମତାମତ ନେଇଥିଲେ। ସବୁ ପିଏସି ସଦସ୍ୟ ଯୁକ୍ତି ସହ ନିଜ ପକ୍ଷ ରଖିଥିଲେ। ନବୀନ ସମସ୍ତଙ୍କ ମତାମତ ଶୁଣିଲେ, କିଛି ଉତ୍ତର କିନ୍ତୁ ଦେଲେନି। ଏପରିକି ବିଜେଡି ଏହି ନିର୍ବାଚନରେ କାହାକୁ ସମର୍ଥନ କରିବ କାହାକୁ ବିରୋଧ କରିବ ନା ଆଦୌ ଭୋଟରେ ଭାଗ ନେବ ନାହିଁ ସେ ନେଇ କିଛି ବି ସ୍ପଷ୍ଟ ହେଲାନି। ସେପଟେ ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ବିଜେଡି ଏହି ନିର୍ବାଚନରେ ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଏକ ପ୍ରକାର ଥୟ। କିନ୍ତୁ ୱାକଫ ବିଲ ଭଳି ବିବାଦ ଏଡାଇବାକୁ ସୁପ୍ରିମୋ କୌଣସି ଘୋଷଣା କରିବେ ନାହିଁ। ଦଳର ନେତାମାନେ ନିଜ ନିଜ ପସନ୍ଦରେ ଭୋଟ ଦେବେ। ଅବଶ୍ୟ ଏନେଇ ସଭାପତି କିଛି ଏକ ଇସାରା ଦେବେ। ଯିଏ ସେ ଇସାର ବୁଝିବ ସେ ସଭାପତିଙ୍କ ପସନ୍ଦର ଭୋଟ ଦେବ, ଯିଏ ବୁଝି ନପାରିବ ସେ ନିଜ ବିବେକାନୁମୋଦିତ ଭୋଟ ଦେବେ। ଏଥିସହିତ ବିଜେଡି ଭୋଟି ପ୍ରକ୍ରିୟାରୁ ବିରତ ରହି ମଧ୍ୟ ଏନଡିଏ ପ୍ରାର୍ଥୀଙ୍କୁ ପରୋକ୍ଷ ସମର୍ଥନ ଦେବା ଭଳି ରାଜନୈତିକ ଆଭିମୁଖ୍ୟ ଗ୍ରହଣ କରିପାରେ ବୋଲି ଆକଳନ କରାଯାଉଛି। ଏଭଳି ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ଆସନ୍ତାକାଲି ନବୀନ ଚାରି ଦିନିଆ ଦିଲ୍ଲୀ ଗସ୍ତରେ ଯାଉଛି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ନବୀନଙ୍କ ଏହି ଗସ୍ତ ରାଜନୈତିକ ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଚର୍ଚ୍ଚା ହେଉଛି। ଏହି ଗସ୍ତ ହିଁ ବିଜେଡି ଆଭିମୁଖ୍ୟକୁ ସ୍ପଷ୍ଟ କରିପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରୁଛନ୍ତି।

## ସମାଧାନ...

ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଆନ୍ଦୋଳନରେ ଶିକ୍ଷକମାନେ ଅଛନ୍ତି। ଶିକ୍ଷକ ନେତାମାନଙ୍କ ସହ ଆଲୋଚନା ହୋଇଛି। ୪ଟି ଦାବି ଉପରେ ଆଲୋଚନା ହୋଇଛଇ। ଖୁବଶୀଘ୍ର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ବସିବ। ଏହି ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ଆମେ ଚେଷ୍ଟା କରୁଛୁ। ଖୁବଶୀଘ୍ର କିଛି ନା କିଛି ସକାରାତ୍ମକ ନିଷ୍ପତ୍ତି ନିଆଯିବ।ଅନ୍ୟପକ୍ଷରେ ୧୯୪ ସ୍କୁଲକୁ ଅନୁଦାନ ସହ ଅବସର ବୟସ ୬୦ରୁ ୬୨କୁ ଆଦି ଶିକ୍ଷକମାନଙ୍କର ପ୍ରମୁଖ ଦାବି ରହିଛି। ଆନ୍ଦୋଳନରୁ ଓହରିବା ପାଇଁ ଉଭୟ ମନ୍ତ୍ରୀ ନିବେଦନ କରିଛନ୍ତି ବୋଲି ଶିକ୍ଷକ ପ୍ରତିନିଧି ମଣ୍ଡଳୀ ପକ୍ଷରୁ କୁହାଯାଇଛି। ସେମାନଙ୍କ ଦାବି ସମ୍ପର୍କରେ ସରକାର ଅବଗତ ଅଛନ୍ତି। ବାରମ୍ବାର ପୂର୍ବ ସରକାରରୁ ଏଯାବତ ଅନେକ କମିଟି ଗଠିତ ହୋଇଥିଲେ ହେଁ ଏହାର ସମାଧାନ ହୋଇପାରିନାହିଁ। କିନ୍ତୁ ଆଜିର ବୈଠକ ପରେ ଆମେ ସମାଧାନ ପାଇଁ ଯଥେଷ୍ଟ ଆଶାବାଦୀ ରହିଛୁ। କିନ୍ତୁ ସରକାର ଦାବି ପୂରଣ କରିବେ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଲେ ସେମାନେ ଆନ୍ଦୋଳନରୁ ଓହରିବେ ବୋଲି ପ୍ରତିନିଧିମଣ୍ଡଳୀର ଜନୈକ ସଦସ୍ୟ କହିଛନ୍ତି।

## ସମ୍ରାଟ...

ଆବଶ୍ୟକତା ଥାଏ। ଓଡ଼ିଆ ସମାଜର ସବୁଠୁ ବଡ଼ ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଏହାକୁ ନେଇ କାହା ମନରେ ଦ୍ୱନ୍ଦ୍ୱ ନାହିଁ। ତେବେ ସମସାମୟିକ ସମାଜରେ ଆମ ଓଡ଼ିଆ ସମାଜର ଗଭୀରତା, ବୌଦ୍ଧିକ ଚିନ୍ତନ କ୍ଷମତା ଓ ବ୍ୟାପକ କେତେ, ତାହା ଜାଣିବା ଓ ଜଣାଇବା ଦରକାର। ଏବେ ସେହି ସମୟ ଉପନୀତ ହୋଇଛି, ଯେତେବେଳେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଓଡ଼ିଶାର ସମୃଦ୍ଧି, ସାଂସ୍କୃତିକ ଐତିହ୍ୟ ଓ ପ୍ରତିଚ୍ଛବିକୁ ଜାତୀୟ ଆଲୋଚନା ପରିସରକୁ ଆଣିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସବୁ ସମୟରେ ରାଜନୀତି ଓ ଆଇନଶୃଙ୍ଖଳା, ଅପରାଧ ଖବର ଓ ଅନ୍ୟ ବିଷୟରେ ବିତର୍କ କରିବା ପରିବର୍ତ୍ତେ ଏକ ସମାଜର ଗଭୀରତା, ଐତିହ୍ୟ, ଖାଦ୍ୟ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ବିଷୟ ଉପରେ ଆଲୋଚନା ହେବା ଦରକାର। ଏହାର ଉଦାହରଣ ଦେଇ ଓଡ଼ିଶାର ଗୌରବମୟ ଇତିହାସ ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଓଡ଼ିଶା ଏକ ସମୃଦ୍ଧ, ବୌଦ୍ଧିକସମ୍ପନ୍ନ ଏବଂ ବଳଶାଳୀ ରାଜ୍ୟ। ସମ୍ରାଟ ଖାରବେଳ ଥିଲେ ଆଧୁନିକ ଓଡ଼ିଶାର ସ୍ଥପତି। ଏହା ପୂର୍ବରୁ ଓଡ଼ିଶାରେ ସମ୍ରାଟ ଅଶୋକ ଏବଂ ଓଡ଼ିଆଙ୍କ ମଧ୍ୟରେ ସଂଗଠିତ ହୋଇଥିବା କଳିଙ୍ଗ ଯୁଦ୍ଧ ଏକ ମହାନ ବାର୍ତ୍ତା ଦେଉଛି। କଳିଙ୍ଗ ଯୁଦ୍ଧରେ ଓଡ଼ିଆଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ହିଁ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା। ବୌଦ୍ଧ ଧର୍ମର ମାର୍ଗ ଓଡ଼ିଶା ଜରିଆରେ ହିଁ ଉଭା ହୋଇଛି, ଯାହା ଓଡ଼ିଶାର ଗୌରବମୟ ଇତିହାସକୁ ପ୍ରତିଫଳିତ କରୁଛି। ଶ୍ରୀ ପ୍ରଧାନ ସବୁ ଓଡ଼ିଆ ଲୋକଙ୍କୁ ଓଡ଼ିଶାର ବିଷୟକୁ ଚାଟ୍ ଜିପିଟି ମାଧ୍ୟମରେ ପ୍ରଶ୍ନ କରିବା ସହ ଓଡ଼ିଶାର ବ୍ରାଣ୍ଡକୁ ବିକଶିତ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ସାମ୍ବାଦିକତା ପୁରସ୍କାର ନେଇ ପଲ୍ଲିବାଣୀ ମିଶନର ଉଦ୍ୟମ ଓ ପୁରସ୍କୃତ ସାମ୍ବାଦିକଙ୍କ କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରି କହିଛନ୍ତି ଯେ ପୁରସ୍କୃତ ସାମ୍ବାଦିକମାନେ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ନିରପେକ୍ଷ ସାମ୍ବାଦିକତାକୁ ଅଗ୍ରାଧିକାର ଦେଇ ରାଜ୍ୟ ଓ ଦେଶ ଉପରେ ଟିପ୍ପଣୀ ରଖୁଛନ୍ତି। ସାମ୍ବାଦିକମାନେ ନିଜ କାର୍ଯ୍ୟରେ ସାଧାରଣ ଲୋକର ସ୍ୱରକୁ ରାଜ୍ୟ ଓ ଦେଶରେ ଉପସ୍ଥାପନା କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ପୁରସ୍କାର ସମାରୋହରେ 'ଆଜ୍ ତକ୍'ର ସମ୍ପାଦକ ସଞ୍ଜୀବ ପାଲିୱାଲ, 'ହିନ୍ଦୁସ୍ତାନ'ର ସମ୍ପାଦକ ପ୍ରତାପ ସୋମବଂଶୀ, 'ଲଲନଟପ'ର ସମ୍ପାଦକ ସୌରଭ ଦ୍ୱିବେଦୀଙ୍କୁ ଭାରତୀୟ ସାମ୍ବାଦିକତା ପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଛି। ସେହିପରି ଓଡ଼ିଶାର 'ଅର୍ଗସ' ଡିଜିଟାଲର ସମ୍ପାଦକ ସଂଗ୍ରାମ କେ. ଷଡ଼ଙ୍ଗୀ, 'ଦି ହିନ୍ଦୁ'ର ସ୍ୱତନ୍ତ୍ର ପ୍ରତିନିଧି ସତ୍ୟସୁନ୍ଦର ବାରିକ, 'ସମ୍ବାଦ'ର ସମ୍ବଲପୁର ଜିଲ୍ଲା ପ୍ରତିନିଧି ରତ୍ନାକର ଭୋଇ 'ଓଡ଼ିଶା ସାମ୍ବାଦିକତା ପୁରସ୍କାର-୨୦୨୫'ରେ ସମ୍ମାନିତ ହୋଇଛନ୍ତି। ସମାରୋହରେ ଯୋଗଗୁରୁ ବାବା ରାମଦେବ, ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ ଏଡିଟର ସାନ୍ତ୍ୱନା ଭଟ୍ଟାଚାର୍ଯ୍ୟ ଓ ପଲ୍ଲୀବାଣୀ ମିଶନର ଚେୟାରମ୍ୟାନ ରାମଚନ୍ଦ୍ର ନାଥ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଗଣ ପଲ୍ଲୀବାଣୀ ମିଶନର ଏକ ବିଶେଷ ପତ୍ରିକା ଉନ୍ମୋଚନ କରିଥିଲେ।

## କାର୍...

ଆସୁଥିବା ଏକ କାର ସେମାନଙ୍କ ଅଟୋକୁ ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି ରାସ୍ତାକଡ଼ରେ ଥିବା ବିଲ ଭିତରକୁ ପଶିଯାଇଥିଲା। ଏହି ଦୁର୍ଘଟଣାରେ କମଳା ଓ ଅଟୋ ଚାଳକ ମଣ୍ଟୁ ମୁଦୁଲିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବଂଶୀଧର, ସୁନୀତା ଓ ଶ୍ରୀସାଇ ଗୁରୁତର ଭାବେ ଆହତ ହୋଇଥିଲେ। ସେହିପରି କାର୍ ମାଲିକ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ ହେଁ ତାଙ୍କ ସମ୍ପର୍କରେ କିଛି ଠୋସ୍ ସୂଚନା ମିଳିପାରିନାହିଁ। ଖବର ପାଇ ଅନୁଗୋଳ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତାହତମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ସେଠାରେ ବଂଶୀଧରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ସୁନୀତା ଓ ଶ୍ରୀସାଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଖବର ପାଇ ସଦର ପୁଲିସ ହସ୍ପିଟାଲ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ଦଶହରା ପୂର୍ବରୁ ରାସ୍ତା ମରାମତି ନେଇ ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

# ସେପ୍ଟେମ୍ବର ୨୦ ସୁଦ୍ଧା ସରିବ କାମ



## ରାସ୍ତା ମରାମତି ନେଇ ଆସିବ ସ୍ୱତନ୍ତ୍ର ନୀତି

## ୨ଦିନରେ ସ୍ଥିତି ନେଇ ରିପୋର୍ଟ ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ପାର୍ବଣ ଋତୁ ଦଶହରାକୁ ନେଇ ସାରା ରାଜ୍ୟରେ ଉତ୍ସବର ମାହୋଲ ସୃଷ୍ଟି ହେବାକୁ ଯାଉଥିବା ବେଳେ ରାସ୍ତାଘାଟ ଓ ଗମନାଗମନ ନେଇ ଭୁବନେଶ୍ୱର-କଟକ ସମେତ ସବୁ ସହର ଏବଂ ରାଜ୍ୟବାସୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ୟୁନିଟ୍-୫ସ୍ଥିତ ନିର୍ମାଣ ସୌଧ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସହ ସବୁ ପ୍ରମୁଖ ସହର ତଥା ସମସ୍ତ ଜିଲ୍ଲାର ରାସ୍ତାଘାଟର ସ୍ଥିତି ଅନୁଧ୍ୟାନ କରିଥିଲେ। ଆଗକୁ ଦୁର୍ଗାପୂଜା ଥିବାରୁ ରାସ୍ତାରେ ଖାଲଖମାର ମରାମତି ଆସନ୍ତା ୨୦ ତାରିଖ ମଧ୍ୟରେ କରି ଜନସାଧାରଣଙ୍କୁ ଭଲ ରାସ୍ତା ଯୋଗାଇଦେବା ସକାଶେ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ନୂତନ ନିଯୁକ୍ତି ଜରିଆରେ ବହୁ ପ୍ରତିଭାବାନ ଅଧିକାରୀ ଓ ଯନ୍ତ୍ରୀ ବିଭାଗରେ ଯୋଗ ଦେଇଛନ୍ତି। ତେଣୁ ଯନ୍ତ୍ରୀମାନେ ସ୍ଥାୟୀ ଓ ସୁନ୍ଦର ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ସେହିପରି ଆସନ୍ତା ୨ରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାସ୍ତାର ସ୍ଥାୟିତ୍ୱ ଓ ମରାମତି ସହ ଯେଉଁ ସଂସ୍ଥା ଓ ବିଭାଗମାନେ ରାସ୍ତା ବ୍ୟବହାର କରୁଛନ୍ତି, ସେଥିନେଇ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବ ବୋଲି ମନ୍ତ୍ରୀ ସୂଚନା ଦେବା ସହ ସମ୍ପୃକ୍ତ ଯନ୍ତ୍ରୀମାନେ ଆସନ୍ତା ଦୁଇ ଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବାକୁ କହିଛନ୍ତି।

ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି ଯେ ଅନେକ ସମୟରେ ବିଭିନ୍ନ ସଂସ୍ଥା ବିନାନୁମତିରେ ପାଇପ୍ ବିଛାଇବା, ଇଲେକ୍‌ଟ୍ରିକ୍ ଲାଇନ୍ ପକାଇବା ଅବା ଅନ୍ୟ ୟୁଟିଲିଟି କରିଡର ନାମରେ ଭଲ ଥିବା ରାସ୍ତାକୁ ଖୋଳି ପକାଉଛନ୍ତି। ଏହାଦ୍ୱାରା ରାସ୍ତା ଖରାପ ହେଉଛି। ସେହିପରି ବିଏମ୍‌ସି, ଇଡ୍‌କୋ, ଓପିଟିସିଏଲ୍, ୱାଟ୍‌କୋର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା-ଡ୍ରେନ୍ ଖରାପ ହେଉଛି। ତେଣୁ ରାସ୍ତାର ମରାମତି, ସ୍ଥାୟିତ୍ୱ ଓ କ୍ଷତି ଭରଣା ପାଇଁ କ'ଣ କରାଯିବ, ସେନେଇ ଆଲୋଚନା ହୋଇଛି। ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ସିଏମ୍‌ସି କମିଶନର କିରନ୍‌ଦୀପ୍ କୌର ସହୋତା, ନଗର ଉନ୍ନୟନ ବିଭାଗ ମ୍ୟୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ, ବରିଷ୍ଠ ରାଜନେତା ନୟନ କିଶୋର ମହାନ୍ତି ଓ ଜଗନ୍ନାଥ ପ୍ରଧାନ, ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଏଲ୍‌କେ ପାଢ଼ୀ, ଇଆଇସି (ସିଭିଲ୍) ସତ୍ୟବ୍ରତ ବେହେରା, ମୁଖ୍ୟଯନ୍ତ୍ରୀ (ରାସ୍ତା-୧) ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ (ରାସ୍ତା-୨) ଶିବବ୍ରତ ତରିଆ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ (ଭୁବନେଶ୍ୱର) ମନୋଜ ମହାନନ୍ଦଙ୍କ ସମେତ ବିଭାଗର ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଆମ ଭାଷା ଆମ ପରିଚୟ ଓ ଗର୍ବ

# ଲିଟେରାରୀ ଫେଷ୍ଟିଭାଲରେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ) : ଭାଷା ମାନବ ସଭ୍ୟତାର ପ୍ରାଣକେନ୍ଦ୍ର । ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ଭାରତୀୟ ଆର୍ଯ୍ୟ ଭାଷା ଶାଖାର ଏକ ବଳିଷ୍ଠ ସୁଦୂରପ୍ରସାରୀ ପ୍ରାଚୀନ ଭାଷା ହେଉଛି ଓଡ଼ିଆ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ବେଳର ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପି, ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ବୌଦ୍ଧପୀଠର ବିଭିନ୍ନ ଉପାଦାନ, ବହୁ ପ୍ରାଚୀନ ଅଭିଲେଖ, ତାମ୍ରଫଳକ, ଅନୁଶାସନ, ପୁରୁଣା ପୋଥି ଓ ବିଭିନ୍ନ ତାଳପତ୍ର ଖେଦାରୁ ଆମ ଓଡ଼ିଆ ଭାଷା କେତେ ପୁରୁଣା ତାହା ପ୍ରମାଣିତ ହୋଇଛି ବୋଲି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ ପକ୍ଷରୁ ଏହି ଲିଟରାରୀ ଫେଷ୍ଟିଭାଲରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

୨୦୧୪ ମସିହାରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଅର୍ଜନ କରିବା ଫଳରେ ଆମ ଭାଷାର ପ୍ରାଚୀନତା ପ୍ରମାଣିତ ହୋଇସାରିଛି । ପ୍ରାୟ ତିନି ହଜାର ବର୍ଷର ଐତିହାସିକତା ଉପରେ ପ୍ରତିଷ୍ଠିତ ଓଡ଼ିଆ ଭାଷାର ଲିପି ବ୍ରାହ୍ମୀଲିପିରୁ ତା'ର ଅସ୍ତିତ୍ୱ ଅର୍ଜନ କରିଛି। ଆମ ଓଡ଼ିଆ ଭାଷା ମଧ୍ୟ ବିଭିନ୍ନ ଆଞ୍ଚଳିକ ଭାଷା ଓ ଜନଜାତିଙ୍କ ଭାଷା ଦ୍ୱାରା ବହୁଭାବରେ ଉପକୃତ, ଉତ୍ସାହିତ ଓ ସମୃଦ୍ଧ ହୋଇଛି। ତେଣୁ, ଓଡ଼ିଆ ଭାଷାର ବ୍ୟାପକ ପ୍ରଚଳନ, ଓଡ଼ିଆ ଭାଷାର ସମୃଦ୍ଧି ଓ ସଂରକ୍ଷଣ ସକାଶେ ସବୁ ମହଲରେ ଉଦ୍ୟମ ଜାରି ରହିଛି । ଓଡ଼ିଆ ଭାଷାକୁ ଜ୍ଞାନଭଣ୍ଡାରର ଭାଷା ଭାବରେ ବ୍ୟବହାର କରିବା ଦିଗରେ ସବୁପ୍ରକାର ପ୍ରଚେଷ୍ଟା ଚାଲିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ, କେନ୍ଦ୍ର ସରକାର ବିଭିନ୍ନ ପାଠ୍ୟପୁସ୍ତକ, ଏପରିକି ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୃତ୍ତିଗତ ବିଦ୍ୟାର ଅଧ୍ୟୟନ ନିମନ୍ତେ ଆବଶ୍ୟକ ପାଠ୍ୟପୁସ୍ତକକୁ ଓଡ଼ିଆ ଭାଷାରେ ପ୍ରକାଶ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ସେ କହିଛନ୍ତି । ସେହିପରି ଆମ ଓଡ଼ିଶାରେ ବୌଦ୍ଧ ଧର୍ମ, ଶୈବ ଧର୍ମ ବିକାଶ ଲାଭ କରିବାବେଳକୁ ବହୁ ପ୍ରାଚୀନ ରଚନା ସଂକଳିତ ହୋଇଥିଲା। ବିଭିନ୍ନ ବ୍ରତକଥା, ଚଉତିଶା, କୋଇଲି ଗୀତ ରଚନା ସାଙ୍ଗକୁ ମାଦଳା ପାଞ୍ଜି ଆମ ସାହିତ୍ୟ ଓ ଭାଷାର ଅଗ୍ରଗତି ପଥକୁ ସୂଚିତ କରୁଛି । କିନ୍ତୁ, ଶୁଦ୍ରମୁନୀ ସାରଳା ଦାସଙ୍କ ଓଡ଼ିଆ ମହାଭାରତ ଓ ଚଣ୍ଡୀପୁରାଣ ଆଦି ରଚନା ଯୋଗୁଁ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ଦୃଢ଼ ହୋଇଛି। ଓଡ଼ିଶାରେ ସାଂସ୍କୃତିକ ଜୀବନଧାରାରେ ଓ ବିଦେଶୀ ଶିକ୍ଷା ପ୍ରଭାବରେ ଆରମ୍ଭ ହୋଇଥିବା ନବଜାଗରଣ, ଛାପାଖାନା ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନର ଆରମ୍ଭ ବେଳକୁ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ' ବୋଲି କହୁଥିବା ଲୋକମାନଙ୍କୁ ଭୁଲ ପ୍ରମାଣିତ କରି ଓଡ଼ିଆ ଭାଷାର ସାହିତ୍ୟରଥୀମାନେ ଭାଷା-ସାହିତ୍ୟର ଉନ୍ନତି ପାଇଁ ଯେଉଁ ଅବଦାନ ପ୍ରକଟ କରିଥିଲେ ତାହା ଅତୁଳନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜାତୀୟ ପାଠ୍ୟକ୍ରମ ଢାଞ୍ଚା ବା ଏନ୍.ସି.ଏଫ୍ ଆଧାରରେ ଓଡ଼ିଶାରେ ଆମେ ଷ୍ଟେଟ୍ କରିକୁଲମ୍ ଫ୍ରେମୱାର୍କ ବା "ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା" ଆରମ୍ଭ କରୁଛୁ। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ପାଇଁ ସରକାର ପ୍ରଚେଷ୍ଟା କରୁଛନ୍ତି। ଏହି କ୍ରମରେ ପ୍ରଥମେ ସାନ୍ତାଳି ଭାଷାରେ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରସ୍ତୁତି କରିଛନ୍ତି।

# ବନ୍ଦ ହେଲା ହୀରାକୁଦ ଡ୍ୟାମର ୪ ଗେଟ



ସମ୍ବଲପୁର,୬।୯(ସଂଚାର ବ୍ୟୁରୋ): ଧୀରେ ଧୀରେ କମୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର। ତେଣୁ ଆଜି ଉକ୍ତ ଡ୍ୟାମର ୪ଟି ଗେଟ୍‌କୁ ବନ୍ଦ କରାଯାଇଛି। ଫଳତଃ ଏବେ ୨୦ଟି ଗେଟ ଦେଇ ଜଳଭଣ୍ଡାରୁ ବନ୍ୟା ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ସମ୍ବଲପୁର -ସୁବର୍ଣ୍ଣପୁର ରାସ୍ତାରେ ୩ ଫୁଟର ପାଣି। ବୁଡ଼ିଲା ସମ୍ବଲପୁର ଗୁଣ୍ଡେରପୁର ବ୍ରିଜ। ସମ୍ବଲପୁର ସୁବର୍ଣ୍ଣପୁର ଓ ବୌଦ୍ଧ ମୁଖ୍ୟ ରାସ୍ତାରେ ମାଡୁଛି ମହାନଦୀ ପାଣି। ଫଳରେ ବିଭିନ୍ନ ସ୍ଥାନକୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ହୀରାକୁଦର ୨୦ଟି ଗେଟ୍ ଖୋଲିବା ପରେ ଅନେକ ତଳିଆ ଅଞ୍ଚଳରେ ପାଣି ପଶିଛି। ସମ୍ବଲପୁର ଜିଲ୍ଲା ମାଳତୀ ଗୁଣ୍ଡେରପୁର ବ୍ରିଜରେ ୩ ଫୁଟ ଉଚ୍ଚର ପାଣି ଚାଲିଛି। ସେହିପରି ଉପର ମୁଣ୍ଡରେ ଯଦି ଅଧିକ ବର୍ଷା ହୁଏ, ତା'ହେଲେ ଅଧିକ ଗେଟ୍ ଖୋଲିବ। ଆଉ ଗୁଣ୍ଡେରପୁର ଭଳି ବିଭିନ୍ନ ଅଞ୍ଚଳରେ ପାଣି ମାଡ଼ିଯିବାର ଆଶଙ୍କା ରହିଛି।

# ଅକ୍ଟୋବର ୬କୁ ଘୁଞ୍ଚିଲା ସିପିଏସ୍‌ଇ

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): କମ୍ବାଇଣ୍ଡ ପୋଲିସ ସର୍ଭିସ ଏକଜିମିନେଶନ (ସିପିଏସ୍‌ଇ) ୨୦୨୪ର ତୃତୀୟ ପେପର ପରୀକ୍ଷା ଘୁଞ୍ଚିଲା। ଆସନ୍ତା ମାସ ୪ର ତୃତୀୟ ପେପର ପରୀକ୍ଷା ଅକ୍ଟୋବର ୬କୁ ଘୁଞ୍ଚିଛି। ତୃତୀୟ ପେପର ଫିଜିକ୍ସ, କେମିଷ୍ଟ୍ରି ପରୀକ୍ଷା ଅକ୍ଟୋବର ୬ରେ ହେବ। ଅକ୍ଟୋବର ୬ ତାରିଖ ଦିନ ୧୦ଟାରୁ ଅପରାହ୍ନ ୧ଟା ଭିତରେ ହେବ। ପୂଜା ଭସାଣିକୁ ଦୃଷ୍ଟିରେ ରଖି ପରୀକ୍ଷା ସୂଚୀ ପରିବର୍ତ୍ତନ ନେଇ ଓପିଆର୍‌ବି ସୂଚନା ଦେଇଛି। ମାତ୍ର ଅକ୍ଟୋବର ୫ର ଦୁଇଟି ପେପର ପରୀକ୍ଷା ପୂର୍ବ ସୂଚୀରେ ହେବ ବୋଲି ବିଜ୍ଞପ୍ତି ଜାରି ହୋଇଛି।

ମାଣ୍ଡିଆ ଦିବସ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

# 'କୃଷି ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ' ଥିମ୍



ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ମାଣ୍ଡିଆ ଦିବସ ପାଳନ କରୁଥିବା ବେଳେ ସବୁ ବର୍ଷ ପରି ଚଳିତ ବର୍ଷ ମଧ ଏହା ଆସନ୍ତା ନଭେମ୍ବର ୧୦ ତାରିଖରେ ପାଳିତ ହେବ। ଚଳିତ ବର୍ଷ ମଧ ନଭେମ୍ବର ୧୦ ଓ ୧୧ରେ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଚଳିତ ବର୍ଷର ମାଣ୍ଡିଆ ଦିବସରେ 'କୃଷି ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ' ଥିମ୍ ରହିଛି। ପୂର୍ବବର୍ଷ ଭଳି ବିଭିନ୍ନ ସେସନ୍ ବିଶିଷ୍ଟ ଗବେଷକ/ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହେବ। ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ମାଣ୍ଡିଆ, ସୁଆଁ, କାଙ୍ଗୁ ଓ ବିସ୍ମୃତପ୍ରାୟ ଖାଦ୍ୟାନ୍ନର ଉତ୍ପାଦନ, ବ୍ୟବହାର ଓ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଏକ ଉଦାହରଣ ସାଜିଛି। ନିକଟରେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ରାଜ୍ୟରୁ ମାଣ୍ଡିଆ ଅନ୍ୟ ରାଜ୍ୟକୁ ପ୍ରେରଣ କରିଛି ଓ ପର୍ଯ୍ୟାୟ କ୍ରମେ ମୋଟ ୪୦ ହଜାର ମେଟ୍ରିକ ଟନ ମାଣ୍ଡିଆ କେବଳ ଓଡ଼ିଶାରୁ ନେବା ପାଇଁ ଯୋଜନା ରହିଛି। ଏଥରର ମାଣ୍ଡିଆ ଦିବସ ସମାବେଶରେ ୪୦୦ରୁ ଅଧିକ ଚାଷୀ, ଏମଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷା ଡ଼ ସୌମ୍ୟା ସ୍ୱାମୀନାଥନ, ୟୁନାଇଟେଡ୍ ନେସନ୍ସର ଫୁଡ୍ ଏଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନରୁ ବୈଜ୍ଞାନିକ, ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଆଇସିଏଆର, ଆଇସିଏଆର-ସିଆଇଡବ୍ଲ୍ୟୁଏରୁ ମହିଳା ବୈଜ୍ଞାନିକ, ଦେଶବିଦେଶରୁ ବହୁ ଖ୍ୟାତନାମା ବୈଜ୍ଞାନିକ ତଥା ଅଧିକାରୀ ପ୍ରମୁଖ ଯୋଗଦେବେ। ପ୍ରସ୍ତୁତି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥାର ସୂଚନା ପ୍ରଦାନ କରିଥିଲେ। କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ନିଜ ନିଜର ସୁଚିନ୍ତିତ ପରାମର୍ଶ ଦେଇଥିଲେ।

# ବିଧାନସଭାର ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ



ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାର ୪ ନମ୍ବର ୟୁନିଟ୍‌ସ୍ଥିତ ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଛି। ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ। ପୁରାତନ ଅତିଥି ଭବନରେ ୨୩ଟି ରୁମ୍ ଥିବାବେଳେ ଏବେ ସ୍ଥାନାଭାବର ସମସ୍ୟା ଦେଖାଦେଉଛି। ଏଥିପାଇଁ ୩ କୋଟି ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ସମ୍ପ୍ରସାରିତ ଅଟ୍ଟାଳିକାର କାର୍ଯ୍ୟ ଆରମ୍ଭ ହେବ। ଏହି ତିନି ମହଲା ବିଶିଷ୍ଟ ଅଟ୍ଟାଳିକାରେ ମୋଟ ୧୬ଟି ରୁମ୍ ନିର୍ମାଣ ହେବାକୁ ଥିବା ବେଳେ ଏହିସବୁ ବିଲ୍‌ଡିଂ ଲିଫ୍ଟ ସହ ସଂଯୁକ୍ତ ହେବ। ମୋଟ ୯ ହଜାର ବର୍ଗଫୁଟରୁ ଊର୍ଦ୍ଧ୍ୱ ନିର୍ମାଣ କାର୍ଯ୍ୟ ହେବାକୁ ଥିବା ବେଳେ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ରହିଛି। ଏହାଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ। ଅନ୍ୟ ପକ୍ଷରେ ବିଧାନସଭାର ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ ୧୮ଟି ରୁମ୍ ରହିଥିବା ବେଳେ ନୂଆ ଓ ପୁରୁଣାକୁ ମିଶାଇ ମୋଟ ରୁମ୍ ସଂଖ୍ୟା ୫୭ ହେବ।

ଏହି ଅତିଥି ଭବନ ପାଇଁ ଏବେ ଅନ୍‌ଲାଇନ୍‌ର ବୁକିଂର ସୁବିଧା କରାଯିବା ସହ ୨୪ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା ଆହୁରି ସମନ୍ୱିତ ହେବ। ଏହାଦ୍ୱାରା ଏହିସବୁ ଅତିଥି ଭବନରେ ରହଣି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏହାଦ୍ୱାରା ଭୁବନେଶ୍ୱରକୁ ଆସୁଥିବା ପୂର୍ବତନ ବିଧାୟକମାନେ ସୁବିଧାରେ ଏହି ଅତିଥି ଭବନରେ ରହିପାରିବେ। କାର୍ଯ୍ୟକ୍ରମରେ ବିଧାନସଭାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କର୍ଲାମୁଣ୍ଡାରେ ସାର ଯୋଗାଣ ସ୍ଥିତିର ନିରୀକ୍ଷଣ

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ସମ୍ପ୍ରତି କର୍ଲାମୁଣ୍ଡା ବ୍ଲକ୍‌ରେ ୟୁରିଆ ସାରର ଅଭାବ ପରିପ୍ରେକ୍ଷୀରେ ସୂଚନା ପାଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିର୍ଦ୍ଦେଶରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କଳାହାଣ୍ଡି ଘଟଣାସ୍ଥଳରେ ପହଞ୍ଚି ବଣ୍ଟନ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହି ସମୟରେ କର୍ଲାମୁଣ୍ଡା ତହସିଲଦାର, ବ୍ଲକ୍ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ଉପସ୍ଥିତ ଥିଲେ। ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାର ବଣ୍ଟନ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଜିଲ୍ଲା କୃଷି ଅଧିକାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ମାର୍କଫେଡ୍ ଜରିଆରେ ଗତ ୪ ତାରିଖରେ କର୍ଲାମୁଣ୍ଡା ପ୍ୟାକ୍ସକୁ ୩୦.୪୨ ମେଟ୍ରିକ୍ ଟନ୍, ରିସିଡା ପ୍ୟାକ୍ସକୁ ୩୦.୬୦ ମେଟ୍ରିକ୍ ଟନ୍ ଓ ଜୋରାଡବରା ପ୍ୟାକ୍ସକୁ ୩୦.୬୦ ମେଟ୍ରିକ୍ ଟନ୍ ଏହିପରି ସର୍ବମୋଟ କର୍ଲାମୁଣ୍ଡା ବ୍ଲକ୍‌କୁ ୯୧.୬୨ ମେଟ୍ରିକ୍ ଟନ୍ ୟୁରିଆ ଯୋଗାଇ ଦିଆଯାଇଛି। ଏଥିସହ ଉପସ୍ଥିତ ଥିବା ଚାଷୀଙ୍କ ତୁଳନାରେ କର୍ଲାମୁଣ୍ଡା ବ୍ଲକ୍‌ର ୩ଟି ପ୍ୟାକ୍ସରେ ଯଥେଷ୍ଟ ସାର ଗଚ୍ଛିତ ରହିଥିବା ଜଣାପଡ଼ିଛି। ସମସ୍ତ ପ୍ୟାକ୍ସକୁ



ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ ତଥା ତାଙ୍କ ଦଳ ପରିଦର୍ଶନ କରି ପରିସ୍ଥିତି ନିରୀକ୍ଷଣ କରିଛନ୍ତି। ଆବଶ୍ୟକ ସ୍ଥଳେ ଆସନ୍ତା ଦୁଇ ଦିନ ଭିତରେ ଅଧିକ ୟୁରିଆ ସାର ମାର୍କଫେଡ୍ ଜରିଆରେ ଯୋଗାଇଦେବା ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଛି। ନିରୀକ୍ଷଣରୁ ଜଣାପଡ଼ିଛି ଯେ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ଯଥେଷ୍ଟ ପରିମାଣର ସାର ମହଜୁଦ ରହିଛି। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଅଧିକ ୟୁରିଆ ସାର ଯୋଗାଇବା ନିମନ୍ତେ ବ୍ୟବସ୍ଥା କରାଯାଉଛି। ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ମିଳିତ ଉଦ୍ୟମରେ ଭବାନୀପାଟଣା, କେସିଙ୍ଗା, ଜୁନାଗଡ଼ ବ୍ଲକ୍‌ରେ ସାର କଳାବଜାରକୁ ପ୍ରତିରୋଧ କରିବା ନିମନ୍ତେ ବ୍ୟାପକ ପ୍ରବର୍ତ୍ତନ କାର୍ଯ୍ୟ ଜାରି ରହିଛି। ଗତକାଲି ଏହି ୩ଟି ବ୍ଲକରେ ୩ଟି ପାକ୍ସ ଓ ୨୦ଟି ବେସରକାରୀ ସାର ଡିଲରଙ୍କ ଦୋକାନରେ ପ୍ରବର୍ତ୍ତନ କାର୍ଯ୍ୟ କରାଯାଇ ୬ ଜଣ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାଛଡ଼ା କେସିଙ୍ଗା ବ୍ଲକରେ ଗୋଟିଏ ସାର ଡିଲରଙ୍କ ଦୋକାନକୁ ଜବତ କରାଯାଇଛି। ଚାଷୀମାନେ ଶାନ୍ତିଶୃଙ୍ଖଳାର ସହ ୟୁରିଆ ସାର ବଣ୍ଟନରେ କୃଷି ବିଭାଗର ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ସହଯୋଗ କରିବା ନିମନ୍ତେ ନିବେଦନ କରାଯାଉଛି।

# ହଷ୍ଟେଲରୁ ମିଳିଲା ଛାତ୍ରଙ୍କ ଝୁଲନ୍ତା ମୃତଦେହ

ବଲାଙ୍ଗୀର,୬।୯(ସଂଚାର ବ୍ୟୁରୋ): କଣ୍ଟାବାଞ୍ଜି ଥାନା ତୁରେକେଲା ବ୍ଲକ ହିଆଁଲ ଗାଁ ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ର ନିବାସରେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଛାତ୍ର ଜଣକ ନବମ ଶ୍ରେଣୀରେ ପଢୁଥିବା ଜଣାଯାଇଛି । କଣ୍ଟାବାଞ୍ଜି ପୋଲିସ ହଷ୍ଟେଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କ'ଣ ପାଇଁ ଏପରି ଘଟଣା ଘଟିଲା ହଷ୍ଟେଲ କର୍ତ୍ତୃପକ୍ଷ ମଧ କିଛି କହିନାହାନ୍ତି। ପୁଲିସ ହଷ୍ଟେଲରେ ଜଗି ରହିଥିବା ବେଳେ ଭିତରକୁ କାହାକୁ ଛଡ଼ାଯାଉନାହିଁ। ହଷ୍ଟେଲକୁ ସାଇଣ୍ଟିଫିକ୍ ଟିମ୍ ଆସୁଥିବା ଜଣାଯାଇଛି।

# ଖାକିବାବୁଙ୍କୁ ଧରିଲା ଭିଜିଲାନ୍ସ

● ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ



ବାଙ୍କୀ,୬।୯(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି ଜଣେ ଖାକିବାବୁ। ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଏସ୍‌ଆଇ ପ୍ରସନ୍ନ କୁମାର ମାହାଳିଙ୍କୁ ଗିରଫ କରିଛି ଭିଜିଲାନ୍ସ। ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ପୁଲିସ ବିଟ୍‌ର ଏସ୍‌ଆଇ ଶ୍ରୀ ମାହାଳି ଜଣେ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିବା ସହ ତାଙ୍କ କାର୍ଯ୍ୟାଳୟରେ ଏହି ଟଙ୍କା ନେଉଥିବା ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ମିଳିଥିବା ସୂଚନାନୁସାରେ, ବାଉଁଶପୁଟ ପଞ୍ଚାୟତ ପାଳପୁଟ ଗ୍ରାମର ଦିଲେଶ୍ୱର ମାଝୀ ତାଙ୍କ କୁକୁଡ଼ା ଫାର୍ମ ପୋଡ଼ି ଘଟଣାର ତଦନ୍ତ ଓ ବୀମା ଟଙ୍କା ପାଇବା ପାଇଁ ରିପୋର୍ଟ ନେବା ସକାଶେ ବିଟ୍ ହାଉସ ଅଧିକାରୀ ଶ୍ରୀ ମାହାଳିଙ୍କ ନିକଟକୁ ବାରମ୍ବାର ଦୌଡ଼ିଥିଲେ। ତେବେ ଏହି ରିପୋର୍ଟ ଦେବା ପାଇଁ ଶ୍ରୀ ମାହାଳିକ ଶ୍ରୀ ମାଝୀଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ। କିନ୍ତୁ ଶ୍ରୀ ମାଝୀ ଏହି ଟଙ୍କା ଦେବାକୁ ମନା କରିଥିଲେ। ପରେ ସେ ଏନେଇ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ, ଆଜି ଅପରାହ୍ନରେ କଟକ ଭିଜିଲାନ୍ସ ଡିଏସପି ସୁଶାନ୍ତ ଏକ୍କାଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଜ୍ୟୋତି ଶଙ୍କର ସାହୁ, ପ୍ରଭାସିନି ପୁହାଣ, ବିଜୟ କୁମାର ସେଠୀଙ୍କ ସମେତ ଏକ ୧୧ ଜଣିଆ ଟିମ୍ ଚଢ଼ାଉ କରି ଶ୍ରୀ ମାହାଳିଙ୍କୁ ଗିରଫ କରିଛନ୍ତି। ଏଥିସହ ତାଙ୍କ ରୁମ୍‌ରୁ ନଗଦ ୨୦ ହଜାର ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ଡିଏସପି ସୂଚନା ଦେଇଛନ୍ତି। ଏଥିସହ ଶ୍ରୀ ମାହାଳିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଶ୍ରୀ ମାହାଳିକଙ୍କ ବିରୋଧରେ ୨୭/୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ମିଳିଲା ଘରୋଇ ସହାୟିକାଙ୍କ କଙ୍କାଳ



ତଣ୍ଟି ଚିପି ହତ୍ୟା କରିଛି ପ୍ରେମିକ

ଭୁବନେଶ୍ୱର,୬।୯(ସଂଚାର ବ୍ୟୁରୋ): ୭ ମାସ ତଳେ ରାଜଧାନୀରୁ ନିଖୋଜ ହୋଇଯାଇଥିବା ଘରୋଇ ସହାୟିକା ନିରୁପମା ପରିଡ଼ା ଓରଫ ମିତା (୨୨)ଙ୍କ କଙ୍କାଳ ଖୋର୍ଦ୍ଧା ତାପଙ୍ଗସ୍ଥିତ ପଥର ଖଣି ଭିତରୁ କମିଶନରେଟ୍ ପୁଲିସ ଜବତ କରିଛି। ତାଙ୍କ ପୁରୁଷ ବନ୍ଧୁ ତଣ୍ଟିଚିପି ହତ୍ୟା କରିବା ପରେ ସେଠାରେ ମୃତଦେହକୁ ଫିଙ୍ଗି ଦେଇଥିବା ସ୍ପଷ୍ଟ ହୋଇଛି। ଅଭିଯୁକ୍ତ ପ୍ରେମିକ ନୟାଗଡ଼ ରଣପୁରର ଦେବାଶିଷ ବିଶୋଇଙ୍କୁ ଭରତପୁର ଥାନା ପୁଲିସ ଗିରଫ କରିବା ପରେ ଘଟଣା ଉପରୁ ପରଦା ହଟିଛି। ତା'ଠାରୁ ସୂଚନା ପାଇବା ପରେ ସାଇଣ୍ଟିଫିକ୍ ଟିମ୍ ଓ ମିତାଙ୍କ ପରିବାର ଲୋକଙ୍କ ସହ ପୁଲିସ ପଥର ଖଣିର ଏକ ବୁଦାମୂଳରୁ ତାଙ୍କ କଙ୍କାଳ ଠାବ କରିଥିଲା। ତେବେ ହତ୍ୟା ପରେ ଅଭିଯୁକ୍ତ ଦେବାଶିଷ ମୃତଦେହରେ ପଥର ବାନ୍ଧି ଲତା ଗୁଡ଼ାଇ ବୁଦା ମୂଳକୁ ଫିଙ୍ଗିଦେଇଥିଲା। ପୁଲିସ ଜବତ କରିଥିବା କଙ୍କାଳକୁ ବ୍ୟବଚ୍ଛେଦ ପାଇଁ ଏମ୍‌ସ ପଠାଇଛି। ଏନେଇ ଭରତପୁର ଥାନାରେ ଏକ ହତ୍ୟା ମାମଲା (ନଂ.୫୨୭/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତ ଦେବାଶିଷଙ୍କୁ ଅଧିକ ଜେରା ଚାଲିଛି। ପ୍ରେମ ସମ୍ପର୍କ ଭିତରେ କୁହୁଳୁଥିବା ସନ୍ଦେହ ତାଙ୍କୁ ନୃଶଂସ ସଜାଇ ଦେଇଥିଲା। ତେବେ ଏହି ମାମଲାରେ ମିତାଙ୍କ ପରିବାର ଲୋକେ ପୁଲିସ୍ ବିରୋଧରେ ଦାୟିତ୍ୱହୀନତା ଓ ଦୁର୍ବଳ ତଦନ୍ତ ଅଭିଯୋଗ ଆଣିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ନିରୁପମାଙ୍କ ଘର ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ହରିପୁରରେ ହୋଇଥିଲେ ହେଁ ସେ ପାତ୍ରପଡାରେ ସମରଜିତ୍ ଜେନାଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ଗତ ଜାନୁଆରୀ ୨୪ରେ ସମରଜିତ ପରିବାର ଲୋକଙ୍କ ସହ ଭଞ୍ଜନଗରସ୍ଥିତ ପୈତୃକ ଗାଁକୁ ଯାଇଥିଲେ। ପରେ ମିତା ମଧ ତାଙ୍କ ଗାଁକୁ ଯିବାକୁ ବସ୍‌ରେ ଯାଇଥିଲେ। ସେ ମା'ଙ୍କୁ କଲ୍ କରି ଜଣାଇବା ସହ ବାପାଙ୍କୁ ରଣପୁର ବସ୍‌ଷ୍ଟାଣ୍ଡକୁ ଆସିବାକୁ କହିଥିଲେ। ଅପରାହ୍ନ ୪ଟାରେ ପୁଣି କଲ୍ କରି ଖୋର୍ଦ୍ଧାରେ ପହଞ୍ଚିଣିଲି ବୋଲି କହିଥିଲେ। ହେଲେ ଏହାପରଠାରୁ ତାଙ୍କ କଲ୍ ଆସି ନ ଥିଲା କି ଫୋନ୍ ଲାଗି ନ ଥିଲା। ଏହାପରେ ପରିବାର ଲୋକେ ଘର ମାଲିକ ସମରଜିତଙ୍କୁ ଯୋଗାଯୋଗ କରି ସୂଚନା ନ ପାଇବାରୁ ଖୋଜାଖୋଜି କରି ବିଫଳ ଥିଲେ। ୨୭ ତାରିଖରେ ପରିବାର ଲୋକଙ୍କ ସହ ସମରଜିତ୍ ଭରତପୁର ଥାନାରେ ନିଖୋଜ ଏତଲା ଦେଇଥିଲେ। ପୁଲିସ ଏକ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ନଂ.୮ କରି ଚୁପ୍ ବସିଥିଲା। ପରିବାର ଲୋକେ ଥାନାରୁ ନିରାଶ ହେବା ପରେ ଜୁଲାଇ ୪ରେ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ମଧ ଥାନା ପୁଲିସ ଅଭିଯୋଗ ଶୁଣି ନ ଥିଲା ବୋଲି ନିରୁପମାଙ୍କ ବାପା ଶରତ ଅଭିଯୋଗ କରିଛନ୍ତି। ପରିବାର ଲୋକ ଦେବାଶିଷଙ୍କ ଉପରେ ସନ୍ଦେହ କରି ଜଣାଇଥିଲେ ମଧ ପୋଲିସ ଦିନ ଗଡ଼ାଇ ଚାଲିଥିଲା। ପରେ ସେମାନେ ଅନ୍‌ଲାଇନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଜଣାଇଥିଲେ। ତେବେ ତଦନ୍ତ ବେଳେ ନିରୁପମାଙ୍କ ଡେବିଟ୍ କାର୍ଡରୁ ବହୁଥର ଟଙ୍କା ଉଠାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏଥିରେ ଦେବାଶିଷଙ୍କ ହାତ ଥିବା ସନ୍ଦେହ କରି ତାଙ୍କୁ ଅଧିକ ଜେରା ପରେ ସେ ସତ ମାନିଯାଇଥିଲେ। ଦେବାଶିଷ ଭୁବନେଶ୍ୱରରେ ଇଲେକ୍ଟ୍ରିସିଆନ୍ ଭାବେ କାମ କରନ୍ତି। ତେବେ ନିରୁପମା ଅନ୍ୟ ଜଣଙ୍କ ସହ କଥା ହେଉଥିବାରୁ ସେ ତାଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସକୁ କହିଥିବା ଜଣାପଡିଛି।

# ଛିନତାଇ ଘଟଣାରେ ୨ ଗିରଫ

ପୁରୀ,୬।୯(ସଂଚାର ବ୍ୟୁରୋ): ଟାଉନ ଥାନା ଅନ୍ତର୍ଗତ ଏସସିଏସ କଲେଜ ରାସ୍ତାରେ ବ୍ୟାଟେରୀ ଅଟୋରେ ଯାଜପୁର ଜିଲ୍ଲାର ମଧୁସ୍ମିତା ସାହୁ ଯାଉଥିବା ସମୟରେ ସ୍କୁଟିରେ ଆସି ଦୁଇ ଜଣ ଯୁବକ ମହିଳାଙ୍କ ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଥିଲେ। ଏ ସମ୍ପର୍କରେ ମଧୁସ୍ମିତା ଟାଉନ ଥାନାରେ ଜଣାଇବା ପରେ ପୁଲିସ ତତକ୍ଷଣାତ ଖୋଜାଖୋଜି କରି ଉକ୍ତ ଦୁଇ ଯୁବକଙ୍କୁ କାବୁ କରିଥିଲା। ଏଥିସହ ସେମାନଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ଦୁଇ ଜଣ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ମଧୁବନର ବାଦଲ ଓରଫ ସୂର୍ଯ୍ୟନାରାୟଣ ପରିଡ଼ା (୨୧) ଓ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବଡ ସାହିର ବିଶୁ ଓରଫ ବିଶ୍ୱଜିତ ଦଳାଇ (୨୧)। ଏ ସମ୍ପର୍କରେ ଟାଉନ ଥାନାରେ ୪୨୬/୨୫ରେ ମାମଲା ରୁଜୁ କରିବା ସହ ପୁଲିସ୍ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କ ନାମରେ ପୂର୍ବରୁ କୁମ୍ଭାରପଡ଼ା ଥାନା, ତାଳବଣିଆ ଥାନା ଓ ବଳିଆପଣ୍ଡା ଥାନାରେ ବିଭିନ୍ନ ମାମଲା ରହିଛି। ସେମାନଙ୍କଠାରୁ ପୁଲିସ୍ ଗୋଟିଏ ଭ୍ୟାନିଟି ବ୍ୟାଗ, ଗୋଟିଏ ମୋବାଇ, ଏକ ହଜାର ଟଙ୍କା, ଏଟିଏମ, ଆଧାର କାର୍ଡ, ପ୍ୟାନକାର୍ଡ ଓ ସେମାନଙ୍କ ବ୍ୟବହୃତ ସ୍କୁଟି (ନଂ. ଓଡି୧୩ଏଚ ୦୨୩୪)କୁ ପୁଲିସ ଜବତ କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ମୋବାଇଲ୍‌ରେ ରାଜ୍ୟର ଆର୍ଥିକ ପ୍ଲାଟ୍‌ଫର୍ମ

**ଟିସିଏସ୍ ବିକାଶ କରିବ ଆଇଏଫ୍‌ଏମ୍‌ଏସ୍ ୩.୦**

**ଆନାଲିଟିକ୍ସ, ମେସିନ୍ ଲର୍ଣ୍ଣିଂ ବ୍ୟବହାର ହେବ**

**ଏଆଇ ୱାର୍କବେଞ୍ଚ୍ ବ୍ୟବସ୍ଥା ରହିବ**




**ଭୁବନେଶ୍ୱର, ୬।୯(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ଲାଟ୍‌ଫର୍ମ 'ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ୍ ସିଷ୍ଟମ୍ (ଆଇଏଫ୍‌ଏମ୍‌ଏସ୍)ର ତୃତୀୟ ପିଢ଼ିକୁ ଅଗ୍ରଣୀ ଆଇଟି କମ୍ପାନି ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ବିକାଶ କରିବ। ଏଥିପାଇଁ କମ୍ପାନି ରାଜ୍ୟ ସରକାରଙ୍କ ସହ ସହଯୋଗିତା କରିଛି। ଏହି ପ୍ଲାଟଫର୍ମର ତୃତୀୟ ପିଢ଼ିର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସେଥିରେ ଆନାଲିଟିକ୍ସ ଓ ମେସିନ୍ ଲର୍ଣ୍ଣିଂ (ଏମ୍‌ଏଲ୍) ଭଳି ପ୍ରଯୁକ୍ତି ବ୍ୟବହାର କରାଯିବ ଯାହା ନିଷ୍ପତ୍ତି ନେବା ଓ ପରିଚାଳନା ପ୍ରକ୍ରିୟାରେ ପାରଦର୍ଶିତା ଆଣିବ। ଏଥିରେ ଏକ ବହୁଭାଷୀ ଚାଟ୍‌ବଟ୍ ରହିବ ଯାହା ବ୍ୟବହାରକାରୀଙ୍କ ଅନୁଭୂତି ବଢ଼ାଇବ। ଏହାର ଅନ୍ୟତମ ବଡ଼ ଗୁଣ ହେଉଛି ଆଇଏଫ୍‌ଏମ୍‌ଏସ୍ ୩.୦କୁ ମୋବାଇଲ୍‌ରେ ମଧ୍ୟ ହାସଲ କରାଯାଇପାରିବ। ତେଣୁ ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ମୋବାଇଲ୍‌ରେ ଆର୍ଥିକ ପରିଚାଳନା ସମ୍ଭବ ହୋଇପାରିବ। ଆଇଏଫ୍‌ଏମ୍‌ଏସ୍ ୩.୦ରେ ଟିସିଏସ୍ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଶକ୍ତି ଥିବା ଏଆଇ ୱାର୍କବେଞ୍ଚ୍ କାର୍ଯ୍ୟକାରୀ କରାଯିବ। ସରକାରଙ୍କ ଏଆଇ ଓ ଏମ୍‌ଏଲ୍ ପ୍ରକଳ୍ପଗୁଡ଼ିକୁ ସହାୟତା ଦେବା ଲାଗି ଏହି ଓପନ୍ ସୋର୍ସ ସମାଧାନକୁ ପ୍ରସ୍ତୁତ କରାଯାଉଛି। ସେଥିରେ ମଡେଲ୍ ବିକାଶ, ନିରୀକ୍ଷଣ ଓ ବଜାୟ ରଖିବା ଭଳି ସୁବିଧା ରହିବ। ଆଇଏଫ୍‌ଏମ୍‌ଏସ୍‌ର ନୂତନ ପିଢ଼ି ଅର୍ଥ ବିଭାଗକୁ ବଜେଟ୍ ପ୍ରସ୍ତୁତି, ବ୍ୟୟ-ରାଜସ୍ୱ-ହିସାବ ଖାତା ପରିଚାଳନାରେ ସହାୟତା ପ୍ରଦାନ କରିବା ସହିତ ଆର୍ଥିକ ପ୍ରକ୍ରିୟାକୁ ସଂଗଠିତ କରିବ ଏବଂ ବାସ୍ତବ ସମୟରେ ଆର୍ଥିକ ସ୍ଥିତିର ନିରୀକ୍ଷଣ ଏବଂ ରିପୋର୍ଟ କରିବା ସକ୍ଷମ କରିବ। ପ୍ରଯୁକ୍ତି ଜରିଆରେ ଶାସନ ବ୍ୟବସ୍ଥାକୁ ଉନ୍ନତ କରିବା ଲାଗି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ଆଇଏଫ୍‌ଏମ୍‌ଏସ୍‌ର ତୃତୀୟ ପିଢ଼ିରେ ୟୁଜର୍ ଇଣ୍ଟରଫେସ୍‌କୁ ଉନ୍ନତ କରାଯିବ। ବିଭିନ୍ନ ବିଭାଗ ତଥ୍ୟକୁ ଯେଭଳି ବାସ୍ତବ ସମୟରେ ଦେଖିପାରିବେ, ସେଥିପାଇଁ ବ୍ୟବସ୍ଥା କରାଯିବ। ଏହା ଏଭଳି ରିପୋର୍ଟ ପ୍ରସ୍ତୁତ କରିବ ଯେଉଁଥିରେ ବିଶ୍ଳେଷଣ, ବ୍ୟାଖ୍ୟା ଆଦି ରହିବ। ତଥ୍ୟର ସୁରକ୍ଷା ଲାଗି ମଧ୍ୟ ଦୃଢ଼ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।

୨୦୦୫ଠାରୁ ଟିସିଏସ୍ ଓଡ଼ିଶା ସରକାରଙ୍କ ସହ ମିଶି କାମ କରୁଛି। ଟ୍ରେଜେରି ପରିଚାଳନା ବ୍ୟବସ୍ଥାରୁ ସେହି ସହଯୋଗିତା ଆରମ୍ଭ ହୋଇଥିଲା ଯାହା ଏବେ ଆଇଏଫ୍‌ଏମ୍‌ଏସ୍ ୩.୦ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆଇଏଫ୍‌ଏମ୍‌ଏସ୍ ୩.୦ ଓଡ଼ିଶା ସରକାରଙ୍କୁ ନାଗରିକମାନଙ୍କ ପାଖରେ ଅଧିକ ପ୍ରଭାବଶାଳୀ ସେବା ପହଞ୍ଚାଇବାରେ ସକ୍ଷମ କରିବ ବୋଲି ଟିସିଏସ୍‌ର ସଭାପତି (ଗ୍ରୋଥ୍ ମାର୍କେଟ୍‌ସ ଆଣ୍ଡ୍ ପବ୍ଲିକ୍ ସର୍ଭିସେସ୍) ଗିରିଶ ରାମଚନ୍ଦ୍ରନ କହିଛନ୍ତି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୮,୪୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୯,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୮,୪୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୯,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୮,୪୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୮ ହଜାର ୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୯,୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୯,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୦,୦୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୦୮,୪୯୦ ଓ ୯୯ ହଜାର ୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୮,୦୦୦ ଟଙ୍କା ହୋଇଛି।

# ଆଜି ବନ୍ଦ ରହିବ ଏସ୍‌ବିଆଇ ବ୍ୟାଙ୍କିଂ ସେବା ସହିତ ଅନ୍ୟ ସେବା




**ଏସବିଆଇ ଗ୍ରାହକଙ୍କ ପାଇଁ ଜରୁରୀ ସୂଚନା**

ନୂଆଦିଲ୍ଲୀ, ୬।୯: ଦେଶର ସବୁଠାରୁ ବଡ଼ ସରକାରୀ ବ୍ୟାଙ୍କ ଏସବିଆଇ ପକ୍ଷରୁ ଗ୍ରାହକଙ୍କ ପାଇଁ ଜରୁରୀ ସୂଚନା ଜାରି କରାଯାଇଛି। ଏ ସପ୍ତାହରେ ବ୍ୟାଙ୍କର ସମସ୍ତ ଡିଜିଟାଲ ସେବା ବନ୍ଦ ରହିବ। ଇଣ୍ଟରନେଟ୍ ବ୍ୟାଙ୍କିଂ, ରିଟେଲ୍, ମର୍ଚାଣ୍ଟ, ଯୋନୋଲାଇଟ୍ ସିଆଇଏନବି, ଯୋନୋ ବିଜନେସ୍, ଯୋନୋ ମୋବାଇଲ ଆପ ମଧ କାମ କରିବନି। ବ୍ୟାଙ୍କ ନିଜର ଅଫିସିଆଲ ୱେବସାଇଟରେ ଦେଇଥିବା ସୂଚନା ମୁତାବକ, ଆସନ୍ତାକାଲି ୭ ତାରିଖ ରାତି ୧ଟା ୨୦ରୁ ୨ଟା ୨୦ ପର୍ଯ୍ୟନ୍ତ ପ୍ରାୟ ୧ ଘଣ୍ଟା ସମସ୍ତ ଡିଜିଟାଲ ସେବା ବନ୍ଦ ରହିବ। ତେଣୁ ଏଥିପାଇଁ କୌଣସି ସେବା କାମ କରିବ ନାହିଁ। ସେବା ବନ୍ଦ ନେଇ ଗ୍ରାହକମାନେ ଭୋଗିବାକୁ ଥିବା ଅସୁବିଧାରୁ ବଞ୍ଚିତ କରିବା ପାଇଁ ବ୍ୟାଙ୍କ ପକ୍ଷରୁ ଆଗୁଆ ସୂଚନା ଦିଆଯାଇଥିବା କୁହାଯାଇଛି। ଡିଜିଟାଲ ସେବାକୁ ଛାଡ଼ିଦେଲେ ଅନ୍ୟ ବ୍ୟାଙ୍କ ସମ୍ବନ୍ଧୀୟ କାମ ହୋଇପାରିବ। ତେବେ ବ୍ୟାଙ୍କର ସେବା ସେ ସମୟରେ ବନ୍ଦ ରହିବ, ଯେଉଁ ସମୟରେ କମ୍ ଗ୍ରାହକ ଏହାର ବ୍ୟବହାର କରନ୍ତି। ଯଦି ଆପଣ ବିଳମ୍ବିତ ରାତିରେ ଅନଲାଇନ ବ୍ୟାଙ୍କିଂ ସେବା ବ୍ୟବହାର କରୁଛନ୍ତି, ତେବେ ଆପଣ ପୂର୍ବରୁ ପ୍ରସ୍ତୁତ ରଖନ୍ତୁ।

# ରୋକ୍‌ଠୋକ୍ ଶୁଣାଇଲେ ନିର୍ମଳା: ରୁଷିଆରୁ ତେଲ କିଣା ଜାରି ରହିବ




ନୂଆଦିଲ୍ଲୀ,୬।୯: ରୁଷିଆରୁ ତେଲ ନ କିଣିବା ପାଇଁ ଆମେରିକା ଭାରତ ଉପରେ ଲଗାତର ଚାପ ପକାଉଛି। ଏଥିପାଇଁ ଭାରତୀୟ ସାମଗ୍ରୀ ଉପରେ ଜରିମାନା ସ୍ୱରୂପ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ମଧ୍ୟ ଲଗାଯାଇଥିଲା। ଏହା ସହିତ ଭାରତ ଉପରେ ଶୁଳ୍କ ଏବେ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ଏସବୁ ମଧ୍ୟରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଏକ ବଡ଼ ବୟାନ ଆସିଛି। ସେ କହିଛନ୍ତି ଯେ, ଭାରତ ରୁଷିଆରୁ ଅଶୋଧିତ ତେଲ କିଣିବା ଜାରି ରଖିବ। ସେ ଏହା ମଧ୍ୟ କହିଛନ୍ତି ଯେ, ଶକ୍ତି ସମ୍ପର୍କରେ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଜାତୀୟ ସ୍ୱାର୍ଥ ଉପରେ ଆଧାରିତ। ଆମେ କ'ଣ କରିବୁ ନ କରିବୁ ସେ ନିଷ୍ପତ୍ତି ଆମର ବୋଲି ଅର୍ଥମନ୍ତ୍ରୀ ସିଧାସିଧା ପରୋକ୍ଷରେ ଟ୍ରମ୍ପଙ୍କୁ ଶୁଣାଇ ଦେଇଛନ୍ତି। ସେ କହିଛନ୍ତି, ଭାରତ ରୁଷିଆଠାରୁ ତେଲ କିଣିବା ଜାରି ରଖିବ। ଆମକୁ ଆମର ଆବଶ୍ୟକତା ଅନୁସାରେ କେଉଁଠାରୁ ତେଲ କିଣିବା ନିଷ୍ପତ୍ତି ନେବାକୁ ପଡ଼ିବ। ଏହି ନିଷ୍ପତ୍ତି ଦେଶର ସ୍ୱାର୍ଥ ଆଧାରରେ ନିଆଯିବ। ସେ ଆହୁରି ମଧ୍ୟ କହିଛନ୍ତି, 'ରୁଷିଆଠାରୁ ତେଲ କିଣିବା ବିଷୟରେ ହେଉ କିମ୍ବା ଅନ୍ୟ କିଛି... ଆମେ ଦର, ଲଜିଷ୍ଟିକ୍ସ ଏବଂ ଅନ୍ୟାନ୍ୟ ଅନେକ ବିଷୟରେ ଆମର ଆବଶ୍ୟକତା ଅନୁସାରେ ନିଷ୍ପତ୍ତି ନେବୁ। ତେଲ କିଣିବା ବିଦେଶୀ ମୁଦ୍ରା ସହିତ ଜଡିତ, ତେଣୁ ଆମେ ଆମର ସୁବିଧା ଅନୁସାରେ ନିଷ୍ପତ୍ତି ନେବୁ। ଆମେ ନିଶ୍ଚିତ ଭାବରେ ରୁଷିଆରୁ ତେଲ କିଣିବା ଜାରି ରଖିବୁ। ଅର୍ଥମନ୍ତ୍ରୀ କହିଛନ୍ତି, ଭାରତ ଅଶୋଧିତ ତେଲ ଆମଦାନୀରେ ସବୁଠାରୁ ଅଧିକ ଖର୍ଚ୍ଚ କରେ। ଅର୍ଥମନ୍ତ୍ରୀଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆଠାରୁ ତେଲ କିଣି ୟୁକ୍ରେନ ଉପରେ ରୁଷିଆ ଯୁଦ୍ଧକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି, ଆମେରିକା ଅଗଷ୍ଟ ୨୭ରୁ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା ଏବଂ ଆଗାମୀ ମାସଗୁଡ଼ିକରେ ଅତିରିକ୍ତ କଟକଣା ଲଗାଇବା ବିଷୟରେ ମଧ୍ୟ ଚେତାବନୀ ଦେଇଥିଲା।

# ଓସିପିଏଲ୍‌କୁ ୫-ତାରକା ମାନ୍ୟତା




ଭୁବନେଶ୍ୱର, ୬।୯ : କେନ୍ଦ୍ର ସରକାରଙ୍କର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା କୋଲ୍ ଆଣ୍ଡ୍ ପାୱାର୍ ଲିମିଟେଡ୍ (ଓସିପିଏଲ୍)କୁ ପଞ୍ଚ ତାରକା ମାନ୍ୟତା ପ୍ରଦାନ କରାଯାଇଛି। ଓସିପିଏଲ୍‌ର କାର୍ଯ୍ୟକୁଶଳତା, ଖଣି ସୁପରିଚାଳନା, ଶ୍ରେଷ୍ଠ ଶିଳ୍ପ ଅଭ୍ୟାସ, ଖଣି ସୁରକ୍ଷା ଏବଂ ପରିବେଶ ପ୍ରତି ଦୃଢ଼ ସମର୍ପଣର ପ୍ରତୀକ ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଲଗାତାର ଚତୁର୍ଥ ବର୍ଷ ପାଇଁ କମ୍ପାନିକୁ ଏହି ସମ୍ମାନ ମିଳିଛି। ଓସିପିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଖଣି ମୁଖ୍ୟ ପରିଚାଳକ ଏବଂ ଖଣି ବିଭାଗର ଇଞ୍ଜିନିୟର କେନ୍ଦ୍ର ଖଣିମନ୍ତ୍ରୀ ଜି କିଷାନ୍ ରେଡ୍ଡୀ ଏବଂ ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କର ସ୍ପଷ୍ଟ ନୀତି ଓ ଶକ୍ତିବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ମାର୍ଗଦର୍ଶନରେ ଓସିପିଏଲ କୋଇଲା ଏବଂ ବିଦ୍ୟୁତ୍‌କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରି ଉଚ୍ଚ ପ୍ରଶଂସିତ ହୋଇଛି। ସମ୍ପ୍ରତି ଓସିପିଏଲ ଏହାର ପ୍ରଥମ ବାଣିଜ୍ୟିକ କୋଇଲା ବ୍ଲକ୍ ଡାଙ୍ଗିରିଡିହି(ଉତ୍ତର) ସଫଳତାର ସହ ହାସଲ କରିଛି। ଓସିପିଏଲ୍ ନିର୍ଦ୍ଦେଶକ ଏବଂ ମୁଖ୍ୟ ପରିଚାଳକ ଗଗନ ବିହାରୀ ସ୍ୱାଇଁଙ୍କ ଦୃଢ଼ ନେତୃତ୍ୱରେ କମ୍ପାନି ଅନେକ ସଫଳତା ହାସଲ କରିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ରାଜ୍ୟମାନଙ୍କୁ ମନାଇବାକୁ ୬ ମାସ ଲାଗିଥିଲା

ନୂଆଦିଲ୍ଲୀ, ୬।୯: ନିକଟରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ଦୁଇଦିନିଆ ବୈଠକରେ ଐତିହାସିକ ନିଷ୍ପତ୍ତିକ୍ରମେ ଜିଏସ୍‌ଟି ହାର ହ୍ରାସ କରାଯାଇଥିଲା। ୧୨ ପ୍ରତିଶତ ଓ ୨୮ ପ୍ରତିଶତ ସ୍ଲାବ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଇଥିଲା। ୫% ଓ ୧୮% ସ୍ଲାବ୍‌କୁ ରଖାଯିବା ସହିତ ୪୦ ପ୍ରତିଶତର ନୂଆ ସ୍ଲାବ୍ ଲାଗୁ କରାଯାଇଥିଲା। କିନ୍ତୁ ସଫଳତା ସେହି ଦୁଇଦିନରେ ମିଳିନଥିଲା। ସେଥିପାଇଁ କେନ୍ଦ୍ର ସରକାର ଛଅ ମାସ ତଳୁ କାମ ଆରମ୍ଭ କରିଥିଲେ। ସବୁଠୁ ବଡ଼ କାମ ଥିଲା ଅଣ ଏନ୍‌ଡିଏ ଶାସିତ ରାଜ୍ୟମାନଙ୍କୁ ମନାଇବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ପଷ୍ଟ ବାର୍ତ୍ତା ଥିଲା ରାଜ୍ୟମାନଙ୍କ ସ୍ୱାର୍ଥର ସମ୍ପୂର୍ଣ୍ଣ ସୁରକ୍ଷା କରାଯିବ ବୋଲି ସେମାନଙ୍କୁ ବିଶ୍ୱାସ ଦେବା। ମଧବିତ୍ତଙ୍କୁ ଆଶ୍ୱସ୍ତି ଦେବା ଜରୁରୀ। ଏକଥା ରାଜ୍ୟମାନଙ୍କୁ ବୁଝାଇବାରେ କେନ୍ଦ୍ର ସରକାର ସଫଳ ହୋଇଥିଲେ।

# ନିମିଷକେ ଉଠାଇପାରିବେ ପିଏଫ୍ ଟଙ୍କା




ନୂଆଦିଲ୍ଲୀ,୬।୯: ପ୍ରାୟ ପ୍ରତ୍ୟେକ ଚାକିରି କରିଥିବା ବ୍ୟକ୍ତିଙ୍କର ଏକ ପିଏଫ୍‌ଆକାଉଣ୍ଟ ଥାଏ। ଏଥିରୁ ଟଙ୍କା ଉଠାଇବା ପାଇଁ, ଅନଲାଇନରେ ଦାବି କରିବାକୁ ପଡ଼େ ଏବଂ ଦାବି ମଞ୍ଜୁର ହେବା ପରେ, ଆକାଉଣ୍ଟରେ ଟଙ୍କା ଆସିବାକୁ କିଛି ଦିନ ଲାଗେ। ବର୍ତ୍ତମାନ ଏହି ପ୍ରକ୍ରିୟାକୁ ସହଜ ଏବଂ ଦ୍ରୁତ କରିବା ପାଇଁ ପ୍ରସ୍ତୁତି କରାଯାଉଛି। ନିୟମ ପରିବର୍ତ୍ତନ ହେବା ପରେ, ପିଏଫ୍‌ରୁ ଟଙ୍କା ଉଠାଇବା ପୂର୍ବ ଅପେକ୍ଷା ବହୁତ ସହଜ ହୋଇଯିବ ଏବଂ କର୍ମଚାରୀମାନଙ୍କୁ ଶୀଘ୍ର ଆଶ୍ୱସ୍ତି ମିଳିବ। ଦେଶର କୋଟି କୋଟି କର୍ମଚାରୀଙ୍କ ପାଇଁ ପିଏଫ୍‌ଆକାଉଣ୍ଟରୁ ଉଠାଇବା ଏବେ ସହଜ ହେବ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ବର୍ଷ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଅର୍ଥାତ୍ ଇପିଏଫ୍‌ଓ ଖୁବ ଶୀଘ୍ର ୩.୦ ପ୍ଲାଟଫର୍ମ ଆରମ୍ଭ କରିବାକୁ ଯାଉଛି। ବର୍ତ୍ତମାନ, କର୍ମଚାରୀମାନେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ଅନଲାଇନରେ ଦାବି ପ୍ରକ୍ରିୟାକରଣ କରନ୍ତି। କିନ୍ତୁ ଏଥିରେ ସମୟ ଲାଗେ। ନୂତନ ସୁବିଧା ପରେ, ଆପଣ ୟୁପିଆଇ ଏବଂ ଏଟିଏମ୍ ମାଧ୍ୟମରେ କିଛି ମିନିଟ ମଧ୍ୟରେ ଟଙ୍କା ଉଠାଇପାରିବେ। ଏହା ପ୍ରାୟ ୮ କୋଟି ଆକାଉଣ୍ଟଧାରୀଙ୍କୁ ସିଧାସଳଖ ଲାଭ ଦେବ। କେବଳ ଟଙ୍କା ଉଠାଣ ନୁହେଁ ବରଂ ବିବରଣୀ ଅପଡେଟ କରିବା ଏବଂ ଦାବି ପ୍ରକ୍ରିୟା ମଧ୍ୟ ପୂର୍ବ ଅପେକ୍ଷା ଦ୍ରୁତ ହେବ।

# ଭାରତ ଭୁଲ ମାଗିବ, ରାଜିନାମା କରିବ: ଆମେରିକା

ନୂଆଦିଲ୍ଲୀ, ୬।୯: ଆମେରିକା ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍ କହିଛନ୍ତି ଯେ ଖୁବ୍‌ଶୀଘ୍ର ବାଣିଜ୍ୟ ଆଲୋଚନା ପାଇଁ ଭାରତ ଆସିବ। ମାସେ କିମ୍ବା ଦୁଇ ମାସ ଭିତରେ ଭାରତ ଭୁଲ ମାଗିବ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରାଜିନାମା କରିବାକୁ ଉଦ୍ୟମ କରିବ। ତା'ପରେ ସେହି ମାମଲାକୁ କିଭଳି ମୁକାବିଲା କରାଯିବ ତାହା ରାଷ୍ଟ୍ରପତି ଟ୍ରମ୍ପ ବିଚାର କରିବେ। ଆମେ ତାଙ୍କ ଉପରେ ସବୁ କିଛି ଛାଡ଼ି ଦେଇଛୁ ବୋଲି ଲୁଟ୍‌ନିକ୍ କହିଛନ୍ତି। ରୁଷ୍‌ରୁ ଭାରତର ତେଲ କିଣାକୁ ଭୁଲ ବୋଲି ଦର୍ଶାଇ ସେ କହିଛନ୍ତି ଯେ ଭାରତକୁ ପ୍ରଥମେ ନିଷ୍ପତ୍ତି ନେବାକୁ ପଡ଼ିବ ଯେ ସେ କେଉଁ ପକ୍ଷ ସହ ରହିବାକୁ ଚାହୁଁଛି। ନିକଟରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଓ ଚୀନ୍ ପ୍ରିମିୟର୍ ସି ଜିନ୍‌ପିଙ୍ଗଙ୍କ ବନ୍ଧୁତା ସମ୍ପର୍କରେ ଲୁଟ୍‌ନିକ୍ ଏହା କହିଛନ୍ତି।

# ସାହାରା ଗ୍ରୁପ ବିରୋଧରେ ଇଡି ଆକ୍ସନ




କୋଲକାତା, ୬।୯: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସାହାରା ଇଣ୍ଡିଆ ଗ୍ରୁପ୍ ଏବଂ ଏହାର ପ୍ରତିଷ୍ଠାତା ସୁବ୍ରତୋ ରାୟଙ୍କ ପରିବାର ଏବଂ ଅଧିକାରୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମନି ଲଣ୍ଡରିଂ ମାମଲାରେ ଆଜି ଇଡି କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରାଯାଇଛି। ଏହି ଚାର୍ଜସିଟ୍ କୋଲକାତାର ପିଏମ୍‌ଏଲଏ କୋର୍ଟରେ ଉପସ୍ଥାପିତ ହୋଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଅଧିକ ରିଟର୍ଣ୍ଣ ନାମରେ କୋଟି କୋଟି ନିବେଶକଙ୍କଠାରୁ ଟଙ୍କା ନେଇ ପ୍ରାୟ ୧.୭୪ ଲକ୍ଷ କୋଟି ଟଙ୍କାର ଠକେଇ କରାଯାଇଥିଲା। ଅଭିଯୁକ୍ତମାନେ ନିବେଶକଙ୍କ ଟଙ୍କା ଫେରସ୍ତ କରି ନଥିଲେ। ଚାର୍ଜସିଟ୍‌ରେ ସୁବ୍ରତ ରାୟଙ୍କ ପତ୍ନୀ ସ୍ୱପ୍ନା, ପୁଅ ସୁଶାନ୍ତୋ ରାୟ, ଜେପି ବର୍ମା, ଅନିଲ ଆବ୍ରାହମ ଏବଂ ଅନ୍ୟମାନଙ୍କୁ ଅଭିଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି। ପଳାତକ ପୁଅ ବିରୁଦ୍ଧରେ ଜାମିନ ବିହୀନ ପରୱାନା ଜାରି କରିବାକୁ ଇଡି ପ୍ରସ୍ତୁତି ଆରମ୍ଭ କରିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଏହି ମାମଲାର ଅଭିଯୁକ୍ତ ତଥା ସୁବ୍ରତ ରାୟଙ୍କ ପୁଅ ସୁଶାନ୍ତୋ ଫେରାର ଅଛନ୍ତି। ଇଡି କହିଛି ଯେ ସେ ତଦନ୍ତରେ ଯୋଗଦେଉନାହାନ୍ତି। ବର୍ତ୍ତମାନ ଏଜେନ୍ସି କୋର୍ଟରୁ ତାଙ୍କ ବିରୁଦ୍ଧରେ ଗିରଫ ପରୱାନା (ଏନବିଡବ୍ଲୁ) ପାଇବା ପ୍ରକ୍ରିୟାରେ ଅଛି।

# ଅନିଲଙ୍କ ଋଣକୁ ଠକେଇ କହିଲା ବ୍ୟାଙ୍କ ଅଫ୍ ବରୋଦା

ନୂଆଦିଲ୍ଲୀ, ୬।୯: ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅମ୍ବାନୀ ନିଜ ଟେଲିକମ୍ କମ୍ପାନି ରିଲାଏନ୍ସ କମ୍ୟୁନିକେସନ୍ ପାଇଁ ନେଇଥିବା ଋଣକୁ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଠକେଇ ଘୋଷଣା କରାଯାଇଛି। ଏହା ହେଉଛି ତୃତୀୟ ବ୍ୟାଙ୍କ ଯାହା ତାଙ୍କ ଋଣକୁ ଠକେଇ ବର୍ଗରେ ସାମିଲ କରିଛି। ପୂର୍ବରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମାନ ଅଭିଯୋଗ କରିଥିଲେ। ଏହା ଉପରେ ମତ ରଖି କମ୍ପାନିର ଜଣେ ପ୍ରବକ୍ତା କହିଛନ୍ତି ଯେ ସଂସ୍ଥାର ଦୈନନ୍ଦିନ ପରିଚାଳନାରେ ଅନିଲ ଅମ୍ବାନୀଙ୍କ କୌଣସି ଭୂମିକା ନଥିଲା। ତାଙ୍କୁ ନିର୍ଦ୍ଦିଷ୍ଟ ଭାବେ ଟାର୍ଗେଟ୍ କରାଯାଉଛି। ୨୦୦୬ରେ ରିଲାଏନ୍ସ କମ୍ୟୁନିକେସନ୍ ଆରମ୍ଭ ହେବା ବେଳେ ଅନିଲ କମ୍ପାନିର ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ ଏବଂ ୨୦୧୯ରେ ବୋର୍ଡରୁ ଇସ୍ତଫା ଦେଇଥିଲେ। ସେ କେବେବି କମ୍ପାନିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାମ କରିନାହାନ୍ତି ବୋଲି ସେ କହିଛନ୍ତି। ଏହା ହେଉଛି ୧୨ ବର୍ଷ ପୁରୁଣା ମାମଲା ଯାହା ୨୦୧୩ରେ ଘଟିଥିଲା ବୋଲି ସେ ଜଣାଇଛନ୍ତି।

# ୫ ଦିନରେ ସୁନା ୨୫୦୦ ମହଙ୍ଗା

ଭୁବନେଶ୍ୱର, ୬।୯: ଆମେରିକା ଲଗାଇଥିବା ୫୦ ପ୍ରତିଶତ ଶୁଳ୍କକୁ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ସୁନା ମୂଲ୍ୟ ବଢ଼ିବାରେ ଲାଗିଛି। ସେପ୍ଟେମ୍ବର ମାସର ପ୍ରଥମ ପାଞ୍ଚ ଦିନରେ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦାମ୍‌ରେ ୨୫୦୦ ଟଙ୍କାରୁ ଅଧିକ ବୃଦ୍ଧି ହୋଇଛି। ୨୪ କ୍ୟାରେଟ୍ ସୁନା ସେହି ସମୟରେ ୨୭୮୦ ଟଙ୍କା ବଢ଼ିଛି। ଶୁକ୍ରବାର ୨୨ କ୍ୟାରେଟ୍ ସୁନା ଦାମ୍ ୭୦୦ ଟଙ୍କା ବୃଦ୍ଧି ପାଇ ୯୮,୬୫୦ ଟଙ୍କା ହୋଇଛି। ସେହି ସମୟରେ ୨୪ କ୍ୟାରେଟ୍ ସୁନା ୭୬୦ ଟଙ୍କା ବଢ଼ି ୧,୦୭,୬୨୦ ଟଙ୍କାରେ ପହଞ୍ଚିଛି। ରୁପା କେଜି ୧,୩୬,୦୦୦ ଟଙ୍କାରେ ରହିଛି। ଅବଶ୍ୟ ଶୁକ୍ରବାର ସେଥିରେ ୧୦୦୦ ଟଙ୍କାର ହ୍ରାସ ଘଟିଛି। କେବଳ ଭୁବନେଶ୍ୱର ନୁହେଁ, ସାରା ବିଶ୍ୱରେ ସୁନା ମହଙ୍ଗା ହେଉଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁସାରେ ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୫୦୧ ଟଙ୍କା ବୃଦ୍ଧି ପାଇ ୧,୦୬,୪୪୬ ଟଙ୍କାରେ ପହଞ୍ଚିଛି। ରୁପା କେଜି ୧,୨୩,୫୮୧ ଟଙ୍କା ରହିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସୁନା ଦର ୩୦ ହଜାର ଟଙ୍କା ଓ ରୁପା କେଜି ୩୭ ହଜାର ଟଙ୍କା ବଢ଼ିସାରିଲାଣି। ୨୦୨୪ ଡିସେମ୍ବର ୩୧ରେ ସୁନା ଦାମ୍ ୭୬,୧୬୨ ଟଙ୍କା ଓ ରୁପା କେଜି ୮୬,୦୧୭ ଟଙ୍କା ଥିଲା। ଚଳିତ ବର୍ଷ ଶେଷ ସୁଦ୍ଧା ସୁନାର ୧୦ ଗ୍ରାମ ପିଛା ଦାମ୍ ୧ ଲକ୍ଷ ୪୬ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଛି। ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦର ୩୬୪୦.୧୦ ଡଲାରରେ ପହଞ୍ଚିଛି। ଖୁବ୍‌ଶୀଘ୍ର ତାହା ୪୦୦୦ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

# ଖୁଣ୍ଟିଆବାଣପୁର ରାସ୍ତା ଅବସ୍ଥା ଶୋଚନୀୟ



**କଣାସ,୬।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ବଡାଲ ପଞ୍ଚାୟତର ବିଣ୍ଡିପୁର ଛକ ଠାରୁ ଖୁଣ୍ଟିଆବାଣପୁରକୁ ଯାଇଥିବା ପ୍ରଧାନମନ୍ତ୍ରୀ ସଡକରାସ୍ତାରେ ପିଚୁ ଉଠି ଠାଆକୁ ଠାଆ ଖମା ସୃଷ୍ଟି ହୋଇଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। କେନ୍ଦ୍ର ଓ ରାଜ୍ୟସରକାର ଗ୍ରାମା ଅଞ୍ଚଳର ପ୍ରଗତି ପାଇଁ ରାସ୍ତା ଘାଟ ନିର୍ମାଣ ଉପରେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରାସ୍ତା କାର୍ଯ୍ୟ ସରିବାପରେ ବିଭାଗୀୟ କର୍ତୃପକ୍ଷ ରାସ୍ତା ପ୍ରତି ଦୃଷ୍ଟି ଦେଉନଥିବାରୁ କଣାସ ବ୍ଲକର ଅନେକ ପ୍ରଧାନମନ୍ତ୍ରୀ ସଡକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଦୈନ ଦିନ ବଡାଲ, କାଦୁଆ, ଗୋପିନାଥପୁର, ଗଡ଼ିଶାଗୋଦା, ଯାମଲଗୋଦା, ଦୋଛିଆଁ, ଦେଇପୁର, ଗଡ଼ଖାରଦ ପଞ୍ଚାୟତର ୪୦ରୁ ଉର୍ଦ୍ଧ ଗ୍ରାମବାସୀ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ବାଲୁଗାଁ, ରଣପୁର, ନିରାକାରପୁର ଓ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାତାୟତ କରନ୍ତି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଖଣି ଅଧିକାରୀଙ୍କ ଦ୍ୱାରା ବାଲିଉଠା ନୌକା ଜବତ



**ବାଲିଆପାଳ,୬।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତର ପାଳପଡା ଠାରେ ବେଆଇନ ବାଲି ଉତ୍ତୋଳନକୁ ନେଇ ଦୀର୍ଘ ଦିନ ଧରି ବାଲିଆପାଳ ତହସିଲଦାର ଓ ଖଣି ଅଧିକାରୀଙ୍କ ଠାରେ ଅଭିଯୋଗ ହୋଇଆସୁଥିଲା। ଶନିବାର ଅପରାହ୍ଣରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ, ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ବାଲି ଉତ୍ତୋଳନ କରୁଥିବା ତିନୋଟି ଯନ୍ତ୍ର ଚାଳିତ ନୌକାକୁ ଜବତ କରିଥିଲେ। ଏହି ନୌକା ସାହାର୍ଯ୍ୟରେ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ବାଲି ଉତ୍ତୋଳନ କରି କିଛି ସ୍ଥାନୀୟ ଅସାଧୁ ବ୍ୟକ୍ତି ଚୋରା ବାଲି ଚାଲାଣ କରି ମାଲେମାଲେ ହେଉଛନ୍ତି। ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ଯୋଗୁଁ ସରକାରଙ୍କର ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି। ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ହେଉଥିବା ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ଗଡ଼ସାହି ରାସ୍ତା ସାରା ଜୁଣଗଛ

● ବିଭାଗୀୟ ଅଧିକାରୀଙ୍କ ନିଘା ନାହିଁ



**କଣାସ,୬।୯(ସଂଚାର ବ୍ୟୋରୋ):** କଣାସ ବ୍ଲକରେ ପୂର୍ତ୍ତ ବିଭାଗ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ, ଜଳସେଚନ ବିଭାଗ ରାସ୍ତା, ଅନେକ ପଞ୍ଚାୟତ ରାସ୍ତା ବର୍ଷା ଦିନରେ ରାସ୍ତା ଉପରକୁ ଅନାବନା ଗଛ, ଗୁଳ୍ମଗଛ, ଜୁଣ ଗଛ ମାଡିଯାଉଥିବାରୁ ବିଭିନ୍ନ ରାସ୍ତାରେ ବାରମ୍ବାର ଦୃର୍ଘଟଣାମାନ ଘଟୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କର ଦୃଷ୍ଟି ପଡୁନଥିବାରୁ ଜନ ଆସନ୍ତୋଷ ବୃଦ୍ଧି ପାଉଛି। କଣାସ ବ୍ଲକର ବେଣାଗାଁ ଗ୍ରାମ୍ୟଠାରୁ ଗଡ଼ସାହି ନୂଆଜଗନ୍ନାଥ ସଡକୁ ସଂଯୋଗ କରୁଥିବା ଜଳ ସଚେନ ବିଭାଗର ରାସ୍ତା ଉପରକୁ ଜୁଣ ଗଛ ମାନ ମାଡି ଆସିଥିବାରୁ ଗଛ ଉହାଡରେ ଗାଈ, ଗୋରୁ, ଛେଳି, ମେଣ୍ଢା ଚରିବା ସହିତ ରାସ୍ତା ଉପରକୁ ହଠାତ୍ ମାଡି ଆସୁଥିବାରୁ ମଟରସାଇକେଲ୍ ଆରହୋଇ ମାନେ ବାରମ୍ବାର ଦୃର୍ଘଟଣାର ଶୀକାର ହେଉଛନ୍ତି। ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଜୁଣ ଓ ଲଟା ଗଛ ଗୁଡିକ ସଫା କରିବାପାଇଁ ଅଚଳବାସୀ ଦାବି କରିଛନ୍ତି।

## ଡ୍ରାଇଭରକୁ ବସନ୍ତପଡ଼ା ସରପଞ୍ଚଙ୍କ ଆକ୍ରମଣ ଅଭିଯୋଗ

# ସରପଞ୍ଚଙ୍କୁ ମାଡ଼, ଥାନାରେ ଏତଲା ଦେଲା ଡ୍ରାଇଭର ସଂଘ



ବେଦାନ୍ତ କାରଖାନା ସମ୍ମୁଖରେ ଉତ୍ତେଜନା

**ଲାଞ୍ଜିଗଡ଼,୬।୯(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଠାରେ ଜଣେ ଡ୍ରାଇଭରକୁ ମାଡ ମାରିଥିବା ଅଭିଯୋଗରେ ବସନ୍ତପଡ଼ା ସରପଞ୍ଚ ଚାଁଚେର ମାଝୀଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଛି।ସୂଚନାନୁସାରେ ଡ୍ରାଇଭର ହରପ୍ରସାଦ ଗୌଡ଼ ସକାଳ ସମୟରେ ନିଜ ଗାଡ଼ିରେ ବେଦାନ୍ତ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ କାରଖାନାକୁ ଯାଉଥିବା ବେଳେ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଭିଡ଼ ହୋଇଥିବା ହେତୁ ଗାଡି ଅଟକାଇ ଥିଲେ।ସେହି ସମୟରେ ବସନ୍ତପଡ଼ା ସରପଞ୍ଚ ଚାଁଚେର ମାଝୀ ଓ ଲାଞ୍ଜିଗଡ଼ର ବିଭୁତି କୁମାର ଦୁହେଁ ମିଶି ଗାଡ଼ି ଭିତରକୁ ଯାଇତୁ ଡ୍ରାଇଭର ସଂଘର ଉପସଭାପତି ଅଛୁ ପରା ବୋଲି କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମରଣାନ୍ତର ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ହରପ୍ରସାଦ ଗୌଡ଼ ଡ୍ରାଇଭର ସଙ୍ଘକୁ ଜଣାଇଥିଲା ପରେ ସମସ୍ତ ଡ୍ରାଇଭର ଗାଡ଼ି ବନ୍ଦ କରି କାରଖାନା ସମ୍ମୁଖକୁ ଛୁଟି ଆସିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରପଞ୍ଚ ଓ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ଡ୍ରାଇଭର ସଙ୍ଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଲାଞ୍ଜିଗଡ଼ ଥାନାକୁ ଯାଇ ସରପଞ୍ଚଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ।ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରାନଗଲେ ଡ୍ରାଇଭର ସଙ୍ଘ ରାଜରାସ୍ତାକୁ ଓଲ୍ଲାଇବ ବୋଲି ଚେତାବନୀ ଦେଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ନର୍ଲା ବିକାଶ ମଞ୍ଚର ଧନ୍ୟବାଦ



**ନର୍ଲା,୬।୯ (ସଂଚାର ବ୍ୟୁରୋ):** ଶନିବାର ସନ୍ଧ୍ୟାରେ ନର୍ଲା ବିକାଶ ମଞ୍ଚ ତରଫରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି।

ବିକାଶ ମଞ୍ଚର ସଭାପତି ପ୍ରଦୀପ କୁମାର ନାଏକଙ୍କ ସମେତ ମଞ୍ଚର ଉପ ସଭାପତି ଜଗନ୍ନାଥ ସାହୁ, ସଧାରଣ ସମ୍ପାଦକ ଚିରଞ୍ଜିବୀ ଗୌଡିଆ, ବରିଷ୍ଠ କର୍ମକର୍ତ୍ତା ଆଇନଜୀବୀ ଡୋଳାମଣି ସାହୁ, ସମାଜସେବୀ ସମୀର ଚାନ୍ଦ ପ୍ରମୁଖ ମଞ୍ଚାସୀନ ରହି ନର୍ଲାକୁ ଏନଏସି ମାନ୍ୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନର୍ଲା ବିକାଶ ମଞ୍ଚ ଓ ନର୍ଲାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଏହାସହ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ମନ୍ତ୍ରୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ମଧ୍ୟ ଏଥିପାଇଁ କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଗୁଣି ଗାରେଡ଼ିକୁ କେନ୍ଦ୍ର କରି ଦାଦା ପୁତୁରା ଲହୁ ଲୁହାଣ

**ନୀଳଗିରି,୬।୯(ସଂଚାର ବ୍ୟୋରୋ):** ଏବେ ବି ଗୁଣି ଗାରେଡ଼ିକୁ ବିଶ୍ୱାସ କରୁଛନ୍ତି ଆଜିର ସମାଜରେ। ଏହାକୁ କେନ୍ଦ୍ର କରି ହଣା କଟା ଲାଗି ଗୁରୁତର ହୋଇଥିବା ବେଳେ ଉଭୟ ନିଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଉଭୟଙ୍କ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏହା ଗୁଣି ଗାରେଡ଼ି ଘଟଣା ନୁହଁ ବରଂ ଜମି ଜମା କୁ ନେଇ ଘଟଣା ଘଟିଥିବାର ଶୁଣିବାକୁ ମିଳିଛି। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ମିରିଗିଣି ଗ୍ରାମର ଶନିବାର ଦିନ ବିଦୁକର ସ୍ୱାଇଁ ଙ୍କ ଘରେ ଉକ୍ତ ଗ୍ରାମର ମାୟା ଦେଉରି ଓରଫ ଦନାକ ପୂଜା କରୁଥିଲା। କାଳେ ଗୁଣି ଗାରେଡ଼ି କରି ଫୁଲ ଅରୁଆ ଚାଉଳ ଆଣି ଉକ୍ତ ଗ୍ରାମର ମାନସ ସ୍ୱାଇଁ ଙ୍କ ଘର ଦାଣ୍ଡରେ ପକାଇ ଥିବା ନେଇ ବିଦୁକର ସ୍ୱାଇଁଙ୍କ ଘରେ ଥିବା ମାୟାକୁ ମୋନରଞ୍ଜନ ସ୍ୱାଇଁ, ମାନସ ସ୍ୱାଇଁ ମିଳିତ ଭାବେ ଗାଳି ଗୁଲଜ କରିବା ସହ ପିଟି ଥିଲେ। ବିଦୁକର ଏହାକୁ ପ୍ରତିବାଦ କରିବାରୁ ମନୋରଞ୍ଜନ ସ୍ୱାଇଁ, ମାନସ ସ୍ୱାଇଁ, ପୁନି ସ୍ୱାଇଁ, ଲିଜା ସ୍ୱାଇଁ ମିଶି ଗାଳି ଗୁଲଜ କରିବା ସହ ଠେଙ୍ଗାରେ ବାଡେଇବାରୁ ବିଦୁକର ର ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ବିଦୁକରର ପୁଅ ଲକ୍ଷ୍ମୀଧର ପ୍ରତିବାଦ କରିବାରୁ ତାକୁ ମଧ୍ୟ ମାଡ଼ ମାରିଥିଲେ।

# ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର



**କଣାସ,୬।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ବଡାଲ ପଞ୍ଚାୟତ ହରିପୁର ଗ୍ରାମର ଦିପକ ସାହୁ ୩୪ବର୍ଷଙ୍କୁ ଗତକାଲି ସଂଧ୍ୟାରେ ଏକ ଜଙ୍ଗଲି ବାରାହା କାମୁଡି କ୍ଷତବିକ୍ଷତ କରିଦେବାରୁ ଦିପକ ଗୁରୁତର ଭାବେ ଆହାତ୍ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦିପକ କାଲି ସଂଧ୍ୟା ୬ଟା ସମୟରେ ବଡାଲରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏକ ଜଙ୍ଗଲି ବାରାହା ତାଙ୍କ ଡାହାଣ ଗୋଡକୁ ଓ ପେଣ୍ଡାକୁ କାମୁଡି କ୍ଷତବିକ୍ଷତ କରିଦେବା ପରେ ଏକ ଜଙ୍ଗଲିଆ ଜାଗାକୁ ଚାଲିଯାଇଥିଲା।

# ଜବରଦଖଲକାରୀଙ୍କ କବଳରେ ରାଇଘର ବଜାର

## ବଜାର ପିଣ୍ଡି ଓ ପୋଖରୀ ହିଡ଼କୁ ମଧ୍ୟ ଛାଡ଼ିଲେ ନାହିଁ



**ରାଇଘର,୬।୯(ସଂଚାର ବ୍ୟୋରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ମୁଖ୍ୟ ବଜାର ତଥା ରାସ୍ତା କଡ଼ ସରକାରୀ ଜାଗା ଏବେ ଜବରଦଖଲକାରୀଙ୍କ କବଜାରେ ପ୍ରତିଦିନ ଏହି ଜବରଦଖଲ କାମ ଜାରି ରହିଥିବା ବେଳେ ପ୍ରଶାସନ କିମ୍ବା ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ରାଇଘର ବ୍ଲକରେ ଦୀର୍ଘ ୭୦ବର୍ଷ ହେବ ଭୁବନ୍ଦୋବସ୍ତ ହୋଇ ନଥିବାରୁ ଏଠାରେ ଅଧିକାଂଶ ଜାଗା ସରକାରଙ୍କ ଅଧୀନରେ ରହିଛି। ତେବେ କିଛି ଜବରଦଖଲକାରୀ ଏବଂ ଦୋକାନୀ କିଛି ବର୍ଷ ହେବ ସରକାରୀ ଜାଗା ହାତେଇବାରେ ଲାଗିଛନ୍ତି। ମୁଖ୍ୟତଃ ସ୍ଥାନୀୟ ମୁଖ୍ୟ ବଜାରରେ ଏହାର ପ୍ରଭାବ ଅଧିକ ରହିଛି। ପଞ୍ଚାୟତ ତରଫରୁ ମିଳିଥିବା ଦୋକାନ ଗୃହ ଗୁଡ଼ିକକୁ କିଛି ବ୍ୟବସାୟୀ ପାଖକୁ ଲାଗିଥିବା ଖାଲି ଜାଗା ଆକ୍ରମଣ କରି ବର୍ଷକୁ ବର୍ଷ ପକ୍କାଘର ତିଆରି କରୁଥିବା ଦେଖିବାକୁ ମିଳିଛି। ଫଳରେ ଦିନକୁ ଦିନ ସାପ୍ତାହିକ ହାଟର ଖାଲି ସ୍ଥାନ ସଂକୁଚିତ ହେବାରେ ଲାଗିଛି। ଅନ୍ୟପଟେ କିଛି ହୋଟେଲ ବ୍ୟବସାୟୀ ପରିବା ବଜାରର ସରକାରୀ ପିଣ୍ଡିକୁ ମଧ୍ୟ ଆକ୍ରମଣ କରି ପକ୍କାଘର ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ସ୍ଥାନୀୟ ସରପଞ୍ଚ କିମ୍ବା ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ସୁପରଭାଇଜରଙ୍କୁ ଜଣାଇଲେବି କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି। ଏଥିସହିତ ପଞ୍ଚାୟତ ଅଧିକାରୀ, ସରପଞ୍ଚ ଏବଂ ରାଜସ୍ୱ ବିଭାଗର ଅଧିକରୀଙ୍କୁ ହାତ ବାରିସୀ କରି ପଞ୍ଚାୟତ ଅଧୀନରେ ଥିବା ଆଡମୁଣ୍ଡା ଏବଂ ରଜାମୁଣ୍ଡା ପୋଖରୀ ହିଡ଼କୁ ମଧ୍ୟ ଜବରଦଖଲ କରିଥିବା ଅଭିଯୋଗ ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବତନ ବିଧାୟକ ଓ ବିଧାୟକଙ୍କ

# ଚିଠି ମୂଳେ ୭ଟି ପଞ୍ଚାୟତରେ ସ୍ୱତନ୍ତ୍ର ଅଡିଟ ହେବ

**ନୀଳଗିରି,୬।୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କୁ ନୀଳଗିରିର ପୂର୍ବତନ ବିଧାୟକ ୫ଟି ପଞ୍ଚାୟତରେ ଅନିୟମିତତା କୁ ନେଇ ଚିଠି ଲେଖିଥିବା ବେଳେ ବିଧାୟକ ୨ଟି ପଞ୍ଚାୟତରେ ଅନିୟମିତତାକୁ ନେଇ ଚିଠି ଲେଖିଛନ୍ତି, ତେବେ ପୂର୍ବତନ ବିଧାୟକ ଓ ବିଧାୟକଙ୍କ ଚିଠି ମୂଳେ ହେବ ସ୍ୱତନ୍ତ୍ର ଅଡିଟ। ଆଉ ସ୍ୱତନ୍ତ୍ର ଅଡିଟ ହେଲା ପରେ ଯାଇ ଅନିୟମିତତା ହୋଇଛି କି ନା ଜଣାପଡ଼ିବ। ସୂଚନା ନୀଳଗିରି ନିର୍ବାଚନମଣ୍ଡଳୀ ର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ କାମରେ ରେ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଙ୍କୁ ଗତ ଏପ୍ରିଲ ୧୯ ରେ ଚିଠି ଲେଖୁଥିଲେ।

ଏହି ଚିଠି ମୂଳେ ଉପରୋକ୍ତ ବିଭାଗର ଗତ ଅଗଷ୍ଟ ୨୨ ପତ୍ରସଂଖ୍ୟା ୨୩୨୯୮ ମୂଳେ ଔପଦା ବ୍ଲକର ଗଡ଼ସାହି ଓ ନୀଳଗିରି ବ୍ଲକର ବେଗୁନିଆ, ବରହମପୁର, ସଜନାଗଡ଼, କେପି ଲାଖରାଜ ୫ ଟି ପଞ୍ଚାୟତରେ ୨୦୨୦-୨୧ ରୁ ୨୦୨୩-୨୪ ର ସ୍ୱତନ୍ତ୍ର ଅଡିଟ ହେବ ବୋଲି ନିର୍ଦ୍ଦେଶ ହୋଇଛି। ପୂର୍ବତନ ବିଧାୟକ ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଛନ୍ତି ଯେ, ଉପରୋକ୍ତ ପଞ୍ଚାୟତରେ ବିଭିନ୍ନ କାମରେ ବ୍ୟାପକ ଅନିୟମିତତା ହୋଇଛି। ଯନ୍ତ୍ରୀ, ପିଇଓ ଙ୍କ ନାମରେ କାର୍ଯ୍ୟାଦେଶ ହୋଇ ସେ ନିଜେ ନିଜେ ହିଁ ବିଲ କରୁଛନ୍ତି। ଏଥିରେ ତଦାରଖ ପାଇଁ ଅନ୍ୟ ଉଚ୍ଚ ଅଧିକାରୀ ଯାଉନାହାନ୍ତି। ଗୃହ, ରାସ୍ତା, ନିର୍ମାଣ, ପାନୀୟ ଜଳ ପାଇପ ଯୋଗାଣ ପ୍ରଭୃତି ଏକାଧିକ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଛି।

ତଦନ୍ତ କରାଯାଇ ଅନିୟମିତତା ଓ ଦୁର୍ନୀତିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ଶ୍ରୀ ନାୟକ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ



**କଳାହାଣ୍ଡି,୬।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଙ୍କ ଅଧ୍ୟକ୍ଷତା ରେ ଜୁନାଗଡ଼ ଟାଉନ୍ ହଲ୍ ଠାରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଅଛି ଉକ୍ତ କର୍ମଶାଳା ରେ ଜିଲ୍ଲା ପ୍ରଭାରୀ ତଥା ସେବା ପକ୍ଷ ର ରାଜ୍ୟ ସଂଯୋଜକ ରମେଶ ସାହୁ ଧର୍ମଗଡ଼ ବିଧାୟକ ହୁ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗଦେଇ ଥିଲେ। ଚଳିତ ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ୍ମ ଦିନ ଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଦେଶ ବ୍ୟାପି ସେବା ପକ୍ଷ ପାଳନ କରାଯିବ। ଏହି ସେବା ପକ୍ଷ ରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଦଳ ସ୍ଥିର କରିଛି ଯଥା ବୃକ୍ଷ ରୋପଣ, ରକ୍ତ ଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ମୋଦୀ ବିକାଶ ମାରାଥନ, ଲୋକାଲ ଫର ଭୋକାଲ, ପଣ୍ଡିତ ଦିଦୟାଲ ଜୟନ୍ତୀ, ଗାନ୍ଧୀ ଜୟନ୍ତୀ, ସାଂସଦ କ୍ରୀଡା ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ କୁ ନେଇ ସେବା ପକ୍ଷ ଅନୁଷ୍ଠିତ ହେବ, ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ କଳାହାଣ୍ଡି ସାଂଗଠାନିକ ଜିଲ୍ଲା ର ୪୧ ଗୋଟି ମଣ୍ଡଳ ର କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇ ଅଛି, ଜିଲ୍ଲାସ୍ତରୀୟ କର୍ମଶାଳା ରେ ବରିଷ୍ଟ ନେତା ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ସଭାପତି ଭବେନ୍ଦ୍ର ପଣ୍ଡା, ବରିଷ୍ଟ ନେତା ଭାରତ ଦେଓ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ମୋନୋଜ ମେହେର, ରମେଶ ମାଝୀ, ଜିଲ୍ଲା ସେବା ପକ୍ଷ ସଂଯୋଜକ ସତ୍ୟ ବେହେରା, ହିମାଂଶୁ ପଣ୍ଡା, ଘନ ଗହିର, ସୋଭାଗିନି ପାତ୍ର, ପ୍ରମୁଖ ମଞ୍ଚ ରେ ଉପସ୍ଥିତ ରହି ଥିଲେ, ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ମିଡିଆ ସଂଯୋଜକ ନରହରି ପଟ୍ଟନାୟକ, ଉପ ସଭାପତି ମୁକେଶ ଅଗ୍ରୱାଲ, ପ୍ରଶାନ୍ତ ସାହୁ, ଲକ୍ଷ୍ମୀକାନ୍ତ ବାଗ, ଦିବ୍ୟ ଜ୍ୟୋତି ମୁଣ୍ଡ, କାଞ୍ଚନ ବାଗ, ଶର୍ମିଷ୍ଠା ମେହେର, ସନ୍ତୋଷିନି ଦାସ ପ୍ରମୁଖ ଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା କର୍ମଶାଳା ରେ ଯୋଗ ଦେଇଥିଲେ।

## ବେଟି ବଚାଓ ବେଟି ପାଢାଓକୁ ଗୁରୁତ୍ୱ ଦେଇ ପାଳିତ ହେଲା ଗୁରୁ ଦିବସ ଓ ପୋଷଣ ସପ୍ତାହ



**ଫୁଲବାଣୀ,୬।୯(ସଂଚାର ବ୍ୟୋରୋ):** ପ୍ରତି ବର୍ଷ ସେପ୍ଟେମ୍ବର ମାସ ୦୫ ତାରିଖ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣ ଙ୍କ ଜନ୍ମ ଦିବସ କୁ ଗୁରୁ ଦିବସ ଭାବରେ ପାଳନ କରାଯାଇଥାଏ ଯାହା ଗୁରୁ ମାନଙ୍କ ପ୍ରତି ଭକ୍ତି ଓ ସମ୍ମାନ କୁ ପ୍ରତିପାଦନ କରିଥାଏ। ଏହି ପରିପ୍ରେକ୍ଷିରେ ବାଲନ୍ଦାପଡା ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କନ୍ଧମାଳ ଙ୍କ ମିଳିତ ସହଯୋଗରେ ଗୁରୁ ଦିବସ ଓ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ର ମୂଖ୍ୟ ଲକ୍ଷ୍ୟ ଥିଲା ଯେ ବାଲନ୍ଦାପଡାରେ ଚାଲିଥିବା ମା ଗୃହ ରେ ଜନ୍ମିତ ବାଳିକା ମାନଙ୍କର ସୁରକ୍ଷା ଓ ସେମାନଙ୍କ ର ଶିକ୍ଷା କ୍ଷେତ୍ରରେ ଉନ୍ନତି ଏବଂ ସେମାନଙ୍କର ଉଜ୍ୱଳ ଭବିଷ୍ୟତ ଗଠନ। କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ବାଲନ୍ଦାପଡା ସରପଞ୍ଚ ନିରାକାର ନାୟକ ଯୋଗଦେଇ ଗୁରୁଦିବସ ପାଳନ ର ମହତ୍ୱ ଯଥେଷ୍ଟ ଅଛି କାରଣ ମଣିଷ ର ପ୍ରଥମ ଗୁରୁ ହେଉଛନ୍ତି ମା। ତେଣୁ ଜଣେ ମହିଳା ଯଦି ଗୁରୁ ତେବେ ଘରେ ପ୍ରଥମେ ଝିଅ ମାନଙ୍କୁ ପୁଅ ମାନଙ୍କ ଭଳି ସବୁ କ୍ଷେତ୍ରରେ ସୁଯୋଗ ଦେବା ଏବଂ ଆଗକୁ ବଢ଼ିବାରେ ଝିଅ ମାନଙ୍କୁ ସହଯୋଗ କରିବା ଉଚିତ୍ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥି ସହିତ ବାଲନ୍ଦାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଚିକିତ୍ସା ଅଧିକାରୀ ଦେବିପ୍ରସାଦ ସାମଲ ତାଙ୍କ ବକ୍ତବ୍ୟରେ ସମସ୍ତ ଙ୍କ ଜିବନରେ ଆଗକୁ ବଢ଼ିବାରେ ଗୁରୁ ମାନଙ୍କ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ବେଳେ ମହିଳା ମାନଙ୍କୁ ସମ୍ମାନ ଦେଇ ଏକ ଶୃଙ୍ଖଳିତ ସମାଜ ଗଢ଼ିବାକୁ ଆହ୍ୱାନ ଦେଇଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ବାଲିଆପାଳ,୬।୯(ସଂଚାର ବ୍ୟୋରୋ):** ପବିତ୍ର ଗୁରୁଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବାଲିଆପାଳ ବ୍ଲକର ସିମୁଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନିତାଇ ଚରଣ ରାଉଳଙ୍କୁ ବାଲେଶ୍ୱର ସ୍ଥିତ ଗାନ୍ଧୀସ୍ମୃତି ଭବନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ନିଳଗିରିର ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ଡ.ବସନ୍ତ କୁମାର ନାୟକ ଙ୍କ ଉପସ୍ଥିତିରେ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଫଳତା ପାଇବା ପରେ ଶ୍ରୀ ରାଉଳଙ୍କୁ ବିଭିନ୍ନ ମହଲରୁ ଶୁଭେଛା ର ସୁଅ ଛୁଟିଛି।

ଏନେଇ ଶନିବାର ଅପରାହ୍ନରେ ବାଲିଆପାଳ ସିମୁଳିଆ କ୍ଲଷ୍ଟର ପକ୍ଷରୁ ଖଗଡ଼ାପାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ନିତାଇ ଚରଣ ରାଉଳଙ୍କୁ ସିଆରସିସି ଯଶୋବନ୍ତ ଜେନା ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ପ୍ୟାରିମୋହନ ବିଶ୍ୱାଳ, ଆଦିକନ୍ଦ ପ୍ରଧାନ, ନିଳୀମା ସେଠୀ, ସଞ୍ଜୟ କୁମାର ମହାପାତ୍ର, ମିରାବାଇ ବେହେରା, ପୁଷ୍ପଲତା ପ୍ରଧାନ, ପ୍ରଦୀପ କୁମାର ପଣ୍ଡା, ସ୍ନେହଲତା ଭୂୟାଁ, ଭରତ ଚନ୍ଦ୍ର ଜେନା, ଅଜୟ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଲେଶ୍ୱର ଡିଭିଜନର ଶ୍ରେଷ୍ଠ ସିଆରସିସି ଭାବେ ଶ୍ରୀ ଅଶୋକ କୁମାର ଗିରି ମୂଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ରେ ସମ୍ମାନିତ ହୋଇଥିବାର ତାଙ୍କୁ ମଧ୍ୟ କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

# ଭି.ଆର୍.ଓ ପକ୍ଷରୁ ଫିନାଇଲ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର




**ଲାଞ୍ଜିଗଡ଼,୬।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ମୁଖ୍ୟାଳୟ କୁଆଙ୍ଗବସା ବିଶ୍ୱନାଥପୁର ଠାରେ ଥିବା(ଭି.ଆର୍.ଓ) ଗ୍ରାମ ପୁନଃ ନିର୍ମାଣ ସଂସ୍ଥାଦ୍ୱାରା ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷରେ ସରକାରୀ, ବେସରକାରୀ ବିଭିନ୍ନ ପ୍ରକାରର ଯୋଜନା ପ୍ରସ୍ତୁତ କରାଯାଇଛି।ବିଶ୍ୱନାଥପୁର ସ୍ଥିତ କୁଆଙ୍ଗବସା କାର୍ଯ୍ୟାଳୟ ଠାରେ ଦୀର୍ଘବର୍ଷ ଧରି ମହିଳାମାନଙ୍କୁ ସିଲେଇ ତାଲିମ, ଫିନାଇଲି ପ୍ରସ୍ତୁତି ସହ ଅନ୍ୟାନ୍ୟ କୁଟୀରଶିଳ୍ପ ପ୍ରସ୍ତୁତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ତେବେ ଏହି କେନ୍ଦ୍ର ଅଧୀନରେ ଥିବା ପ୍ରତାପପୁର୍, ମେଲଘୁଟୁ, ଦ୍ୱାରଭଟା, କାଠସମା, ଡୁମେରମୁଣ୍ଡା, ଇଜୁରୂପା, ସାଙ୍କୁଲିପଦର, ଭୀରିକାପଡ଼ା ଗ୍ରାମର ସମସ୍ତ ଇଛୁକ ମହିଳା ଓ ଯୁବତୀ ମାନଙ୍କୁ ଉକ୍ତ କେନ୍ଦ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# ଚକା ଫାଟିଯିବାରୁ ଗାଡ଼ିରେ ନିଆଁ ଲଗାଇଦେଲେ ଡ୍ରାଇଭର

**ବିନିକା,୬।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲା ବିନିକା ସହର ନୂଆବଜାରରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସଛି। ଜଣେ ଗାଡ଼ି ଡ୍ରାଇଭର ଏକ କାରରେ ନିଆଁ ଲଗାଇ ଦେଇଥିବା ଜଣାପଡିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।ମିଳିଥିବା ସୂଚନା ମୁତାବକ, ଏକ କାର ରାସ୍ତାରେ ଯାଉଥିବା ବେଳେ ବିନିକା ସହରର ନୂଆବଜାର ନିକଟରେ ଗାଡ଼ିର ଏକ ଚକ ହଠାତ୍ ଫାଟିଯାଇଥିଲା। ଏଥିରେ ଗାଡ଼ି ଡ୍ରାଇଭର ଉତ୍ତକ୍ତ ହୋଇ ପେଟ୍ରୋଲ ଢାଳି କାରରେ ନିଆଁ ଲଗାଇ ଦେଇଥିଲେ। ଫଳରେ କାର୍ ସମ୍ପୂର୍ଣ୍ଣ ପୋଡି ଯାଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ମାଁ, ମାଣିକେଶ୍ୱରୀଙ୍କ ଛତର ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



**କଳାହାଣ୍ଡି,୬।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ଛତର ଯାତ୍ରା ଆସନ୍ତା ୩୦ ସେପ୍ଟେମ୍ବର ୨୦୨୫ ରିଖ ଦିନ ଜିଲ୍ଲା ସଦର ମହକୁମା ଭବାନିପାଟଣାରେ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଁ ମାଣିକେଶ୍ୱରୀଙ୍କର ପ୍ରସିଦ୍ଧ ଛତର ଯାତ୍ରା ସଦର ମହକୁମା ଭବାନୀପାଟଣାଠାରେ କିପରି ଶାନ୍ତି ଶୃଙ୍ଖଳା ଭାବରେ ପାଳନ କରାଯିବ ଏବଂ ମାଁ ଙ୍କ ମନ୍ଦିରରେ ଠିକ ସମୟରେ ପହଞ୍ଚିବ ସେ ଦିଗରେ ସମସ୍ତଙ୍କର ପୂର୍ଣ୍ଣ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତ ମାସ ସେପ୍ଟେମ୍ବର ୩୦ ତାରିଖ ମହା ନବମୀ ପ୍ରାତଃ ସମୟରେ ଜେନାଖାଲଠାରେ ମାଁ ଙ୍କ ପୂଜା ଅର୍ଚ୍ଚନା ସାରି ମାଁ ଙ୍କ ଛତର ଯାତ୍ରା ଘଣ୍ଟ ବାଦ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ଗହଣରେ ରାଜପ୍ରସାଦ ସ୍ଥିତ ମାଁ ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଭବାନୀପାଟଣା ସହରର ସମସ୍ତ ରାସ୍ତାଘାଟ, ନାଳ ନର୍ଦ୍ଦମା ସଫା ସୁତୁରା ସହିତ ସହର ରାସ୍ତା ପାର୍ଶ୍ୱରେ ଲାଗିଥିବା ସମସ୍ତ ସିସି କ୍ୟାମେରା କୁ ଠିକ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପାଳିକା ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସଂଚାର SANCHAR
ରବିବାର ୭ ସେପ୍ଟେମ୍ବର ୨୦୨୫



# ସ୍ୱାସ୍ଥ୍ୟ




# ବ୍ରେନ୍ ଷ୍ଟ୍ରୋକ୍ ପୂର୍ବରୁ ସଙ୍କେତ ଦିଏ ଶରୀର

ବ୍ରେନ୍ ଷ୍ଟ୍ରୋକ୍ ପୂର୍ବରୁ ଶରୀର କିଛି ସଙ୍କେତ ଦିଏ। ଏହାକୁ ଭୁଲରେ ବି ଅଣଦେଖା କରନ୍ତୁନି। ବ୍ରେନ୍ ଷ୍ଟ୍ରୋକ୍ ପୂର୍ବରୁ ଏହି ସମୟ ହେଉଛି ଗୋଲ୍ଡେନ ପିରିୟଡ୍। ଯଦି ଆପଣ ସମୟ ପୂର୍ବରୁ ଏହାର ଲକ୍ଷଣ ବିଷୟରେ ଜାଣିଥିବେ, ତେବେ ଅକାଳରେ ମୃତ୍ୟୁକୁ ରୋକିପାରିବେ। ବର୍ତ୍ତମାନ ସାରା ବିଶ୍ୱରେ ବ୍ରେନ୍ ଷ୍ଟ୍ରୋକ ବା ମସ୍ତିଷ୍କାଘାତ ଏକ ବଡ଼ ଜନସ୍ୱାସ୍ଥ୍ୟ ମାମଲା ପାଲଟିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଅନୁଯାୟୀ, ପ୍ରତିବର୍ଷ ବିଶ୍ୱର ଲକ୍ଷ ଲକ୍ଷ ଲୋକ ଷ୍ଟ୍ରୋକ୍‌ରେ ପୀଡ଼ିତ ହୁଅନ୍ତି। ଭାରତରେ ମଧ ଏହି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଷ୍ଟ୍ରୋକ୍‌କୁ ସାଧାରଣ ଭାଷାରେ ପକ୍ଷାଘାତ ମଧ କୁହାଯାଏ। ଏଥିରେ ମସ୍ତିଷ୍କର ରକ୍ତବାହୀ ନଳୀରେ ଅବରୋଧ କିମ୍ବା ଫାଟିଯିବା ଯୋଗୁଁ ରକ୍ତ ପ୍ରବାହ ପ୍ରଭାବିତ ହୁଏ। ଫଳରେ ମସ୍ତିଷ୍କ କୋଷଗୁଡ଼ିକ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ଏବଂ ଶକ୍ତି ପାଇପାରନ୍ତି ନାହିଁ ଏବଂ ସେମାନେ ଧିରେ ଧିରେ ଡେଡ୍ ପାଲଟିଯାଆନ୍ତି। ଯଦି ସମୟ ମଧ୍ୟରେ ଏହାକୁ ଚିହ୍ନଟ ନ କରାଯାଏ, ତେବେ ଜୀବନ ପାଇଁ ବିପଦ ସାବ୍ୟସ୍ତ ହୋଇପାରେ। ଷ୍ଟ୍ରୋକ୍ ପୂର୍ବରୁ, ଶରୀର କିଛି ଦେବା ଆରମ୍ଭ କରେ। ଯାହା ସାହାଯ୍ୟରେ ଏହାକୁ ଚିହ୍ନଟ କରାଯାଇପାରିବ। ଆସନ୍ତୁ ଜାଣିବା ବ୍ରେନ୍ ଷ୍ଟ୍ରୋକ୍ ପୂର୍ବରୁ ଶରୀରରେ ଦେଖାଯାଉଥିବା ଲକ୍ଷଣ କ'ଣ ଏବଂ ଷ୍ଟ୍ରୋକ୍ ହେଲେ କ'ଣ କରିବା ଉଚିତ୍?



**ହଠାତ୍ ମୁଣ୍ଡବିନ୍ଧା କିମ୍ବା ପ୍ରବଳ ଯନ୍ତ୍ରଣା:** ଷ୍ଟ୍ରୋକ୍ ପୂର୍ବରୁ ଅନେକ ଲୋକଙ୍କର ହଠାତ୍ ପ୍ରବଳ ମୁଣ୍ଡବିନ୍ଧା ଆରମ୍ଭ ହୁଏ। ଯାହା ସାଧାରଣ ମୁଣ୍ଡବିନ୍ଧା ଯନ୍ତ୍ରଣାଠାରୁ ଅଲଗା। ଏହି ଯନ୍ତ୍ରଣା ବହୁତ ତୀବ୍ର ଏବଂ ହଠାତ୍ ପ୍ରବଳ ମୁଣ୍ଡବିନ୍ଧା ଆରମ୍ଭ ହୁଏ। ଏଭଳି ସମସ୍ୟା ଦେଖାଦେଉଥିଲେ ଅଣଦେଖା ନ କରି ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ।

**ଦୁର୍ବଳ ଲାଗିବା ବା ମୁହଁ ବଙ୍କା ହୋଇଯିବା:** ଷ୍ଟ୍ରୋକ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ହେଉଛି ଶରୀରର ଗୋଟିଏ ପାର୍ଶ୍ୱ ହଠାତ୍ ଦୁର୍ବଳ ଲାଗିବା। ଅର୍ଥାତ୍ ହଠାତ୍ ମୁହଁର ଗୋଟିଏ ପାର୍ଶ୍ୱ ବଙ୍କା ହୋଇଯିବା କିମ୍ବା ହସିବାରେ ଅସୁବିଧା ହେବା ଷ୍ଟ୍ରୋକର ଲକ୍ଷଣ ହୋଇପାରେ। ରୋଗୀ ହାତ ଉଠାଇବାରେ କିମ୍ବା ଚାଲିବାରେ କଷ୍ଟ ଅନୁଭବ କଲେ ଏହା ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

**କହିବା କିମ୍ବା ବୁଝିବାରେ ଅସୁବିଧା:** ଷ୍ଟ୍ରୋକ୍ ପୂର୍ବରୁ କିଛି ଲୋକଙ୍କୁ ଅନ୍ୟମାନଙ୍କୁ କହିବା କିମ୍ବା ବୁଝିବାରେ ଅସୁବିଧା ହୁଏ। ସେମାନେ ସ୍ପଷ୍ଟ ଉଚ୍ଚାରଣ କିମ୍ବା ଆଦୌ କଥା କହିପାରନ୍ତି ନାହିଁ। ଯଦି କେହି ହଠାତ୍ କଥା ହେବାରେ ଅସୁବିଧା ଅନୁଭବ କରନ୍ତି, ତେବେ ଏହା ଏକ ଗମ୍ଭୀର ଚେତାବନୀ ହୋଇପାରେ।

**ମୁଣ୍ଡ ବୁଲାଇବା କିମ୍ବା ଭାରସାମ୍ୟ ହରାଇବା:** ସେହିଭଳି ହଠାତ୍ ମୁଣ୍ଡ ବୁଲାଇବା, ଛିଟିକି ପଡ଼ିବା କିମ୍ବା ଭାରସାମ୍ୟ ବଜାୟ କରିବାରେ ଅସୁବିଧା ମଧ ଷ୍ଟ୍ରୋକର ଲକ୍ଷଣ ହୋଇପାରେ। ଷ୍ଟ୍ରୋକ୍ ସମୟରେ ଘର ବୁଲିବା ଭଳି ଲାଗେ ଏବଂ ହଠାତ୍ ପଡ଼ିଯାଆନ୍ତି। ଏହି ଲକ୍ଷଣକୁ ପ୍ରାୟତଃ ଅଣଦେଖା କରାଯାଏ, କିନ୍ତୁ ଏହା ମସ୍ତିଷ୍କରେ ରକ୍ତ ପ୍ରବାହର ଅଭାବର ଏକ ଲକ୍ଷଣ ହୋଇପାରେ।

**ଝାପ୍ସା କିମ୍ବା ଦୁଇ ଦୁଇଟି ଦେଖାଯିବା:** ଷ୍ଟ୍ରୋକ୍ ପୂର୍ବରୁ ଅନେକ ଲୋକଙ୍କୁ ଦେଖିବାରେ ଅସୁବିଧା ହୁଏ। ହଠାତ୍ ଝାପ୍ସା ଦେଖାଯିବା, ଗୋଟିଏ ବସ୍ତୁ ଦୁଇ ଦୁଇଟି ଦେଖାଯିବ, ଗୋଟିଏ କିମ୍ବା ଉଭୟ ଆଖିରେ କିଛି ସେକେଣ୍ଡ ପାଇଁ ଦୃଷ୍ଟି ହରାଇବା ଷ୍ଟ୍ରୋକର ଲକ୍ଷଣ ହୋଇପାରେ। ଯଦି ଏହି ସମସ୍ୟା ବାରମ୍ବାର ଘଟେ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍।

**ଦ୍ୱନ୍ଦ୍ୱ କିମ୍ବା ସ୍ମୃତିଶକ୍ତି ହ୍ରାସ:** କିଛି କ୍ଷେତ୍ରରେ, ଷ୍ଟ୍ରୋକ୍ ପୂର୍ବରୁ କିଛି ଲୋକ ଦ୍ୱନ୍ଦ୍ୱରେ ପଡ଼ିବା ଆରମ୍ଭ କରନ୍ତି କିମ୍ବା ସାଧାରଣ ଜିନିଷ ଭୁଲିଯାଆନ୍ତି। ତାଙ୍କୁ ସମୟ, ସ୍ଥାନ କିମ୍ବା ଲୋକଙ୍କୁ ଚିହ୍ନିବାରେ ଅସୁବିଧା ହୁଏ। ଏହି ଲକ୍ଷଣ ଆଲଜାଇମର କିମ୍ବା ଡିମେନ୍ସିଆ ପରି ମନେ ହୋଇପାରେ, କିନ୍ତୁ ଯଦି ଏହା ହଠାତ୍ ଏଭଳି ଘଟେ, ତେବେ ଏହା ଷ୍ଟ୍ରୋକ୍‌ର ଲକ୍ଷଣ ହୋଇପାରେ।

**ଏବେ ଆସନ୍ତୁ ଜାଣିବା ଷ୍ଟ୍ରୋକର ଲକ୍ଷଣ ଦେଖିଲେ କ'ଣ କରିବେ?**

ଷ୍ଟ୍ରୋକ୍ ହେବା ସମୟରେ ପ୍ରତ୍ୟେକ ସେକେଣ୍ଡ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ଷ୍ଟ୍ରୋକର ଏହି ଲକ୍ଷଣଗୁଡ଼ିକୁ ଲକ୍ଷ୍ୟ କରନ୍ତି, ତେବେ ଅପେକ୍ଷା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେଣୁ, ଏଗୁଡ଼ିକୁ ଅଣଦେଖା କରିବା ଅନୁଚିତ୍। କାରଣ ସଠିକ୍ ସମୟ ଭିତରେ ଚିକିତ୍ସା କରାଗଲେ ଜୀବନ ରକ୍ଷା ହୋଇପାରିବ।

# ଋତୁସ୍ରାବ ଯନ୍ତ୍ରଣା କମ୍ କରେ ଅଦା ପାଣି

ଅଦାରେ ଅନେକ ଔଷଧୀୟ ଗୁଣ ରହିଛି। ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଅଦାକୁ ଅନେକ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ଏଥିରେ ଜିଞ୍ଜେରୋଲ, ଫାଇବର, କ୍ୟାଲସିୟମ, ପୋଟାସିୟମ ଓ ଆଣ୍ଟି-ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି, ଯେଉଁଥିରୁ ଅନେକ ସ୍ୱାସ୍ଥ୍ୟ ଜନିତ ଉପକାର ମିଳେ। ତା'ହେଲେ ଆସନ୍ତୁ ଜାଣିବା ଅଦା ଖାଇଲେ କେଉଁ ସବୁ ସମସ୍ୟାରୁ ମୁକ୍ତି ମିଳିଥାଏ। ଅଦା ରସ ମିଶା ପାଣି ପିଇଲେ ପାଚନ କ୍ରିୟା ଠିକ୍ ହୋଇଥାଏ। ତା'ସହିତ ଗ୍ୟାସ ଜନିତ ଜଳାପୋଡା ମଧ ଦୂର ହୋଇଥାଏ। ଅଦାରେ ଥିବା ଜିଙ୍କ ତତ୍ତ୍ୱ ଯୋଗୁଁ ଶରୀରରେ ଇନସୁଲିନ୍ ବୃଦ୍ଧି ପାଇଥାଏ। ଫଳରେ ଡାଇବେଟିସ ରୋଗୀଙ୍କ ବ୍ଲଡ ସୁଗାର ସ୍ତର ନିୟନ୍ତ୍ରିତ ହୁଏ। ଅଦା ଖାଇଲେ ଶରରୀରୁ ଅତିରିକ୍ତ ଫ୍ୟାଟ ବାହାରିଯାଏ। ତେଣୁ ଓଜନ କମ୍ ହୋଇଥାଏ। ଅଦାରେ ଜିରୋ କ୍ୟାଲୋରୀ ରହିଛି। ଗବେଷଣାରୁ ଜଣାପଡ଼ିଛି ଯେ ମାସିକ ଋତୁସ୍ରାବ ସମୟରେ ମହିଳାମାନେ ହାଲକା ଅଦା ରସ ମମିଶା ଉଷୁମ ପାଣି ପିଇଲେ ଭଲ। ଏହାଦ୍ୱାରା ପେଟ ଯନ୍ତ୍ରଣା କମ୍ ହୋଇଥାଏ। ଅଦାରେ ଥିବା ଆଣ୍ଟି-ଇନଫ୍ଲୋମେଣ୍ଟାରୀ ଗୁଣ ଆରାମମ ପ୍ରଦାନ କରିଥାଏ। ମାଂସପେଶୀରେ ଯନ୍ତ୍ରଣା ଅନୁଭୂତ ହେଲେ ଅଦା ରସ ମିଶା ପାଣି ପିଅନ୍ତୁ। ଏହା ମାଂସପେଶୀକୁ ଆରାମମ ଦେଇଥାଏ। ସକାଳରୁ ଉଠିବା ପରେ ଦୁର୍ବଳ ଲାଗୁଥିଲେ ଅଦା ରସ ମିଶା ପାଣି ପିଇବା ଅଭ୍ୟାସ କରନ୍ତୁ। ଏପରିକି ଆପଣ ବାନ୍ତି ଲାଗିବା ସମୟରେ ମଧ ଅଦା ପାଣି ପିଇପାରିବେ।





# ହାଡଜନିତ ସମସ୍ୟାରୁ ମୁକ୍ତି ଦିଏ ଆଖୁରସ

ସୁସ୍ଥ ରହିବାକୁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ଶରୀର ସୁସ୍ଥ ରହିଲେ ଆମକୁ ଫୂର୍ତ୍ତି ଅନୁଭବ ହୋଇଥାଏ। ସେଥିପାଇଁ ଅଧିକାଂଶ ଲୋକ ଅନେକ ଉପଚାରକୁ ଆପଣାଇ ଥାଆନ୍ତି। କିଏ ଜିମ୍ ଯାଆନ୍ତି ତ ଆଉ ପୁଣି କିଏ ପୋଷକଯୁକ୍ତ ଖାଦ୍ୟ ତାଙ୍କ ଖାଇବା ଲିଷ୍ଟରେ ଆଡ୍ କରିଥାଆନ୍ତି। ତେଣୁ ପନିପରିବାଠାରୁ ଆରମ୍ଭ କରି ଫଳମୂଳ ପର୍ଯ୍ୟନ୍ତ ସମସ୍ତ ଜିନିଷ ଆମ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ସୁସ୍ଥ ଶରୀର ପାଇଁ ଜୁସ ମଧ ଖୁବ ଲାଭକାରୀ। ଖାଲି ଫଳ ନୁହେଁ ପନିପରିବା ଜୁସ ବି ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭକାରୀ। ଋତୁ ଅନୁସାରେ ମିଳୁଥିବା ଫଳ ଜୁସ ପିଇଲେ ଶରୀରକୁ ଆବଶ୍ୟକ ମୁତାବକ ପୋଷକ ତତ୍ତ୍ୱ ମିଳିଥାଏ। କିନ୍ତୁ କିଛି ଫଳ ଏମିତି ଅଛି ଯାହାର ଜୁସ ବର୍ଷର ଯେକୌଣସି ସମୟରେ ବି ପିଇଲେ ଆପଣଙ୍କ ଶରୀରକୁ ଫାଇଦା ମିଳିଥାଏ। ଆପଣ ମାନେ ତ ଆଖୁ ଖାଇଥିବେ ଆଉ ଏହାର ଜୁସ ବି ପିଇଥିବେ। ଶୀତଋତୁରେ ଏହାର ରସ ଶରୀରକୁ ପୋଷକ ଯୋଗାଇଥିବା ବେଳେ ଗରମ ଦିନରେ ଏହା ଥଣ୍ଡା ରଖିଥାଏ। ଖାଲି ସେତିକି ନୁହେଁ ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ। ଆଉ ସବୁଠୁ ବଡ କଥା ହେଉଛି ଆଖୁରସରେ ଫ୍ୟାଟ ଖୁବ କମ ପରିମାଣରେ ଥାଏ। ତେବେ ଆସନ୍ତୁ ଆଖୁର ଆଉ କିଛି ଉପକାରୀ ଗୁଣ ବିଷୟରେ ଜାଣିବା।

ଆଖୁରସରେ କିଛି ଲେମ୍ବୁରସ ସହ ହାଲୁକା ସୈନ୍ଧବ ଲବଣ ମିଶାଇ ପିଇଲେ ଶରୀରକୁ ଏନର୍ଜି ମିଳିଥାଏ | ଆଉ ମଧ ଆଖୁରେ ପ୍ରଚୁର ପରିମାଣରେ ଫାଇବର ଥାଏ। ଏହା ସହ ଫ୍ରେସ ଆଖୁ ରସ ପିଇଲେ ଜଣ୍ଡିସ, ଆନିମିଆ, ଏସିଡ଼ିଟି ପରି ରୋଗରୁ ମୁକ୍ତି ମିଳିଥାଏ । ପେଟ ସମ୍ବନ୍ଧୀୟ ରୋଗ ପାଇଁ ମଧ ଲାଭକାରୀ ହୋଇଥାଏ। ଆଖୁରେ ପ୍ରଚୁର ଗ୍ଲୁକୋଜ ଥିବାରୁ ଏହା ଶରୀରର ଗ୍ଲୁକୋଜକୁ ବାଲାନ୍ସ କରିଥାଏ। ତେଣୁ ଏହାକୁ ଡାଇବେଟିସ ରୋଗୀ ମାନେ ମଧ ପିଇପାରିବେ। ଆଉ ଏଥିରେ କୌଣସି ପ୍ରକାର କେମିକାଲ ନଥାଏ। ଯାହା ପ୍ରାକୃତିକ ମିଠାରେ ପରିପୂର୍ଣ୍ଣ। ଏହା ବ୍ୟତୀତ ଅନେକ ବଡ ବଡ ରୋଗ ପାଇଁ ଆଖୁରସ ଗୁଣକାରୀ ବୋଲି ବୈଜ୍ଞାନିକ ମାନେ ମତ ଦେଇଛନ୍ତି।



ଜଣ୍ଡିଜ ରୋଗୀ ମାନେ ନିୟମିତ ଭାବରେ ଏହାର ରସ ପିଇଲେ ସେମାନଙ୍କ ଲିଭର ସୁସ୍ଥ ରହିଥାଏ। ଯାହାକୁ ଲିଭରର ସଂଜୀବନୀ ଭାବେ ପ୍ରମାଣିତ ହୋଇଛି। ଆଖୁ ରସ ଇମ୍ୟୁନିଟି ବୃଦ୍ଧି କରିବା ସହ ଓଜନ କମ କରିବାରେ ସାହାଯ୍ୟ କରିଥାଏ। ଖୁବ କମ ଲୋକ ଜାଣନ୍ତି ଆଖୁ ରସ ତ୍ୱଚାରେ ଚମକ ଆଣିପାରେ। ଆଖୁ ରସ ପିଇବା ଦ୍ୱାରା ବ୍ରଣ ଆଦିରୁ ମଧ ମୁକ୍ତି ମିଳିଥାଏ। ଆଖୁରସ ପିଇଲେ ଏହା ରକ୍ତ ସଫା କରିବା ସହ ଏଥିରେ ଥିବା କ୍ୟାଲସିୟମ, ମ୍ୟାଗନେସିୟମ, ଫସରଫରସ, ଆଇରନ, ପୋଟାସିୟମ ଆମ ହାଡ ମଜବୁତ କରିଥାଏ।

# ଅଧିକ ଫେସିଆଲ୍ କରୁଥିଲେ, ସାବଧାନ



ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିବା ପାଇଁ ମହିଳାମାନେ ପାର୍ଲରରେ ଫେସିଆଲ୍ କରିଥା'ନ୍ତି। ଫେସିଆଲ୍ କଲେ ମୁହଁର ଗ୍ଲୋ ବିଥାଏ। କିନ୍ତୁ କ'ଣ ଆପଣ ଜାଣିଛନ୍ତି କି, ଅଧିକ ଫେସିଆଲ୍ କଲେ ଆପଣଙ୍କ ତ୍ୱଚା ଖରାପ ହୋଇପାରେ। ତା'ହେଲେ ଆସନ୍ତୁ ଜାଣିବା ଆବଶ୍ୟକତାଠାରୁ ଅଧିକ ଫେସିଆଲ୍ କଲେ ତ୍ୱଚାକୁ କେଉଁସବୁ କ୍ଷତି ପହଞ୍ଚିଥାଏ।

- ଫେସିଆଲ୍ ସମୟରେ ଅନେକ ପ୍ରକାରର କେମିକାଲ୍ ଥିବା କ୍ରୀମ୍ ବ୍ୟବହାର କରାଯାଇଥାଏୟ ଏହି କ୍ରୀମ୍ ସମସ୍ତଙ୍କ ମୁହଁକୁ ସୁଟ୍ କରି ନଥାଏ। ଏଥିପାଇଁ ମୁହଁ କୁଣ୍ଡାଇ ହେବା ପରି ସମସ୍ୟା ସୃଷ୍ଟି ହୋଇଥାଏ।
- ଫେସିଆଲ୍ ସମୟରେ ମୁହଁକୁ ସ୍କ୍ରବ୍ ଦ୍ୱାରା ମସାଜ୍ କରାଯାଇଥାଏୟ ଭୁଲ୍ ମସାଜ୍ ଯୋଗୁଁ ମୁହଁ ଲାଲ୍ ମଧ ପଡ଼ିଥାଏ। ଏଥିରୁ ସ୍କିନ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ।
- ଫେସିଆଲ୍ ପରେ ମୁହଁରେ ଥିବା ରୋମ ଛିଦ୍ର ଖୋଲି ଯାଇଥାଏ। ଏପରିକି ତେଲିଆ। ତ୍ୱଚା ଥିବା ମହିଳାଙ୍କର ଫେସିଆଲ୍ ପରେ ବ୍ରଣ ହେବା ଏକ ସାଧାରଣ କଥା। ତେଣୁ ତେଲିଆ। ତ୍ୱଚା ଥିବା ମହିଳା ଫେସିଆଲ୍ କମ୍ କରନ୍ତୁ। ଯଦି ପାରୁଛନ୍ତି ଘରୋଇ ଉପଚାର ମାଧ୍ୟମରେ ତ୍ୱଚାର ଯତ୍ନ ନିଅନ୍ତୁ।
- ଫେସିଆଲ୍ ସମୟରେ ମୁହଁରେ ବ୍ୟବହୃତ ହେଉଥିବା ପ୍ରଡକ୍ଟ ଯୋଗୁଁ ଆଲର୍ଜିର ଆଶଙ୍କା ମଧ ବିଥାଏ। ଅଧିକ ଫେସିଆଲ୍, କଲେ ଆପଣଙ୍କ ତ୍ୱଚା ଶୁଷ୍କ ହୋଇଥାଏ। ସେଥିପାଇଁ ଫେସିଆଲ୍ କରିବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିୟମିତ ବ୍ୟବଧାନରେ ଫେସିଆଲ୍ କରନ୍ତୁ।

# ସକାଳୁ ଖାଲି ପେଟରେ ଚୋବାଇ ଖାଆନ୍ତୁ ବେଲପତ୍ର

ବର୍ତ୍ତମାନ୍ ସମୟରେ ପ୍ରାୟ ସମସ୍ତ ଲୋକେ ବ୍ୟସ୍ତବହୁଳ ଜୀବନ ଜାପନ କରୁଛନ୍ତି। ଏହି କାରଣରୁ ଲୋକେ ବିଭିନ୍ନ ସମସ୍ୟାରେ ମଧ ସମ୍ମୁଖୀନ ହେଉଛନ୍ତି। ଏଥିସହ ଅନେକ ରୋଗ ମାଡି ବସିଥାଏ। ଏପରି କିଛି ଲୋକେ ଅଛନ୍ତି, ଯେଉଁମାନେ ନିଜକୁ ଫିଟ୍ ରଖିବା ପାଇଁ ଜିମ୍ ଜାଇ ସୁସ୍ଥ ରହୁଛନ୍ତି ଏବଂ ଆଉ କିଛି ଲୋକ ମର୍ଣ୍ଣିଂ ୱାକ୍ ଯାଇ ଫିଟ୍ ରହିଥାନ୍ତି। ହେଲେ ବି ଲୋକେ ସଠିକ୍ ଭାବରେ ସୁସ୍ଥ ରହିପାରନ୍ତି ନାହିଁ। ତେବେ ଆସନ୍ତୁ ଜାଣିବା କେଉଁ ଉପାୟରେ ଆମେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବା। ଶ୍ରାବଣ ମାସରେ ମହାଦେବଙ୍କୁ ବେଲପତ୍ର ଚଢ଼ାଯାଏ। କିନ୍ତୁ ଜାଣନ୍ତି କି, ଏହାକୁ ପ୍ରତିଦିନ ଖାଲି ପେଟରେ ଖାଇଲେ ଆପଣଙ୍କୁ କିଛି ଦୀର୍ଘ ଦିନର ସମସ୍ୟାରୁ ବି ମୁକ୍ତି ମିଳିପାରିବ। ଆସନ୍ତୁ ଜାଣିବା ସେସବୁ ସମସ୍ୟା ଆଉ ସେଥିରୁ ମୁକ୍ତି ପାଇବାରେ ବେଲପତ୍ରର ମହତ୍ତ୍ୱ ବିଷୟରେ।



ପ୍ରତିଦିନର ଦିନଚର୍ଯ୍ୟାରେ ବେଲପତ୍ର ସେବନକୁ ନିଶ୍ଚିତ ସାମିଲ କରନ୍ତୁ। ଯଦି ଏପରି କରନ୍ତି ତେବେ ଆପଣଙ୍କୁ ଏକାଧିକ ଲାଭ ମିଳିବ। ଏହାକୁ ଖାଲିପେଟରେ ଚୋବାଇ ଖାଇବା ସହ ଏହାର ଚା' ଏବଂ ଜୁସ୍ ପ୍ରସ୍ତୁତ କରି ମଧ ପିଇପାରିବେ। ବର୍ତ୍ତମାନ ଜାଣିବା କେଉଁ ରୋଗକୁ ଭଲ କରିଥାଏ ବେଲପତ୍ର।

**ମଧୁମେହ ସମସ୍ୟା:** ଆଜିକା ଦିନରେ ମଧୁମେହ ସାଧାରଣ ସ୍ୱାସ୍ଥ୍ୟଗତ ସମସ୍ୟା ଭାବେ ଉଭା ହୋଇଛି। ଏଥିପାଇଁ ଲୋକେ ପ୍ରତିଦିନ ଔଷଧ ସେବନ କରିବାକୁ ବାଧ ହେଉଛନ୍ତି। ଡାଏବେଟିସ୍ ରୋଗୀଙ୍କୁ ଖାଦ୍ୟପେୟ ଉପରେ କଟକଣା ରଖିବାକୁ ପଡ଼ିଥାଏ। ହେଲେ ପ୍ରତିଦିନ ବେଲପତ୍ର ସେବନ କଲେ ଆପଣଙ୍କ ରକ୍ତରେ ସୁଗାର ମାତ୍ରା ନିୟନ୍ତ୍ରିତ ରହିଥାଏ।

**ପାଚନ:** ଯଦି ଆପଣଙ୍କର ଖାଦ୍ୟ ହଜମ ଜନିତ ସମସ୍ୟା ବା ଏସିଡିଟି ସମସ୍ୟା ଥାଏ ତେବେ ବେଲପତ୍ର ଏଥିପାଇଁ ବହୁ ଉପଯୋଗୀ ହୋଇଥାଏ। ସକାଳୁ ଖାଲି ପେଟରେ ୩ ପାଖୁଡ଼ିଆ ୫ଟି ବେଲପତ୍ର ସହ ଦୁଇଟି ଗୋଲ ମରିଚ ବାଟି ପିଇଲେ ଆପଣଙ୍କ ଗ୍ୟାସ୍ ସମସ୍ୟା ଦୂର ହେବା ସହ ପାଚନ କ୍ରିୟା ସୁଦୃଢ଼ ହୋଇଥାଏ। ଏଥିସହ ଏଥିରେ ଅଦା ବ୍ୟବହାର ମଧ କରିପାରିବେ।

**ପେଟ ଜନିତ ସମସ୍ୟା:** ଯଦି ଆପଣଙ୍କର ପେଟ ଜନିତ ସମସ୍ୟା ଥାଏ ତେବେ ଏଥିପାଇଁ ମଧ ବେଲପତ୍ର ସବୁଠୁ ଉତ୍ତମ ଉପାୟ। ଲଗାତାର ଭାବେ ଖାଲି ପେଟରେ ବେଲପତ୍ର ଖାଇଲେ ବା ଏହାର ଜୁସ୍ ବନାଇ ପିଇଲେ ଆପଣ ପେଟରେ ଥିବା ଅନେକ ସମସ୍ୟା ଦୂର ହୋଇଥାଏ।

**ରୋଗ ପ୍ରତିରୋଧକ ଶକ୍ତି:** ବେଲପତ୍ର ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ , ଇମ୍ୟୁନିଟିକୁ ବଢାଇବାରେ ଯଥେଷ୍ଟ ସାହାଯ୍ୟ କରିଥାଏ। ଯଦି ଆପଣଙ୍କର ଏପରି ସମସ୍ୟା ହେଉଛି, ତେବେ ପ୍ରତ୍ୟେକ ଦିନ ସକାଳୁ ଖାଲି ପେଟରେ ବେଲପତ୍ର ଚୋବାଇ ଖାଆନ୍ତୁ। ଦେଖିବେ ଖୁବ୍ ଅଳ୍ପ ଦିନ ମଧ୍ୟରେ ଆପଣଙ୍କ ରେଜଲ୍ଟ।

# ବର୍ଷା ହେଲେ ସ୍କୁଲ ଗେଟ୍‌ରେ ଆଣ୍ଠୁଏ ପାଣି



ଜଗତସିଂହପୁର,୬।୯(ସଂଚାର ବ୍ୟୁରୋ): ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ର କୋଠୀ ନିମୋଳ ସ୍ଥିତ ଉତ୍କଳମଣୀ ପଣ୍ଡିତଗୋପବନ୍ଧୁ ବିଦ୍ୟାପୀଠ ୧୯୮୭ ସ୍ଥାପିତ ବିଦ୍ୟାଳୟ ସମ୍ମୁଖରେ ଲମ୍ବା ସମୟ ଧରି ପାଣି ଜମି ରହିଥିବାରୁ ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବର୍ଷା କାଳୀନ ପାଣି ନିଷ୍କାସନ ବ୍ୟବସ୍ଥା ଠିକ୍ ଭାବରେ ନଥିବାରୁ ଦିନକୁ ଦିନ ସମସ୍ୟା ଗଭୀର ହେଉଛି, ସରକାର ସ୍କୁଲ ୫ଟି ମାଧ୍ୟମ ରେ ଲକ୍ଷ ଲକ୍ଷ ଟଙ୍କା ଦେଇ ଏହି ସ୍କୁଲ ର ଭିତ୍ତିଭୂମି ସୁଦୃଢ କରିବାକୁ ଚେଷ୍ଟା କରିଥିବା ବେଳେ ଠିକାଦାର ଓ ଯନ୍ତ୍ରୀ ଙ୍କ ମଧୁ ଚନ୍ଦ୍ରିକା ରେ ହଇରାଣ ହେଉଛନ୍ତି ଶିକ୍ଷକ ଓ ଛାତ୍ର ଛାତ୍ରୀ। ଯାହାକୁ ନେଇ ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ପକ୍ଷ ରୁ ଚାପା ଉତେଜନାରେ ପ୍ରକାଶ ପାଇଛି। ସେହିଭଳି ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ବିଦ୍ୟାପୀଠ ନାମରେ ନାମିତ ହୋଇଥିବା ଏହି ସ୍କୁଲ ଟିରେ ଗୋପବନ୍ଧୁ ମୃତି ଟି ଅଂଣ୍ଠିଏ ପାଣିରେ ବୁଡି ରହିଥିବା ବେଳେ ଅବହେଳା ରେ ପଡ଼ିଛନ୍ତି ଉତ୍କଳ ମଣି ତାହା ଆମ ଓଡ଼ିଶା ର ଅସ୍ମିତା ପ୍ରତି ଅସଂମାନ ଏଥିରୁ ପ୍ରମାଣିତ ହୋଇଛି।

## କୋଠା ଅଛି, ଆନୁଷଙ୍ଗିକ ବ୍ୟବସ୍ଥା ଅଛି ; ହେଲେ ବର୍ଷ ବର୍ଷ ଧରି ଝୁଲୁଛି ତାଲା

# ଅସୁସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର



ରାୟଗଡ଼ା,୬।୯(ସଂଚାର ବ୍ୟୁରୋ): ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଅନେକ ବ୍ୟବସ୍ଥା କରାଯାଉଥିବା ଡିଣ୍ଡିମ ପିଟୁଛନ୍ତି ସରକାର। ହେଲେ ବାସ୍ତବ ଚିତ୍ର କିଛି ଭିନ୍ନ। ଦୁର୍ଗମ ଅଞ୍ଚଳରେ ବର୍ଷ ବର୍ଷ ଧରି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ବନ୍ଦ ପଡୁଛି। ଆଉ ଚୁପ୍ ବସିଛି ପ୍ରଶାସନ। ବିଲେଷୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର। ଗାଜିଙ୍ଗା ପଞ୍ଚାୟତର ପାଖାପାଖି ୬ଟି ଗାଁ ଏହା ଉପରେ ନିର୍ଭରଶୀଳ। ବାହାର ସୁନ୍ଦରତା ଦେଖି ଆପଣଙ୍କ ଲାଗୁଥିବା ଏଠାକାର ଲୋକ ଉତ୍ତମ ସ୍ୱାସ୍ଥ୍ୟସେବା ପାଉଛନ୍ତି। ହେଲେ ଆପଣଙ୍କ ଧାରଣା ଭୁଲ୍। ଦୀର୍ଘ ୩ ବର୍ଷ ହେଲାଣି ଆରୋଗ୍ୟ ମନ୍ଦିରରେ ତାଲା ଝୁଲୁଛି। ନା ଡାକ୍ତର ଆସୁଛନ୍ତି ନା ନର୍ସ। ସେମିତି ସିଗୁରୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର। କାରୁବାଇ ପଞ୍ଚାୟତର ୫ଟି ଗାଁ ନିର୍ଭର କରୁଥିବା ଏହି କେନ୍ଦ୍ରର ବି ସମାନ ଅବସ୍ଥା। ୧୦ ବର୍ଷ ହେଲାଣି ତାଲା ପଡ଼ିଛି। ଅନାବନା ଗଛ ଉଠି ଜଙ୍ଗଲ ପାଲଟିଗଲାଣି। ରଙ୍ଗ ମାରି ବିଜୁଳି ପାନୀୟ ଜଳ ବ୍ୟବସ୍ଥା କରାଯାଇଛି ହେଲେ ଡାକ୍ତରଙ୍କ ଦେଖା ନାହିଁ। ଦୁର୍ଗାପାଢୁ ଆରୋଗ୍ୟ ମନ୍ଦିରର ବି ସମାନ ଅବସ୍ଥା । ଦୀର୍ଘ ୩ ବର୍ଷ ହେଲାଣି ତାଲା ପଡ଼ିଥିବାରୁ ଅସୁବିଧା ଭୋଗୁଛନ୍ତି ଦୁର୍ଗାପାଢୁ ପଞ୍ଚାୟତର ୭ଟି ଗାଁର ଲୋକ। ଦିନ ତ ଦିନ ରାତିରେ ଯଦି କାହାର ଦେହ ଖରାପ ହୋଇଗଲେ ଲୋକଙ୍କ ମୁଣ୍ଡରେ ଚଡ଼କ ପଡ଼େ। ୧୩ କିମି ଜାର୍ଙ୍ଗଲି ଆରୋଗ୍ୟ ମନ୍ଦିରକୁ ନେବାକୁ ପଡ଼େ। ନହେଲେ ୩୫ କିମି ଦୂର ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭରସା । ସ୍ୱାସ୍ଥ୍ୟସେବା ଯୋଗାଇପାରୁନଥିବା ଏହି ବନ୍ଦ କୋଠା ଗୁଡ଼ିକୁ କାହା ସ୍ୱାର୍ଥରେ ପ୍ରତିବର୍ଷ ରଙ୍ଗ ମରା ଚାଲିଛି ତାହା ଏକ ପ୍ରଶ୍ନ ।

# ଅମୃତ କୁଟୁମର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର



ଭେଡେନ,୬।୯(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଭେଡେନ ର ଅମୃତ୍ କୁଟୁମ୍ ଭେଡେନ୍ ର ପଞ୍ଚମ ପ୍ରତିଷ୍ଠା ଦିବସ ଅବସରରେ ୫୧ତମ ରକ୍ତଦାନ୍ ଶିବିର ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିନି ଜଣ ବରିଷ୍ଠ ଆଦର୍ଶ ଶିକ୍ଷକ ଶ୍ରିମାନ୍ ଅଗ୍ନି କୁମାର୍ ପ୍ରଧାନ୍, ଶ୍ରିମାନ୍ ଘାସିରାମ୍ ଦାଶ୍ ଓ ଶ୍ରିମାନ୍ ଭିଖାରି ଚରଣ ପଧାନ୍ ଅତିଥି ଥିଲେ। ପ୍ରଥମେ ଅନୁଷ୍ଠାନର ସଭାପତି ଶ୍ରିମାନ୍ ଆନନ୍ଦ ଚନ୍ଦ୍ର ସୁନା ଓ ବରିଷ୍ଠ ସଦସ୍ୟ ଉପଦେଷ୍ଟା ଶ୍ରିମାନ୍ ଭବାନି ଶଙ୍କର୍ ପାଢି ଶ୍ରିମାନ୍ ଉପ୍ତନ୍ନ କୁମାର୍ ଭୋଇ ଓ ଶ୍ରିମାନ୍ ରୁଦ୍ରନାରାୟଣ ସାହୁ ମାଁ ସମଲେଶ୍ୱରୀ ଓ ଡକ୍ଟର୍ ସର୍ବପଲ୍ଲୀ ରାଧାକୃଷ୍ଣନ ଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପୂଜା କରି ଆନୁଷ୍ଠାନିକ ଭାବେ ରକ୍ତ ଦାନ୍ ଶିବିର କୁ ଉଦଘାଟନ କରିଥିଲେ। ପରେ ଏକ ସାଧାରଣ ସଭା ସଭାପତି ଶ୍ରିମାନ୍ ଆନନ୍ଦ ଚନ୍ଦ୍ର ସୁନା ଙ୍କର୍ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହେଲା।ପ୍ରଥମେ ତିନି ଜଣ ଗୁରୁ ଙ୍କ ପାଦ ଧୋଇ ପୂଜା କରି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଉପଢୌକନ ତଥା ମାନପତ୍ର ଦେଇ ସମ୍ମାନିତ କରାଗଲା। ତିନି ଜଣ ଗୁରୁ, ଗୁରୁ ଦିବସ ର ଗୁ ରକ୍ତ ଦାନ୍ ର ମହତ୍ୱ କୁ ବୁଝେଇ ଥିଲେ। ବରଗଡ଼ ରକ୍ତ ଭଣ୍ଡାର୍ ର କର୍ମକର୍ତ୍ତା ଅମରଜିତ୍ ମହାନ୍ତି ଶ୍ରିବସ୍ତ୍ର ସେଠ୍ ଭୁବନ ପଧାନ୍ ଓ ବୁର୍ଲା ରକ୍ତ ଭଣ୍ଡାର୍ ର ଡାକ୍ତର୍ ମନମନ୍ତ ଦାଶ ଦେବାଶିଷ ମିଶ୍ର ଲାଲୁ ବିଶ୍ୱାସ୍ ଜନକ ବେହେରା ଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ତଥା ମାନପତ୍ର ଦେଇ ମୁଖ୍ୟ ଅତିଥି ମାନେ ସମ୍ମାନିତ କରିଥିଲେ।

# କ୍ଲଷ୍ଟରସ୍ତରୀୟ ବୈଠକ ଓ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ



ବାଲିପାଟଣା,୬।୯(ସଂଚାର ବ୍ୟୁରୋ)ବାଲିପାଟଣା। ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବାଗଲପୁର ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ତୃତୀୟ କ୍ଲଷ୍ଟର ସ୍ତରୀୟ ବୈଠକ ଓ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାନହରା କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟ ଗୁଡିକର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଧାନହରା କ୍ଲଷ୍ଟର ସଂଯୋଜିକା ଝୁନି ଦେଇ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଓସେପା ସେଲ ର ନିପୁଣ ଓଡ଼ିଶା ବିଭାଗ ପକ୍ଷରୁ ସରୀତା ସାହୁ ଏବଂ ତନ୍ମୟା ଦାସ ବାଲିପାଟଣା ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭାତ କୁମାର ରଥ, ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତପନ କୁମାର ରାଉତ ଯୋଗଦେଇ ନୂତନ ଶିକ୍ଷାନିତୀ ରେ ସାମିଲ ହୋଇଥିବା ଶିଶୁ ବାଟିକା ଶ୍ରେଣୀ ସହିତ ପ୍ରାଥମିକ ଶିକ୍ଷା ଓ ନୂତନ ଶିକ୍ଷା ପ୍ରଣାଳୀ ଓ ଅନ୍ୟାନ୍ୟ ନୂତନ କରି ପ୍ରଚଳିତ ସରକାରୀ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଏସଏମସି ସଭାପତି ଅନନ୍ତ କୁମାର ଦାସ, ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଦିନବନ୍ଧୁ ମହାନ୍ତି ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବିତରଣ କରିଥିଲେ। ସୂଚନାଯୋଗ୍ୟ କି ବିଭିନ୍ନ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ଗତ ୧ ତାରିଖ ରୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ବନମାଳୀପୁର ମୟନ ୟୁନିଫର୍ମ ସଂସ୍ଥା ଦ୍ୱାରା ପ୍ରସ୍ତୁତ ପୋଷାକ ଛାତ୍ର ଛାତ୍ରୀ ଙ୍କୁ ପ୍ରଦାନ କରାଯାଇଥିଲା।

# ଶାଳପଡ଼ା ସର୍ଭିସ୍ ରାସ୍ତା ମରଣଯନ୍ତା

ଆନନ୍ଦପୁର, ୬।୮(ସଂଚାର ବ୍ୟୁରୋ): ଦିନ ଯାଉଛି କାମ ସରୁନି ପ୍ରତିଦିନ ଗଡୁଚି ମୁଣ୍ଡ। କେତେ ମୁଣ୍ଡ ଗଡ଼ିଲେ ସରକାରଙ୍କ ନିଦ ଭାଙ୍ଗିବ। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ରେ ଜାତୀୟ ରାଜପଥର ଅବସ୍ଥା ଏଭଳି। ଅନ୍ୟ ଜିଲ୍ଲା କଥା କଣ କହିବା।
ଏପଟେ ଟୋଲ ଆଦାୟ ଚାଲିଛି। କିନ୍ତୁ ଜାତୀୟ ରାଜପଥ କାମ ସରୁନି। ଜିଲ୍ଲାରୁ ଯେବେଠୁ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ସମ୍ପୂର୍ଣ୍ଣ ଭାବେ ଆନନ୍ଦପୁର କୁ ଭୁଲି ଯାଇଛନ୍ତି। ଫଳରେ ବିକାଶ ମଧ୍ୟ ଠପ୍ ହୋଇଯାଇଛି ବୋଲି ଚା ଖଟିରେ ଆଲୋଚନା ହେବା ସଙ୍ଗେ ସଙ୍ଗେ ଆନନ୍ଦପୁର ବିଧାୟକ ଆନନ୍ଦପୁର କୁ ମଧ୍ୟ ଭୁଲି ଯାଇଛନ୍ତି ବୋଲି ଆଲୋଚନା ହେଉଛି। ଓଭର ବ୍ରିଜ ନିର୍ମାଣ କରୁଥିବା ଠିକା ସଂସ୍ଥା ଧିମା ଗତିରେ କାର୍ଯ୍ୟ କରୁଥିବାରୁ ଆଜି ପର୍ଯ୍ୟନ୍ତ ଓଭର ବ୍ରିଜ ନିର୍ମାଣ ସରିଲା ନାହିଁ। ଫଳରେ ଶାଳପଡ଼ା ସର୍ଭିସ୍ ରୋଡ଼ ରେ ଭାରିଯାନ ଏବଂ ଆଇରନ ଟ୍ରକ୍ ଯିବା ହେତୁ ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ଖାଲ ସୃଷ୍ଟି ହୋଇଛି।
ରାସ୍ତା ର ଏଭଳି ପରିସ୍ଥିତି ହେତୁ ବିଭିନ୍ନ ସମୟରେ ଟ୍ରାଫିକ ଭିଡ଼ ହେଉଛି ଫଳରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯାଉଥିବା ଲୋକେ ଭିଡ଼ ରେ ଘଣ୍ଟା ଘଣ୍ଟା ଧରି ଫସି ରୋହୁଛନ୍ତି। ତେବେ ଜିଲ୍ଲା ରେ ଲଗାଣ ବର୍ଷା ଲାଗିରହିଥିବାରୁ ସଭସ ରୋଡ଼ ରେ ଜମି ରହୁଛି ଆଣ୍ଠୁଏ ଲେଖାଏଁ ପାଣି ଯାହା ଫଳରେ ହଜାର ହଜାର ସଂଖ୍ୟାର ଗାଡ଼ି ବିପଦ ସଙ୍କୁଳ ଅବସ୍ଥାରେ ଯାତାୟତ କରୁଛନ୍ତି।

# ଜୋନ ଔଷଧ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଚୟନ



ନର୍ଲା,୬।୯(ସଂଚାର ବ୍ୟୁରୋ): କଳାହାଣ୍ଡି କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଏସୋସିଏସନ ପ୍ରତି ତିନି ବର୍ଷରେ ଥରେ ନୂତନ କର୍ମକର୍ତ୍ତା ଚୟନ କରିବାର ପ୍ରକ୍ରିୟା ରହିଛି। ସେହି କ୍ରମରେ ଏବର୍ଷ ମଧ୍ୟ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ନର୍ଲାରୋଡ଼ ସ୍ଥିତ ହୋଟେଲ ଦିଶା ଠାରେ ଆୟୋଜିତ ହୋଇଥିଲା। ଏଥିରେ ନର୍ଲା ଜୋନର ସମସ୍ତ ଆଜୀବନ ସଦସ୍ୟ ଯୋଗ ଦେଇଥିଲେ। ନର୍ଲା ସ୍ଥିତ ନୀଳମାଧବ ମେଡିକାଲ ଷ୍ଟୋରର ମାଲିକ ନିକୁଞ୍ଜ ଦତ୍ତା ସ୍ୱାଗତ ଅବିଭାଷଣ ସହ ସଭା ପରିଚାଳନା କରିଥିଲେ। ପ୍ରଥମେ ଜିଲ୍ଲା ରୁ ଆସିଥିବା ନିର୍ବାଚନ ଅଧିକାରୀ ମାନସ ମହାନ୍ତି, ବିଜୟ କୁମାର ଜୈନ, ସୁଶାନ୍ତ ପାଟଜୋଷୀଙ୍କୁ ସ୍ଥାନୀୟ ସଦସ୍ୟ ମାନଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛ ଏବଂ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ପରେ ମୁଖ୍ୟ ଇଲେକ୍ସନ ଅଫିସରଙ୍କ ଦ୍ୱାରା ନୂତନ କାର୍ଯ୍ୟକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ହୃଷିକେଶ ଭୋଇ ସଂଗ୍ରାମ କେଶରୀ ଚାନ୍ଦଙ୍କ ପାଇଁ ପ୍ରସ୍ତାବ ରଖିଥିଲେ ଏବଂ ପାର୍ଥ ଦତ୍ତା ତାଙ୍କୁ ସମର୍ଥନ କରିଥିଲେ।

# କୁକେଲକୁବୁରି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ

ଲାଞ୍ଜିଗଡ଼,୬।୯(ସଂଚାର ବ୍ୟୋରୋ): ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି କ୍ଲଷ୍ଟର କୁକେଲକୁବୁରି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ କାନକୁଟୁ କ୍ଲଷ୍ଟର ସିଆରସିସି ଗୁଣମଣୀ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର, ଏବିଇଓ ସୁଜଳ ଦେବ ମୁଣ୍ଡ ଯୋଗଦେଇ ଉପସ୍ଥିତ କାନକୁଟୁ ଓ ବନ୍ଧପାରି କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ମାଁ କେ ନାମ ପେ ଏକ ପେଡ଼ ଓ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ତଥା ନିପୁଣ ସପ୍ତାହ, ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ବିଶେଷ ଭାବରେ ଦିଗଦର୍ଶନ ଦେଇଥିବାବେଳେ ଆର୍.ପି. ମହେଶ୍ୱର ନାୟକ, ମନୋଜ ଧଙ୍ଗଡ଼ା ମାଝୀ ପ୍ରମୁଖ ଏଫ୍.ଏଲ୍.ଏନ୍ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ।

# ନିର୍ଯାତନା ଆଇନକୁ ଦୁର୍ବଳ କରିବା ଷଡଯନ୍ତ୍ର ବିରୁଦ୍ଧରେ ବିଧାୟକଙ୍କୁ ଦାବିପତ୍ର



କଳାହାଣ୍ଡି,୬।୯(ସଂଚାର ବ୍ୟୁରୋ): ଗତ ୩୦ ତାରିଖ ଦିନ ଓଡିଶା ରାଜ୍ୟ ସରକାର ଆଦିବାସୀ ଓ ଦଳିତ ନିର୍ଯାତନା ଆଇନ ଉପରେ ଏକ ସଂଶୋଧନ ଜାରି କରିଛନ୍ତି। ପୂର୍ବରୁ ଏହି ଆଇନ ଅନୁସାରେ ତଦନ୍ତ ଅଧିକାରୀ ଭାବରେ ଡ଼ିଏସପି କିମ୍ବା ତଦୁର୍ଦ୍ଧ ରେଙ୍କ ର ଅଧିକାରୀ ରହୁଥିଲେ। ହେଲେ ବର୍ତମାନ ଗୃହ ବିଭାଗ ଦ୍ୱାରା ଜାରି କରିଥିବା ବିଜ୍ଞାପନ ଅନୁସାରେ ଉକ୍ତ ଦାଇତ୍ୱ ଇନ୍ସପେକ୍ଟର କିମ୍ବା ସବ ଇନ୍ସପେକ୍ଟର କରିବେ। ଏଭଳି ହେଲେ ଉକ୍ତ ଆଇନର ଗୁରୁତ୍ୱ କମିଯିବ। ଢିଲା ତଦନ୍ତ ବ୍ୟବସ୍ଥା ହେତୁ ଦୋଷୀ ମାନେ ଅଦାଲତରୁ ଖସି ଯିବାର ପୂର୍ଣ୍ଣ ସମ୍ଭାବନା ରହିଛି। ତଳ ସ୍ତରରେ ତଦନ୍ତ ଅଧିକାରୀ ମାନେ ସହଜରେ ଅନ୍ୟ ମାନଙ୍କ ଦ୍ୱାରା ପ୍ରଭାବିତ ହେବେ। ଫଳରେ ପୀଡିତ ମାନେ ଅଦାଲତ ରୁ ନ୍ୟାୟ ପାଇବାର କମ ସମ୍ଭାବନା ଅଛି ବୋଲି ଆଜି ମୂଳନୀବାସୀ ବହୁଜନ ମିଳିତ ମହାସଂଘ, ଜିଲ୍ଲା ଆଦିବାସୀ ସଂଘ, ଆଦି ବିଭିନ୍ନ ସଂଗଠନ ର କର୍ମକର୍ତ୍ତା ମାନେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଙ୍କୁ ଭେଟି ଏଭଳି ଅଭିଯୋଗ କରିଛନ୍ତି। ତାଙ୍କୁ ଦିଆଯାଇଥିବା ଦାବୀ ପତ୍ରରେ ସରକାର ଙ୍କୁ ଏହି ଦଳିତ ଆଦିବାସୀ ସ୍ୱାର୍ଥ ବିରୋଧୀ ନୀତି କୁ ସମାଲୋଚନା କରି ସେମାନେ ଆଗାମୀ ଦିନରେ ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆମେ ସମସ୍ତେ ରାଜ ରାସ୍ତା କୁ ଆସିବୁ ବୋଲି ଚେତାବନୀ ଦିଆଯାଇଛି। ଏହି ଆଇନ ଏକ କେନ୍ଦ୍ରୀୟ ଆଇନ।

# ମେଡିକାଲ୍ କଲେଜ ପ୍ରତିଷ୍ଠାରେ ଅବଦାନ ପାଇଁ ସମ୍ବର୍ଦ୍ଧନା



ଫୁଲବାଣୀ,୬।୯(ସଂଚାର ବ୍ୟୁରୋ): ଫୁଲବାଣୀରେ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପ୍ରତିଷ୍ଠା କରିବା ପାଇଁ ଯେଉଁ ସଙ୍ଗଠନ ଗୁଡିକ ଉଦ୍ୟମ କରିଥିଲେ ସେହି ସଙ୍ଗଠନ ଗୁଡିକ ର କର୍ମକର୍ତ୍ତା ଙ୍କୁ ଶୁକ୍ରବାର ବିଜେପି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ରେ ସାଂସଦ ସୁକାନ୍ତ ପାଣିଗ୍ରାହି, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଜିଲ୍ଲା ସିଟିଜେନ ଫୋରମ୍ ସଂପାଦକ, ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ୍ ସଭାପତି, ପିପୁଲ୍ସ ଫୋରମ୍ ର ଅଧକ୍ଷ ସୁନୀଲ ପଟ୍ଟନାୟକ ଙ୍କୁ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହି, ବିଧାୟକ ଉମା ଚରଣ ମଲିକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ମେଡିକାଲ୍ କଲେଜ ପ୍ରତିଷ୍ଠା ଦିଗରେ ନିରନ୍ତର ଉଦ୍ୟମ ପାଇଁ ସାମ୍ବାଦିକ ତଥା ପିପୁଲସ ଫୋରମ୍ ପ୍ରତିଷ୍ଠାତା ସଭାପତି ରାଧାମୋହନ ମହାପାତ୍ର, ବରିଷ୍ଠ ନାଗରିକ ସଙ୍ଘ ସଭାପତି ପଦ୍ମ ଚରଣ ସ୍ୱାଇଁ, ନବୀନ କିଶୋର ପଣ୍ଡା, ସମ୍ପାଦକ୍ ପ୍ରଣବ କୁମାର ମଣ୍ଡଳ, ବଂଶୀ ଧର ପଣ୍ଡା, ମେଡ଼ିକାଲ୍ କଲେଜ କ୍ରିୟନୁଷ୍ଠାନ କମିଟି ସଦସ୍ୟ ଆଇନଜୀବି ବିଜୟ କୃଷ୍ଣ ପଟ୍ଟନାୟକ, ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗକୁ କନ୍ଧମାଳ ର ବିକାଶ ଦିଗରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି ଚଳିତ ବର୍ଷ ନାମଲେଖା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା ଯାହାକି ସାଂସଦ ସୁକାନ୍ତ କୁମାର ପାଣିଗ୍ରାହି ଓ ବିଧାୟକ ଉମା ଚରଣ ମଲିକ ଙ୍କ ନିଷ୍ଠା ପର ଉଦ୍ୟମ ଯୋଗୁଁ ସମ୍ଭବ ହୋଇଥିଲା ଦୁହେଁ ମିଶି ମୁଖ୍ୟ ମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ଭେଟି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ଙ୍କୁ ଭେଟି ଆଲୋଚନକ୍ଷ କରି ଶହେ ସିଟ୍ ଲାଗି ନାମ ଲେଖା ପାଇଁ ଅନୁମତି ଆଣି ଥିଲେ।

# ବିଇଓ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ନର୍ଲା,୬।୯(ସଂଚାର ବ୍ୟୁରୋ): ନର୍ଲାର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ତପିମଣି ଜାନୀ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରି କଳାହାଣ୍ଡି ମାଟିକୁ ଗୌରବାନ୍ୱିତ କରିଛନ୍ତି। ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ସହ ଶିକ୍ଷାର ବିକାଶ ନିମିତ୍ତ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସେ ଗତ ୨୦୨୩-୨୪ ବର୍ଷରେ ରାଜ୍ୟର ଶ୍ରେଷ୍ଠ ୧୦ ଜଣ ବିଇଓଙ୍କ ମଧ୍ୟରେ ରହି ପୁରସ୍କୃତ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ମଧ୍ୟ ଉକ୍ତ ସ୍ଥାନ ବଜାୟ ରଖିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁ ଦିବସ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଶ୍ରୀ ଜାନୀ ପୁରସ୍କୃତ ହୋଇଛନ୍ତି। ଏଥିରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରସ୍କାରର ଶ୍ରେୟ ସମସ୍ତ ସହକର୍ମୀ ତଥା ବ୍ଲକର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦେବାସହ ଏହି ସ୍ୱୀକୃତିକୁ ଶିକ୍ଷା କ୍ଷେତ୍ରରେ ଆହୁରି କାର୍ଯ୍ୟ କରିବାକୁ ପ୍ରେରଣା ଓ ଦାୟିତ୍ୱ ଭାବେ ଗ୍ରହଣ କରୁଛି ବୋଲି ଶ୍ରୀ ଜାନୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତାଙ୍କୁ ବ୍ଲକ୍ ଓ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ବିଏସ୍‌ପି ରାଜ୍ୟ ସଭାପତିଙ୍କୁ ରାୟଗଡ଼ାରେ ଭବ୍ୟ ସ୍ୱାଗତ



ରାୟଗଡ଼ା,୬।୯(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ସଦର ମୋହକୁମାରେ ବହୁଜନ ସମାଜ ପାର୍ଟି (ବି.ଏସ.ପି) ପକ୍ଷରୁ ଏକ ଐତିହାସିକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାରା ଜିଲ୍ଲାରୁ ପ୍ରାୟ ପାଞ୍ଚ ହଜାରରୁ ଅଧିକ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତାମାନେ ଏକତ୍ର ହୋଇ ଏହି ସଭାରେ ଯୋଗଦେଇଥିଲେ। ଜିଲ୍ଲା ସଭାପତି ଧିମାନ ଜିତେନ୍ଦ୍ର ଜାକାସିକା (ଜିତୁ ଭାଇ)ଙ୍କ ନିର୍ଦ୍ଦେଶରେ ସମସ୍ତ ବ୍ଲକ ସଭାପତିଙ୍କ ନେତୃତ୍ୱରେ ଏହି ବିଶାଳ ଆୟୋଜନ ସଫଳ ହୋଇଥିଲା। ସ୍ଥାନୀୟ ରେଳବାଇ ଷ୍ଟେସନର ନୂତନ ରାସ୍ତାରେ କାର୍ଯ୍ୟକର୍ତ୍ତାମାନେ ଏକତ୍ର ହୋଇ ମାନ୍ୟବର ଓଡ଼ିଶା ପ୍ରଭାରୀ ଲାଲ ଜୀ ମେଧାନକର ଓ ରାଜ୍ୟ ସଭାପତି ଧିମାନ ସରୋଜ କୁମାର ନାଏକଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରି ଗରମାଗରମ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥିମାନଙ୍କୁ ଦେଖି କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ଉତ୍ସାହରେ ନାରାବାଜି କରିଥିଲେ। ଏହାପରେ ସ୍ଥାନୀୟ ପାରମ୍ପରିକ ବାଦ୍ୟ, ନାଚ ଗୀତ, ଓ ବାଣ ଫୋଟାଇ ସହରର ମୁଖ୍ୟ ରାସ୍ତା ଦେଇ ବିଶାଳ ରାଲି ଆୟୋଜନ କରାଗଲା। ଉତ୍ସବମୁଖରରେ ଆୟୋଜିତ ଏହି ରାଲି ବିଜୁ ପଟ୍ଟନାୟକ ବସ୍ ଟରମିନାଲ ପାର୍ଶ୍ୱରେ ଥିବା ଭାରତ ରତ୍ନ ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ପହଞ୍ଚିଥିଲା। ସେଠାରେ ବି.ଏସ.ପିର ରାଜ୍ୟ ଓ ଜିଲ୍ଲା ନେତୃତ୍ୱ ସହ ସମସ୍ତ କାର୍ଯ୍ୟକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରି ବାବାସାହେବଙ୍କ ପ୍ରତି ଶ୍ରଦ୍ଧା ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଜ୍ୟ ସଭାପତି ସରୋଜ କୁମାର ନାଏକ କହିଥିଲେ।

# ଈଦ ମିଲାଦୁନ୍ ନବୀ ଉପଲକ୍ଷେ ଅହମଦୀୟା ମୁସଲିମ ମହିଳା ସଂଗଠନର ସଫେଇ ଅଭିଯାନ




ସୋର,୬।୯(ସଂଚାର ବ୍ୟୁରୋ): ପବିତ୍ର ଈଦ୍ ମିଲାଦୁନ୍ ନବୀ ଉପଲକ୍ଷେ ସୋର ସ୍ଥିତ ଗାନ୍ଧିସେବାସଂଘ ପୁରୁବାଇ କନ୍ୟାଶ୍ରମ ପରିସରରେ ଅହମଦୀୟା ମୁସଲିମ ମହିଳା ସଂଗଠନର କର୍ମୀ ଓ ଗାନ୍ଧି ସେବାସଂଘ ପୁରୁବାଇ କନ୍ୟାଶ୍ରମ ସଦସ୍ୟମାନଙ୍କ ମିଳିତ ପ୍ରୟାସରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପବିତ୍ର ଈଦ୍ ଉପଲକ୍ଷେ ଅହମଦୀୟା ମୁସଲିମ ମହିଳା ସଂଗଠନର ସଦସ୍ୟମାନେ ଭୋର ସକାଳୁ ତହଜୁଦ୍ ନମାଜ ଓ ପରେ ଫଜର ନମାଜ ପାଠ କରିସାରି ୨୫ ଜଣ ମହିଳା ସଦସ୍ୟମାନେ ମିଳିତ ଭାବେ ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ସ୍ୱଚ୍ଛତା ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତଥା ସ୍ୱଚ୍ଛତା ହିଁ ସଭ୍ୟ ସମାଜର ପରିଚୟ ଅଟେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋର ଅହମଦୀୟା ମୁସଲିମ ମହିଳା ସଂଗଠନର ସଭାନେତ୍ରୀ ନବିଲା ଓ୍ୱଦୁଦ୍ ଏବଂ ଗାନ୍ଧିସେବାସଂଘ ପୁରୁବାଇ କନ୍ୟାଶ୍ରମର ଇନଚାର୍ଜ ସୁମତୀ ମହାନ୍ତି ଯୋଗ ଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ସୋର ଅହମଦୀୟା ମୁସଲିମ ମହିଳା ସଂଗଠନ ପକ୍ଷରୁ ଆଗକୁ ଏଇଭଳି ଅନେକ ଜନସେବା ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରାଯିବ ବୋଲି ସଭାନେତ୍ରୀ ସୂଚନା ଦେଇଛନ୍ତି।

# ଗୁରୁ ଦିବସରେ ସମ୍ମାନିତ ହେଲେ ଆଦିବାସୀ ଯୁବ ଶିକ୍ଷକ



ବୋରିଗୁମ୍ମା,୬।୯(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ଆଦିବାସୀ ଯୁବ ଶିକ୍ଷକ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଠାରେ ଗୁରୁଦିବସ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ବୋରିଗୁମ୍ମା ବ୍ଲକ ଟେଙ୍ଗର ଗ୍ରାମ ଉନ୍ନତୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ତଥା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ପେଣ୍ଟିଆ ଶିକ୍ଷା ପ୍ରତିନିଷ୍ଠାରସହ ସେବା ଓ ପରିଶ୍ରମ ପାଇଁ ପରିଚିତ। ଶିକ୍ଷକ ଶ୍ରୀ ପେଣ୍ଟିଆ ଗରୀବ ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀ ମାନେ କୌଣସି କାରଣରୁ ଅଧାରୁ ପାଠ ଛାଡ଼ି ଗୃହରେ ରହିଯାଉଛନ୍ତି। ଉକ୍ତ ଛାତ୍ରଛାତ୍ରୀଙ୍କୁ ସନ୍ଧାନ କରିବା ସହ ବିଦ୍ୟାଳୟରେ ପାଠପଢିବାକୁ ପ୍ରବର୍ତ୍ତାଇବା ଏବଂ ନିଜେ ସେମାନଙ୍କ ବିଦ୍ୟାଳୟରେ ପୁନର୍ବାର ନାମ ଲେଖାଇ ନିୟମିତ ପାଠ ପଢିବା ପାଇଁ ସଚେତନ କରିଥାଆନ୍ତି। ଏହିପରି ବିଜ୍ଞାନ ବିଷୟ ପାଠ୍ୟକ୍ରମ ପଢ଼ାଇବା ପାଇଁ ସ୍ଥାନୀୟ ଦେଶୀଆ(ଆସିବାସୀ) ଭାଷାକୁ ବ୍ୟବହାର କରି, ଛାତ୍ରଛାତ୍ରୀଙ୍କୁ ଆକର୍ଷିତ ସହ ଆଗ୍ରହୀ କରିଥାନ୍ତି। ଏହିପରି ତାଙ୍କର ପ୍ରଚେଷ୍ଟାରେ ଅନେକ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନିୟମିତ ଭାବେ ପାଠପଢିବାକୁ ଯାଉଛନ୍ତି ସରକାରଙ୍କ ପଞ୍ଚସଖୀ ଶିକ୍ଷା ସେତୁ ଅଧୀନରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ଶିକ୍ଷକ ଭାବରେ ସମ୍ମାନିତ କରିବା ନେଇ ଚୟନ ହୋଇଥିଲେ। ଏହି ଖବର ଜାଣିବା ପରେ ସ୍ଥାନୀୟ ଗ୍ରାମବାସୀ, ଛାତ୍ରଛାତ୍ରୀ ଏବଂ ବୁଦ୍ଧିଜୀବି ମହଲରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଡିଜେ ସାଉଣ୍ଡ ନେଲା ଜୀବନ: ଗଣେଶ ଭସାଣିବେଳେ ଯୁବକଙ୍କ ମୃତ୍ୟୁ



ରାୟଗଡା ,୬।୯(ସଂଚାର ବ୍ୟୁରୋ): ଭସାଣି ସମୟରେ ବାଜିବନି ଡିଜେ । ଟ୍ୱିନ୍ ସିଟି ପାଇଁ କଟକଣା ଲଗାଇଲା କମିସନରେଟ୍ ପୁଲିସ । ହେଲେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବେଧଡ଼କ ବାଜୁଛି ଡିଜେ। ଗଣେଶପୂଜା ଭସାଣିରେ ବାଜିଲା ଡିଜେ, ଚାଲିଗଲା ଯୁବକଙ୍କ ଜୀବନ। ଡିଜେର ତାଳେତାଳେ ନାଚିବା ସମୟରେ ଟଳିପଡ଼ିଲେ ଯୁବକ । ମୃତ ଯୁବକ ଜଣକ ହେଉଛନ୍ତି ୩୦ ବର୍ଷୀୟ ସୁରେଶ ଖରା । ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ରୟତକଲୋନି ଅଞ୍ଚଳରେ ଗଣେଶ ପୂଜା ଭସାଣିରେ ସମୟରେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି । ଗତକାଲି ବିଳମ୍ବିତ ରାତିରେ ଏପରି ଘଟଣା ଘଟିଛି। ଏହି ଘଟଣା ପରେ ପରିବାର ଲୋକେ ତାଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ଜଣାପଡ଼ିବା ପରେ ତଦନ୍ତ କରୁଛି ଟାଉନ ଥାନା ପୁଲିସ ।